



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-90 • TUESDAY • 23 SEPTEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୯୦ • ମଙ୍ଗଳବାର • ୨୩ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦





# ୨ କୋଟି ହିତାଧିକାରୀ ପାଇନାହାନ୍ତି ଆୟୁଷ୍ମାନ କାର୍ଡ

## ବିଏସ୍‌କେୱାଇରେ ବର୍ଷକ ଖର୍ଚ୍ଚ ୩୮୨୭ କୋଟି, ଆୟୁଷ୍ମାନରେ ମାତ୍ର ୧୧୧୯ କୋଟି

■ ୩.୪୬ କୋଟି ହିତାଧିକାରୀଙ୍କ ମଧ୍ୟରୁ କାର୍ଡ ପାଇଛନ୍ତି ମାତ୍ର ୧.୪୭ କୋଟି
■ କାର୍ଡ ଛପା, କଭର ଓ ବିତରଣ ପାଇଁ ୧୬ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ

ଭୁବନେଶ୍ୱର,୨୨।୯(ସମିସ): ନବୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବନ୍ଦ କରି ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କଲେ। ମାତ୍ର ୧୫ ମାସ ପରେ ବି ରାଜ୍ୟର ୨ କୋଟି ଲୋକ ଏଯାଏ ଆୟୁଷ୍ମାନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । କୌତୂହଳର କଥା ହେଉଛି ପୂର୍ବ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ବର୍ଷକୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୩୮୨୭ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆୟୁଷ୍ମାନ ଯୋଜନାରେ ଏଯାଏ ରାଜ୍ୟ ସରକାର ଏହାର ଏକ ତୃତୀୟାଂଶରୁ କମ୍ ଅର୍ଥାତ୍ ମାତ୍ର ୧୧୧୯ କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି । ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ଯୋଜନାରେ ବିଏସ୍‌କେୱାଇ କାର୍ଡକୁ ଅଚଳ କରିବାର ମୂଲ୍ୟ ବାବଦରେ ରାଜକୋଷରୁ ରାଜ୍ୟ ସରକାର ପ୍ରାୟ ୧୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଆୟୁଷ୍ମାନ୍ କାର୍ଡ ଛପା ଏବଂ ବିତରଣ ପାଇଁ ୬ କୋଟି ୨୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହିତ କାର୍ଡ କଭର କିଟ୍ ପାଇଁ ୧୦ କୋଟି ୨୫ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ମୋଟ୍ ଅର୍ଥକୁ ମିଶାଇଲେ ଏବାବଦକୁ ବର୍ତ୍ତମାନ ସୁଦ୍ଧା ୧୬ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ବିଡ଼ମ୍ବନା ହେଉଛି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି ଓ ଅବଶିଷ୍ଟ ପ୍ରାୟ ୨ କୋଟି ଲୋକଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟ ଏବେ ବି ଜାରି ରହିଛି।

ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆୟୁଷ୍ମାନ କାର୍ଡ ବାବଦକୁ କିପରି ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି, ତାହା ପଦାକୁ ଆସିଛି। ପୂର୍ବରୁ ବିଏସ୍‌କେୱାଇ ଯୋଜନାର ସ୍ମାର୍ଟ କାର୍ଡ ପ୍ରତି ଲୋକଙ୍କ ନିକଟରେ ରହିଥିଲା। ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରିଥିଲେ ବି ସେହି କାର୍ଡକୁ ମଧ୍ୟ ଆୟୁଷ୍ମାନ କାର୍ଡକୁ ପରିବର୍ତ୍ତନ କରାଯାଇ ପାରିଥାଆନ୍ତା ଓ ଚିପ୍ ଲଗା କାର୍ଡଗୁଡ଼ିକ ଅଚଳ ହୋଇ ନ ଥାନ୍ତା। ମାତ୍ର ରାଜ୍ୟ ସରକାର ନୂତନ କାର୍ଡ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବୋଝ ପଡ଼ିଥିଲେ ହେଁ ଏହା ଏଯାଏ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ।

ଅନ୍ୟପକ୍ଷରେ ଆୟୁଷ୍ମାନ କାର୍ଡ ବଣ୍ଟନ ପରଠାରୁ ପ୍ରତି ମାସରେ ଘରୋଇ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କାର ବିଲ୍ ପୈଠ କରିଛନ୍ତି ଓ ସରକାର ୨୦୨୩-୨୦୨୪ରେ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କା ବିଲ୍ ପ୍ରଦାନ କରିଛନ୍ତି ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ରାଜ୍ୟବାସୀଙ୍କୁ ନିରାଶ କରିଛି। ଆୟୁଷ୍ମାନ କାର୍ଡ ବଣ୍ଟନ ଆରମ୍ଭ ହେବାଠାରୁ ସରକାର ୪୦୫୦୪୪ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ଅଦ୍ୟାବଧି ୧୧୧୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ତତ୍କାଳୀନ ବିଜେଡି ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବାବଦରେ ରାଜ୍ୟ ସରକାର ୨୦୨୩-୨୪ରେ ୨୭୮୨ କୋଟି ଟଙ୍କା ଓ ୨୦୨୪-୨୫ରେ ୩୮୨୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ସହ ରାଜ୍ୟ ବାହାରେ ଥିବା ପଞ୍ଜିକୃତ ଚିକିତ୍ସାଳୟରେ ୨୧ ହଜାର ୩୯୪ ହିତାଧିକାରୀ ଚିକିତ୍ସା ସୁବିଧା ବାବଦକୁ ୫୫ କୋଟି ୫୫ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ତଥ୍ୟ ପ୍ରଦାନ କରିଛନ୍ତି ।

# ଆଜି ରତ୍ନଭଣ୍ଡାରକୁ ଫେରିବ ମହାପ୍ରଭୁଙ୍କ ଅଳଙ୍କାର

## ଦିଅଁ ଦର୍ଶନ ବନ୍ଦ; ଆନନ୍ଦବଜାର ଖୋଲା

ପୁରୀ, ୨୨।୯(ସମିସ): ଦୀର୍ଘ ୧୪ ମାସ ପରେ ଆସନ୍ତାକାଲି (ମଙ୍ଗଳବାର) ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର। ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ସ୍ଥାନାନ୍ତର ସମୟରେ ଆନନ୍ଦବଜାର କିନ୍ତୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାଭାବିକ ରହିବ। ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ।

ଅନ୍ୟପକ୍ଷରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି ମାର୍ଗଦର୍ଶିକାକୁ ଅନୁପାଳନ କରିବା ନେଇ ସୋମବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ (ଖଟଶେଯ ଓ ଚାଙ୍ଗଡ଼ା ଘର) ରତ୍ନ ଅଳଙ୍କାରଗୁଡ଼ିକ ସୁରକ୍ଷିତ ଭାବେ ସ୍ଥାନାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍-କମିଟି ସଦସ୍ୟ ଗଣେଶ ଦାସମହାପାତ୍ର, ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସାମିଲ ହେବେ। ମାର୍ଗଦର୍ଶିକା ଆଧାରରେ ପୂର୍ବାହ୍ଣ ୧୦ଟାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବା ସହ ଅମୃତ ବେଳା ଅନୁସାରେ ସକାଳ ୭ଟା ୧୭ରୁ ପୂର୍ବାହ୍ଣ ୧୧ଟା ୧୭ ମଧ୍ୟରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବେ।


# ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୨।୯(ସମିସ): ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏକାଡେମୀର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟକାଳ ଗତ ୨୦୨୩ ଜୁଲାଇ ୧୯ ପରଠାରୁ ଶେଷ ହୋଇଛି। ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା। ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

# ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ରାଜେନ୍ଦ୍ର ସ୍ମରଣୀୟ ହୋଇ ରହିବେ: ନବୀନ

ଭୁବନେଶ୍ୱର,୨୨।୯(ସମିସ): ଲୋକପ୍ରିୟ ରାଜନେତା ରାଜେନ୍ଦ୍ର ଢୋଲକିଆ ବିଜେଡିର ଏକ ସ୍ତମ୍ଭ ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସହ ଯୋଡ଼ି ହୋଇ ରହିବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଥିଲେ। ନୂଆପଡ଼ାର ବିକାଶ କ୍ଷେତ୍ରରେ ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସବୁଦିନ ମନେ ରହିବେ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ନୂଆପଡାରେ ଆୟୋଜିତ ଶୋକ ସଭାରେ ଶ୍ରୀ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତଃ ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୁରା କରିବାକୁ ତାଙ୍କ ପରିବାର ସହ ବିଜେଡି ଓ ସେ ନିଜେ ସମସ୍ତେ ଏକାଠି କାମ କରିବେ ବୋଲି ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।





ନୂଆପଡାର ବିକାଶରେ ସ୍ୱର୍ଗତ ଢୋଲକିଆଙ୍କ ଅବଦାନ ବିଷୟରେରେ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭିତ୍ତିଭୂମି ବିକାଶ ବିଶେଷ କରି ନୂଆପଡାରେ ବିଜୁ ଏକ୍ସପ୍ରେସ ୱେ, ପିଇବା ପାଣି ଓ ଜଳସେଚନ କ୍ଷେତ୍ରରେ ସ୍ୱର୍ଗତ ଢୋଲକିଆ ବହୁତ ଭଲ କାମ କରିଥିଲେ। ଜନଜାତି ଭାଇ ଭଉଣୀମାନଙ୍କ କଲ୍ୟାଣ ସହ ନୂଆପଡାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଢୋଲକିଆ ବାବୁଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ସେହିପରି ସମାଜସେବା କ୍ଷେତ୍ରରେ ମଧ୍ୟ ଢୋଲକିଆ ବାବୁଙ୍କ ବିଶେଷ ପରିଚୟ ଥିଲା। ଗରିବ ଲୋକଙ୍କ ବିବାହ ହେଉ ବା ଚକ୍ଷୁ ଚିକିତ୍ସା ଶିବିର ଓ ଭିନ୍ନକ୍ଷମମାନଙ୍କ ପାଇଁ ଶିବିର ଆୟୋଜନ କରି ସେ ଲୋକଙ୍କ ସେବା ଜାରି ରଖିଥିଲେ। ତାଙ୍କର ଶାନ୍ତ ସରଳ ଅମାୟିକ ଓ ନିରହଂକାର ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ସ୍ୱର୍ଗତ ଢୋଲକିଆ ଆଜି ଆମ ଭିତରେ ନାହାନ୍ତି; କିନ୍ତୁ ନୂଆପଡାର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ସେ ଲୋକଙ୍କ ପ୍ରିୟ ଥିଲେ ଏବଂ ସବୁବେଳେ ପ୍ରିୟ ହୋଇ ରହିଥିବେ ବୋଲି ନବୀନ ମତବ୍ୟକ୍ତ କରିଥିଲେ।

# ଦୁର୍ଘଟଣାରେ ବାପ-ପୁଅ ମୃତ

ଭବାନୀପାଟଣା, ୨୨।୯(ସମିସ): ନର୍ଲା ଥାନା ଅଧୀନ ଦେହେଲି ଛକ ନିକଟରେ ଏକ ବାଇକ୍ ଓ ପିକ୍-ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ତେର୍ଲୋ ଗ୍ରାମର ଗୋଟିଏ ପରିବାରର ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବୁଦ୍ଧ ବାରିକ (୩୫) ଓ ତାଙ୍କ ପୁଅ ଅର୍ଣ୍ଣବ (୧୦)।

ସୂଚନାନୁସାରେ, ସକାଳ ପ୍ରାୟ ୯ଟାରେ ସମସ୍ତେ ଏକ ବାଇକ୍‌ରେ ନର୍ଲା ଆସୁଥିଲେ। ଦେହେଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ବୁଦ୍ଧ ଓ ଅର୍ଣ୍ଣବଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ମା'-ଝିଅଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଦୁଇଜଣଙ୍କ ଅବସ୍ଥା ସ୍ଥିର ଅଛି ବୋଲି ସିଡିଏମ୍‌ଓ ଡା. ନୀହାରେନ୍ଦ୍ର ପଣ୍ଡା କହିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ।

# କାନ୍ଥ ପଡ଼ି ବାପା-ମା' ମୃତ, ଝିଅ ଗୁରୁତର

ବସ୍ତା ବ୍ଲକ, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ପଡ଼ି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଗ୍ରାମର ପିଥ ମୁର୍ମୁ (୩୯) ଓ ତାଙ୍କ ସ୍ତ୍ରୀ ମିନତି ମୁର୍ମୁ (୩୫)। ତାଙ୍କ ଝିଅ ଲକ୍ଷ୍ମୀକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବାବେଳେ ଘରର ଗୋଟିଏ ପଟ କାନ୍ଥ ହଠାତ୍ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ପିଥ ଓ ମିନତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଝିଅ ଲକ୍ଷ୍ମୀକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଜୁଆରେ ଉଡ଼ାଇ ଦେଲେ ୫୫ ଲକ୍ଷ ସରକାରୀ ଅନୁଦାନ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୂର୍ବ ଅଧ୍ୟକ୍ଷ ଗିରଫ

ଭୁବନେଶ୍ୱର,୨୨।୯(ସମିସ): ସ୍କୁଲକୁ ଆସିଥିବା ଅନୁଦାନ ଅର୍ଥରେ ଅନଲାଇନ ଜୁଆ ଖେଳି ଗିରଫ ହୋଇଛନ୍ତି ପୂର୍ବତନ ଅଧ୍ୟକ୍ଷ। ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌମ୍ୟରଞ୍ଜନ କ୍ଷେତିଙ୍କୁ ସୋମବାର ଗିରଫ କରିଛି ଭିଜିଲାନ୍ସ। ବିଭିନ୍ନ କାର୍ଯ୍ୟ ପାଇଁ ସ୍କୁଲକୁ ଆସିଥିବା ପ୍ରାୟ ୫୫ ଲକ୍ଷ ଟଙ୍କାକୁ କ୍ଷେତି ଆତ୍ମସାତ କରିଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ କରି ତାଙ୍କୁ ଗିରଫ କରାଯାଇଛି। ୨୦୨୧ ସେପ୍ଟେମ୍ବର ୨୯ରେ କ୍ଷେତିଙ୍କୁ ବିନିକା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୧ରୁ ୨୦୨୫ ମଧ୍ୟରେ ସ୍କୁଲର ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ ଅଭିଯାନ ଏବଂ ଛାତ୍ରୀନିବାସ ପାଣ୍ଠିକୁ ୫୫ ଲକ୍ଷ ୨୬୨୦ ଟଙ୍କା ଆସିଥିଲା। କିନ୍ତୁ ସେ ଏସବୁ ଅର୍ଥକୁ ହରିଲୁଟ କରିନେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧୧ ଲକ୍ଷ ଟଙ୍କା ସେ ଡିନ୍ ପତି ଅନଲାଇନ ବେଟିଂ ଆପରେ ବିନିଯୋଗ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରି ଗିରଫ କରିଛି।

# ୨୭ ସୁଦ୍ଧା ଜିଲ୍ଲା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

## ପ୍ରତି ଜିଲ୍ଲାରେ ନିଯୁକ୍ତି ହେବେ କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୨୨।୯(ସମିସ): ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା କରିବ କଂଗ୍ରେସ। ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ଜିଲ୍ଲାସଭାପତି ପାଇଁ ଏଆଇସିସି ପର୍ଯ୍ୟବେକ୍ଷକମାନେ ଯେଉଁ ୩ଟି ଲେଖାଏ ନାମ ସୁପାରିସ କରିଛନ୍ତି, ସେଥିରୁ ଗୋଟିଏ ନାମରେ ମୋହର ମାରିବେ ଏଆଇସିସି କର୍ତ୍ତୃପକ୍ଷ। ସୋମବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନଠାରେ ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକ, ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ ଏହି ଆଲୋଚନାରେ ଓଡ଼ିଶା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଆବଣ୍ଟିତ ଜିଲ୍ଲାର ଦଳୀୟ ପଦାଧିକାରୀ ଓ ସାମାଜିକ ଗୋଷ୍ଠୀଙ୍କ ସହିତ ଆଲୋଚନା ପରେ ସେମାନେ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ସେମାନେ ବିଭିନ୍ନ ଜିଲ୍ଲାର ସାମାଜିକ-ରାଜନୈତିକ ଦୃଶ୍ୟପଟ ଏବଂ ଜିଲ୍ଲାର କଂଗ୍ରେସ ସ୍ଥିତି ଆଦିର ବିଶ୍ଳେଷଣ କରି ତଥ୍ୟ ରଖିଛନ୍ତି। ଏଗୁଡ଼ିକୁ ଆଧାର କରି ଜିଲ୍ଲାସଭାପତିଙ୍କ ନାଁ ଉପରେ ମୋହର ବାଜିବ । ସମ୍ଭବତଃ ତାଲିକା ପ୍ରଥମ ସ୍ଥାନରେ ଯାହା ନାମ ସୁପାରିସ୍ କରାଯାଇଛି, ତାଙ୍କୁ ଜିଲ୍ଲାସଭାପତି ଭାବେ ଦାୟିତ୍ୱ ମିଳିବ। ଏହାସହିତ ଅନ୍ୟ ଯେଉଁ ଦୁଇ ଜଣଙ୍କ ନାଁ ତାଲିକାରେ ରହିଛି, ଯଦି ପିସିସି ସଭାପତି ଚାହିଁବେ ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇପାରିବେ।

ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଛନ୍ତି। ଏବେ ଏଆଇସିସି ଉକ୍ତ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମରେ ମୋହର ମାରିବା ସହ କେବଳ ଘୋଷଣା କରିବାକୁ ବାକି ରହିଛି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକାନଗିରି, ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ମାଓଗଡ଼ ଭାବେ ପରିଚିତ ଦୁର୍ଗମ ଅବୁଝମାଡ଼ ଜଙ୍ଗଲରେ ଡିଆରଜି, ଏସଟିଏଫ ଓ କୋବ୍ରା ବାହିନୀ ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନଙ୍କ ପକ୍ଷରୁ ମଧ୍ୟ ଏହାର ପାଲଟା ଜବାବ ଦିଆଯାଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପରେ ଅଞ୍ଚଳରେ ପୁନଃ ତଲାସି ବେଳେ ଯବାନମାନେ ଦୁଇ ମାଓବାଦୀଙ୍କ ମରଶରୀର, ଏକେ-୪୭ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛନ୍ତି।


# ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା; ୩ ଅଟକ

## ନାଳରୁ ଉଦ୍ଧାର ହେଲା ଗଳିତ ମୃତଦେହ

ତେଲକୋଇ, ୨୨।୯(ସମିସ): ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ୍ ରାଣୀବେଡ଼ା ସଂରକ୍ଷିତ ଜଙ୍ଗଲରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆଜି ସ୍ଥାନୀୟ କାଉବସା ନାଳ ନିକଟରୁ ବନ ବିଭାଗ ଉକ୍ତ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ହାତୀଟିର ବୟସ ୮ରୁ ୧୦ବର୍ଷ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗୋକୁଳ ଜୁଆଙ୍ଗ (୪୨) ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ୨ଅଭିଯୁକ୍ତ ଇନ୍ଦ୍ରମଣି ଜୁଆଙ୍ଗ (୫୬) ଓ ଗଣେଶ ଜୁଆଙ୍ଗ(୨୫)କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି। ସମସ୍ତଙ୍କ ଘର ଟାଙ୍ଗିରୀ ଗ୍ରାମ ଦୁବନାଳୀ ସାହିରେ। ଅପରପକ୍ଷେ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି। ବନ ବିଭାଗ କହିଛି, ସୋଲାର୍ ବାଡ଼ ସ୍ଥାନରେ କରେଣ୍ଟ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି।

## ୧୪ ମାସରେ ୩୭,୬୧୧ ନାରୀ ନିର୍ଯାତନା ମାମଲା

# ଦେଢ଼ବର୍ଷରେ ୪୫୪୪ ମହିଳା ଦୁଷ୍କର୍ମର ଶିକାର




ଭୁବନେଶ୍ୱର,୨୨।୯(ସମିସ): ଗତ ୧୪ ମାସରେ ରାଜ୍ୟରେ ୩୭ ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ଏଥିରେ ୯୧୮୧ଟି ଅସଦାଚରଣ ମାମଲା ରହିଛି। ସେହିପରି ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ୪୫୪୪ ଜଣ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟକ ଅରୁଣ ସାହୁଙ୍କ ଭିନ୍ନଭିନ୍ନ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ଅବଧି ମଧ୍ୟରେ ରାଜ୍ୟରେ ୨୯୩୩ଟି ଦୁଷ୍କର୍ମ, ୧୨୭୮ଟି ଯୌନ ନିର୍ଯାତନା, ୮୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି। ସେହିପରି ୫୪୬୪ଟି ଯୌତୁକ ନିର୍ଯାତନା ମାମଲା ବିଭିନ୍ନ ଥାନାରେ ମଧ୍ୟ ରୁଜୁ କରାଯାଇଛି। ୪୫୪୪ଟି ଦୁଷ୍କର୍ମ ଘଟଣାରେ ୩୮୦୫ ଜଣ ପୁରୁଷ ଏବଂ ୫୭ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୪ ଜଣଙ୍କୁ ଦଣ୍ଡବିଦାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ମହିଳା ଅସଦାଚରଣ ମାମଲା ବୃଦ୍ଧି ପାଇଛି। ୪୪ଟି ଯୌତୁକ ଜନିତ ଆତ୍ମହତ୍ୟା, ୨୧୬୧ଟି ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର, ୧୨୭୮ ଯୌନ ନିର୍ଯାତନା, ୨୨୪ ଶାରିରୀକ ସମ୍ପର୍କ ରଖି ବିବାହ ନ କରିବା ଆଦି ମାମଲା ରୁଜୁ ହୋଇଛି ।


# ୧୫ ମାସରେ ୧୫ ଆତ୍ମାହୁତି

ଭୁବନେଶ୍ୱର, ୨୨।୯(ସମିସ): ରାଜ୍ୟରେ ମହିଳାବିରୋଧୀ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ୍ୟ ଢେର୍ ବଢ଼ିଛି। କିଏ ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷକରି, ଗତ ୧୫ମାସରେ ରାଜ୍ୟରେ ୧୫ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯାତନା ମାମଲା ବଢ଼ିଛି। ଏସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଲାଙ୍ଗୀ, ଜଟଣୀ, ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ତ୍ତବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ଏଥିସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍-ଅଫ୍-ଫ୍ୟାକ୍ଟ କରାଯାଇଛି। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି।



# ଜୀବନ ହାରିଛନ୍ତି ୨୨ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨।୯(ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଗତ ୧୫ ମାସ ମଧ୍ୟରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଏଭଳି ଉଦବେଗଜନକ ତଥ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏସବୁ ଆତ୍ମହତ୍ୟା ଘଟଣା ଘଟିଛି। ରାୟଗଡ଼ାରେ ସର୍ବାଧିକ ୪ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଭୁବନେଶ୍ୱରର ଏକ ବିଶ୍ୱବିଦ୍ୟାଳୟରେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।





ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ
▸କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-90 •TUESDAY •23 SEPTEMBER 2025 •PAGE-12 •₹ 6.00
•ବର୍ଷ-୪୩ •ସଂଖ୍ୟା-୯୦ •ମଙ୍ଗଳବାର •୨୩ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







## ଘାରିଛି ରାଜସ୍ୱ ଚିନ୍ତା

# ବିକ୍ରିହେବ ସରକାରୀ ଉଦ୍ୟୋଗ ଅଂଶଧନ

### ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୭ ହଜାର କୋଟି ସଂଗ୍ରହ ଲକ୍ଷ୍ୟ

### ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ଚୂଡ଼ାନ୍ତ

### ଜାରିହେବ ଓଏନ୍‌ଜିସି, ଏନ୍‌ଏଚ୍‌ପିସି, ଏଲ୍‌ଆଇସି ଆଇପିଓ




■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କିଛି ସରକାରୀ ଉଦ୍ୟୋଗ ବିକ୍ରି ହେବ, କିଛି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବ। ଅନୁରୂପ ଭାବରେ ଏଲ୍‌ଆଇସି (ଜୀବନ ବୀମା ନିଗମ), ଓଏନ୍‌ଜିସି (ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ) ଏବଂ ଏନ୍‌ଏଚ୍‌ପିସି (ଜାତୀୟ ଜଳ ବିଦ୍ୟୁତ ନିଗମ) ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଆଇପିଓ ଜାରି କରି ସରକାର ରାଜସ୍ୱ ସଂଗ୍ରହ କରିବେ ।। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଜରିଆରେ ସରକାର ୪୭ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ଓ ଏହା ୧.୨ ଲକ୍ଷ କୋଟି ଟଙ୍କା ଯାଏ ହୋଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ବିଭାଗ ସଚିବ ଅରୁଣିଶ ଚାୱାଲା ଏହି ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାୟ ଅଧଡ଼ଜନେ ସରକାରୀ କମ୍ପାନୀ ଓ ଉଦ୍ୟୋଗରୁ ଅଂଶଧନ ବା ସେୟାର ବିକ୍ରି ପାଇଁ ଯୋଜନା ରହିଥିବା ସେ କହିଛନ୍ତି।

ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହା ସହ ସରକାର ଖୁବ୍‌ଶୀଘ୍ର କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଫର ଫର ସେଲ୍ (ଓଏଫ୍‌ଏସ୍) ଘୋଷଣା କରିବେ ଓ କିଛି କମ୍ପାନୀର ଆଇପିଓ ଜାରି କରାଯିବ। ପୁଞ୍ଜି ପ୍ରତ୍ୟାହାର କରାଯିବାକୁ ଥିବା କମ୍ପାନୀ ମଧ୍ୟରେ ଓଏନ୍‌ଜିସି ଏବଂ ଏନ୍‌ଏଚ୍‌ପିସି ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନ ବିକ୍ରି ହୋଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି। ସରକାରୀ ରାଜସ୍ୱ ବୃଦ୍ଧି କରିବା ଓ ବଜାରରେ ନିବେଶକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।

ପ୍ରାକୃତିକ ସମ୍ପଦ କ୍ଷେତ୍ରର ଏକ ସରକାରୀ କମ୍ପାନୀ କିମ୍ବା ଏହାର ସହାୟକ କମ୍ପାନୀର ଚଳିତ ଆର୍ଥିକ ବର୍ଷରେ ସରକାର ▸ପୃଷ୍ଠା-୭

## ୧୦ ବର୍ଷର ତଥ୍ୟ ଆଧାରିତ ସିଏଜି ରିପୋର୍ଟ

# ୨୦୨୨-୨୩ରେ ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି



### ନବୀନଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ସିଏଜିର ମୋହର

### ଖୁସି ବ୍ୟକ୍ତ ସହ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୨।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ଦେଶବ୍ୟାପୀ ବିଭିନ୍ନ ସମୟରେ ପ୍ରଶଂସା କରାଯାଇଛି। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ରୂପାନ୍ତରିତ କରିବା ପଛରେ ନବୀନଙ୍କ ନେତୃତ୍ୱ ଏବଂ ପ୍ରଭାବୀ ଶାସନ ପ୍ରଣାଳୀ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ନବୀନଙ୍କ ଏହି ଆର୍ଥିକ ସୁପରିଚାଳନା ଉପରେ ମୋହର ମାରିଛନ୍ତି ସିଏଜି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଦେଶରେ ଶ୍ରେଷ୍ଠ ୩ ରାଜସ୍ୱ ବଳକା ରାଜ୍ୟରେ ସାମିଲ ହୋଇଛି। ୨୦୧୩-୧୪ରୁ ୧୦ ବର୍ଷର ନବୀନ ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କରି ଏଭଳି ରିପୋର୍ଟ ପ୍ରକାଶ କରିଛନ୍ତି ମହାଲେଖାକାର। ସିଏଜିଙ୍କ ଉପରୋକ୍ତ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି ନବୀନ।

ସିଏଜିଙ୍କ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟର ବଳକା ରାଜସ୍ୱ ୧୯,୪୫୬ କୋଟି ଥିଲା। ଯାହା ସମଗ୍ର ଦେଶରେ ତୃତୀୟ। ୨୦୦୦ ମସିହାରେ ନବୀନ ଓଡ଼ିଶାର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଏକ ଅଭାବୀ ତଥା ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନ ଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ଚିନ୍ତାଜନକ ରହିଥିଲା। ମାତ୍ର ନେତୃତ୍ୱ ନେବାର କିଛିବର୍ଷ ମଧ୍ୟରେ ନବୀନ ଓଡ଼ିଶାର ଅର୍ଥନୀତିକୁ ସବଳ, ▸ପୃଷ୍ଠା-୭

# ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ !




### ପୁଲିସ ମାଡ଼ରେ ଅତିଷ୍ଠ ହୋଇ ବେକରେ ବେଲ୍ଟ ବାନ୍ଧି ଝୁଲିପଡ଼ିଲେ ଅଭିଯୁକ୍ତ

### ଏସିପିଙ୍କ ସମେତ ୩ ପୁଲିସ ନିଲମ୍ବିତ

■ **କଟକ/ଚୌଦ୍ୱାର, ୨୨।୯(ସମିସ):** ପୁଲିସ ନିର୍ଯାତନା ସହି ନପାରି ହାଜତ ଭିତରେ ଝୁଲିପଡ଼ିଲେ ଅଭିଯୁକ୍ତ। ଚୌଦ୍ୱାର ଥାନା ବିରୋଧରେ ଆଜି ହାଜତ ମୃତ୍ୟୁ ଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ମୃତକ ହେଲେ, ଢେଙ୍କାନାଳ ଜିଲ୍ଲା ଶଙ୍କରପୁର ଅଞ୍ଚଳର ରସାନନ୍ଦ ନାୟକ (୩୯)। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏସିପି ବିଶ୍ୱରଂଜନ ସାହୁଙ୍କ ସମେତ ସବ୍‌ଇନ୍ସପେକ୍ଟର୍ ନିରଞ୍ଜନ ଗୋଡ଼ା ଓ କନଷ୍ଟେବଲ୍ କମଳଲୋଚନ ମାଝୀଙ୍କୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ରସାନନ୍ଦଙ୍କୁ ଏକ ବାଇକ୍ ଚୋରି ଅଭିଯୋଗରେ ଚୌଦ୍ୱାର ପୁଲିସ ଗିରଫ କରିଥିଲା। ଥାନାର ନବୀକରଣ କାର୍ଯ୍ୟ ଚାଲୁଥିବାରୁ ପୁଲିସ ତାଙ୍କୁ ବାରାକରେ ରଖି ପଚରାଉଚରା କରୁଥିଲା। ଅଧିକ ତଥ୍ୟ ହାସଲ ନିମନ୍ତେ ପୁଲିସ୍ ନିସ୍ତୁକ ପିଟିଥିଲା। ଏପରିକି, ତାଙ୍କ ଭାଇଙ୍କ ଆଖି ସାମ୍ନାରେ ପୁଲିସ ଥାନା ପଛପଟ ରୁମ୍‌ରେ ଏକ ପାଇପ୍ ଯୋଗେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲା ବୋଲି ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ପୁଲିସ ମାଡ଼ରେ ଅତିଷ୍ଠ ହୋଇ ରସାନନ୍ଦ ଗତକାଲି ବିଳମ୍ବିତ ରାତିରେ ନିଜ ପ୍ୟାଣ୍ଟରେ ପିନ୍ଧିଥିବା ବେଲ୍ଟକୁ ବେକରେ ବାନ୍ଧି ବାରାକ୍‌ରେ ଥିବା ପାଇଖାନା ଘରେ ଝୁଲି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ଥାନାରେ ଥିବା କର୍ମଚାରୀ ▸ପୃଷ୍ଠା-୭

## ବିଧାନସଭାରେ ଗର୍ଜିଲା ବିଜେଡି

# ଗୃହ ଚାଲିଲା ୭ ମିନିଟ୍

## ଧୋଇଗଲା ପ୍ରଥମାର୍ଦ୍ଧ

### 'ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ଚଳିବ ନାହିଁ' ନାରାରେ କମ୍ପିଲା ଗୃହ



**ଗୃହ ବାହାରେ ବିଜେଡିର ପ୍ରତିକ୍ରିୟା: ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି ସରକାର**

■ **ଭୁବନେଶ୍ୱର, ୨୨।୯ (ସମିସ):** ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଥିବା ଅଭିଯୋଗ କରି ସୋମବାର ପ୍ରଥମାର୍ଦ୍ଧ ଅଚଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ବାବୁରାଜକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଫଳରେ ମାତ୍ର ୭ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ, ପୋଷ୍ଟର ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ଚଳିବ ନାହିଁ, ଡବଲ ଇଞ୍ଜିନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ, ନାରାରେ ଗୃହ କମ୍ପାଇଥିଲେ। ଏହି ସମୟରେ ସନାତନ ବିଜୁଳିଙ୍କର ଏକ ତାରକା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖୁଥିବା ବେଳେ ବିଜେଡି ସଦସ୍ୟଙ୍କ ନାରାବାଜି ଯୋଗୁଁ ଏହା ଶୁଣାଯାଉ ନ ଥିଲା। ଏପଟରେ ଗୃହ ନ ଚାଲିବା ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପୋଷ୍ଟର ଦେଖାଇ ପ୍ରତିବାଦ କରିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେଡି ସଦସ୍ୟ ନିଜ ନିଜ ଆସନକୁ ନ ଫେରିବାରୁ ବାଚସ୍ପତି ଗୃହକୁ ୧୦ଟା ୩୭ ମିନିଟରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।

ବିଜେଡିର ପ୍ରତିବାଦ ସମ୍ପର୍କରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ। ପ୍ରତି ମୁହୂର୍ତ୍ତରେ ଗଣତନ୍ତ୍ରର ତଣ୍ଟି ଚିପି ଚାଲିଛନ୍ତି। କ୍ୟାବିନେଟରେ ନିଷ୍ପତ୍ତି ବଳରେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭୁଶୁଡ଼େଇ ଦେବା ପାଇଁ ▸ପୃଷ୍ଠା-୭

# କଂଗ୍ରେସର ଅନାସ୍ଥା ନୋଟିସ ଅଗ୍ରାହ୍ୟ

### ଗୃହତ୍ୟାଗ କରି ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ସଦସ୍ୟଙ୍କ ଧାରଣା



### ବାଚସ୍ପତିଙ୍କ ଜରିଆରେ ଶାସକ ଦଳ ଗଣତନ୍ତ୍ରକୁ ହତ୍ୟା କରିଛି

■ **ଭୁବନେଶ୍ୱର, ୨୨।୯ (ସମିସ):** ରାଜ୍ୟ ସରକାର ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ସୋମବାର ଅପରାହ୍ଣରେ ଏ ସଂକ୍ରାନ୍ତରେ ରୁଲିଂ ଦେଇ ବାଚସ୍ପତି କହିଛନ୍ତି ଯେ ଅନାସ୍ଥା ନୋଟିସ୍ ହସ୍ତଗତ ହେବାର ପରଦିନ ଏହାକୁ ଗୃହକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଗୃହ ସ୍ୱାଭାବିକ ନ ଥିବାରୁ ଏହା ଗୃହକୁ ଆସି ପାରି ନ ଥିଲା। ଗୃହରେ ଅଚଳାବସ୍ଥା ଯୋଗୁଁ ନୋଟିସର ଅବଧି ସରିଯାଇଥିବାରୁ ଏହାକୁ ▸ପୃଷ୍ଠା-୭

## ଉପାନ୍ତରେ ବର୍ଷା ବିଘ୍ନାତ

# ବିପଦରେ ବଣ୍ଡା, କଳିଙ୍ଗା ଘାଟି

### ବଣ୍ଡାଘାଟି ରାଜପଥ ତଳୁ ଧସିଲା ମାଟି



■ **ଖଇରପୁଟ, ୨୨।୯ (ସମିସ):** ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ବିପଦମୟ ହୋଇପଡ଼ିଛି। ଜିଲ୍ଲାର ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମାଙ୍କଡ଼ଝୋଲା ନିକଟରେ ରାସ୍ତା ତଳୁ ମାଟି ଖସିବା ଫଳରେ ଯାତାୟାତ ବିପଦପୂର୍ଣ୍ଣ ହୋଇ ପଡିଛି। ଗତ କିଛି ଦିନ ଧରି ଅବିରତ ପ୍ରବଳ ବର୍ଷା ପାଇଁ ପାହାଡ଼ରୁ ଆସୁଥିବା ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାର ତଳଭାଗ ଅତଡା ଖସିଯାଇଛି। ଫଳରେ ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି। ସୂଚନା ପାଇ ବିଡିଓ ଉମାଶଙ୍କର କୋୟା ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି। ଯଦି ବର୍ଷା ଏଭଳି ଜାରି ରୁହେ, ତେବେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି। ବିଗତ ବର୍ଷ ମଧ୍ୟ ଏହି ସ୍ଥାନରେ ମାଟି ▸ପୃଷ୍ଠା-୭

### କଳିଙ୍ଗା ଘାଟିରୁ ପୁଣି ଖସିଲା ପଥର



■ **ଜି.ଉଦୟଗିରି, ୨୨।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ରାସ୍ତା ଆଜି ପୁଣି ଧୋଇଯାଇଛି। ମଙ୍ଗଳବାର ହୋଇଥିବା ଭୂ-ସ୍ଖଳନରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ, ପ୍ରବଳ ବର୍ଷା ଯୋଗୁଁ ଆଜି ପାହାଡ଼ରୁ ବଡ଼ବଡ଼ ପଥର ଖସିବା ସହ ମାଟି ଅତଡ଼ା ଧସିଥିଲା। ଏହାସହ ପାହାଡ଼ ଉପରୁ ଅତି ଜୋର୍‌ରେ ପାଣିସ୍ରୋତ ଆସିବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଭୟରେ ଦୌଡ଼ି ପଳାଇଥିଲେ। ଏଥିରେ, ରାସ୍ତାକାମ ପାଇଁ ଗଦା ହୋଇଥିବା ବାଲି, ଗୋଡ଼ି, ମାଟି ସବୁ ଧୋଇ ହୋଇଯାଇଥିଲା। ରାସ୍ତା କାମରେ ପ୍ରତିଦିନ ବର୍ଷା ପ୍ରତିବନ୍ଧକ ସାଜୁଥିବା ବେଳେ ଆଗକୁ ଲଘୁଚାପ ଥିବାରୁ ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ିଛି।

ଅପରପକ୍ଷେ, ଭୂ-ସ୍ଖଳନକୁ ୭ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଏଭଳି ସ୍ଥିତିରେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରହିଥିଲା। ଏବେ ▸ପୃଷ୍ଠା-୭

## ଦୁଇ ଲଘୁଚାପ ଆଣୁଛି ବଡ଼ ବର୍ଷା

# ଏଥର ଫିକା ପଡ଼ିବ ପାର୍ବଣ !

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ତା' ପଛକୁ ଦାନା ବାନ୍ଧୁଛି ଆଉ ଗୋଟିଏ ଲଘୁଚାପ। ଏହା ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାଦ୍ୱାରା ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏଥର ପାର୍ବଣ ଫିକା ପଡ଼ିବାର ଆଶଙ୍କା ରହିଛି।

ସୋମବାର ସକାଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା କୋରାପୁଟରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ ଓ ସମ୍ବଲପୁରରେ ୩୯ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ଏହାସହିତ ଭଦ୍ରକ ୩୭, ବଲାଙ୍ଗିର ୨୪ ଓ ବୌଦ୍ଧରେ ୨୦ ମିମି ବର୍ଷା ରେକର୍ଡ ହୋଇଛି।

ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ କିଛି ପରିମାଣରେ ବର୍ଷା ଜାରି ରହିବ। ▸ପୃଷ୍ଠା-୭

## ଝରାବେରଣୀ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୨।୯(ସମିସ): କିଶୋରନଗର ବ୍ଲକ ଝରାବେରଣୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ) ସୁଜିତ ପ୍ରଧାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୨।୯(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଇଛି।



ଏଥିରେ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ରହିଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ଟଙ୍କା ଓ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ବ୍ଲକ କଙ୍କରେଇ ଗ୍ରାମର ଅକର୍ମ ପ୍ରଧାନଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୨୨।୯(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ।



ଶିବିରରେ ସମୁଦାୟ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୨୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ବିଶ୍ୱକର୍ମା ପୂଜା ମେଳାକୁ ଫିକାକଲା ବର୍ଷା

ଅନୁଗୋଳ,୨୨।୯(ସମିସ): ନାଲକୋ ନଗର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସମାରୋହର ସୋମବାର ଥିଲା ୬ଷ୍ଠ ଦିନ। ୫ମ ଦିନ ରବିବାର ଛୁଟିଦିନ ଥିବାରୁ ସନ୍ଧ୍ୟାରେ ମେଳାରେ ଅସମ୍ଭାଳ ଭିଡ଼ ଜମିଥିଲା। ମେଳା ଆଉ ଦୁଇଦିନ ପରେ ଶେଷ ହୋଇଯିବ। ବୁଧବାର ମେଢ଼ ବିସର୍ଜନ ହେବ ଏବଂ ମଙ୍ଗଳବାର ପଲ୍ଲୀଶ୍ରୀ ମେଳା ଉଦଯାପିତ ହେବ। ସେଥିପାଇଁ ସୋମବାର ମେଳାରେ ଭିଡ଼ ବଢ଼ିବ ବୋଲି ଆଶା କରାଯାଉଥିବା ବେଳେ ଅପରାହ୍ନ ୩ଟା ବେଳକୁ ନାଲକୋ ନଗର ଏବଂ ଆଖପାଖ ଅଞ୍ଚଳରେ ମୁଷଳ ଧାରାରେ ବର୍ଷା ହେବା ସହ ସନ୍ଧ୍ୟା ସୁଦ୍ଧା ଝିପିଝିପି ବର୍ଷା ଲାଗି ରହିଥିବାରୁ ପୂଜା ବଜାର




ଫିକା ହୋଇଯାଇଥିଲା। ବ୍ୟବସାୟୀ ମେଳା ଶେଷଦିନଗୁଡ଼ିକରେ ଭଲ ବେପାର ହେବ ବୋଲି ଆଶା ରଖିଥିବା ବେଳେ ବର୍ଷା ନିରାଶ କରିଛି। ଖାଦ୍ୟ ବ୍ୟବସାୟୀ ଗତକାଲିର ଝିପିଝିପି ବର୍ଷା ଏବଂ କାଦୁ ପଚପଚରେ କିଏ ବା ମେଳାକୁ ଆସିବ। କାଲି ପାଦ ରଖିବାକୁ ଠେଲା ପେଲା ଆଜି ଖାଁ ଖାଁ ପରିସ୍ଥିତି। ଏପରିକି କଣ୍ଟ୍ରୋଲ ରୁମ ମଞ୍ଚ, ପୂଜା କମିଟି



ଭିଡ଼ ଦେଖି ସେହି ଅନୁପାତରେ ଆଜି ସନ୍ଧ୍ୟା ପାଇଁ ଖାଦ୍ୟ ପ୍ରସ୍ତୁତ ରଖି ଚିନ୍ତାରେ ପଡ଼ିଛନ୍ତି। ମଞ୍ଚ ଚୌକି ଖାଲି ପଡ଼ିଥିବା ଦେଖାଯାଇଥିଲା। ବର୍ଷା ସମସ୍ତଙ୍କୁ ନିରାଶ କରିଛି।

## ସାମ୍ବାଦିକ ଜିତେନ୍ ମିଶ୍ରଙ୍କ ପରଲୋକ



କଣିହାଁ,୨୨।୯(ସମିସ): କଣିହାଁ ବ୍ଲକ୍ ହନୁମାନପୁର ଗ୍ରାମ ବାସିନ୍ଦା ବରିଷ୍ଠ ସାମ୍ବାଦିକ ଜିତେନ୍ ମିଶ୍ରଙ୍କର ରବିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ରାତି ପ୍ରାୟ ୯ଟାରେ ହନୁମାନପୁରସ୍ଥିତ ବାସଭବନରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବାପରେ ଶୁଭେଚ୍ଛୁ, ସହପାଠୀ, ବନ୍ଧୁ ପରିଜନ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ଝରାବେରିଣୀସ୍ଥିତ ଟିକିରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟଚରଣ ସାମଲଙ୍କ ସଭାପତିତ୍ୱରେ କଣିହାଁ ପ୍ରେସ୍ କ୍ଲବ୍ ପରିସରରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ୟୁଜେଏ ଓ ପ୍ରେସ୍ କ୍ଲବ୍ ସଦସ୍ୟ ସାମିଲ ହୋଇଥିଲେ।

## ବିଦ୍ୟୁତ ଖୁଣ୍ଟକୁ ଧକ୍କାଦେଲା ଟ୍ରକ୍; ଅନ୍ଧାରରେ ଗାଁ



କଣିହାଁ,୨୨।୯(ସମିସ): ରବିବାର ରାତିରେ କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ନାଇକାନାଳୀ ଛକ ଦେଇ ଯାଇଥିବା ୧୪୮ ନମ୍ବର ଜାତୀୟରାଜପଥ ପାଖରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଏକ ଟ୍ରକ ଧକ୍କା ଦେଇ ଓଲଟି ପଡ଼ିଛି। ଫଳରେ ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବିଦ୍ୟୁତ ସରବରାହ ବନ୍ଦ ରହିଥିବା ବେଳେ ଗାଁ ଅନ୍ଧାରରେ ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଖୁଣ୍ଟ ମରାମତି ହୋଇପାରିନାହିଁ।

**ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ**

## ଈଶ୍ୱର ପିଙ୍ଗୁଆ ରାଜ୍ୟ କାର୍ଯ୍ୟକାରୀ ସଭାପତି



ଖମାର,୨୨।୯(ସମିସ): ହୋ' ଭାଷା ଆନ୍ଦୋଳନକୁ ତୀବ୍ର କରିବା ପାଇଁ ୨୦୧୧ରେ ରାଇରଙ୍ଗପୁର ବଣସାହିସ୍ଥିତ ହୋ' ସାଂସ୍କୃତିକ ଭବନରେ ବିଭିନ୍ନ ସାମାଜିକ ସଙ୍ଗଠନକୁ ନେଇ ଅଖିଳ ଭାରତ ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଥିଲା। ସେହିଦିନଠାରୁ ହୋ' ଭାଷା ଆନ୍ଦୋଳନ ପାଇଁ ଏହି ସଙ୍ଗଠନ କାର୍ଯ୍ୟ କରିଆସୁଛି। ହୋ' ସାଂସ୍କୃତିକ ଭବନ ପରିସରରେ ରାଜ୍ୟ ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ପୁନର୍ଗଠନ କରାଯାଇଛି। ଏଥିରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ଢେଙ୍କାନାଳ ବାଲେଶ୍ୱର, ଅନୁଗୋଳ, ଭୁବନେଶ୍ୱର, କଟକ ନେତୃବୃନ୍ଦଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା। ଏଥିରେ ନୂତନ ରାଜ୍ୟ ସଭାପତି ଭାବେ ବସନ୍ତ ସିଂ ବୁଲିଉଲି, କାର୍ଯ୍ୟକାରୀ ସଭାପତି ଭାବେ ଅନୁଗୋଳ ଜିଲ୍ଲା ପାଲଲହଡ଼ାର ଈଶ୍ୱରଚନ୍ଦ୍ର ପିଙ୍ଗୁଆ ଓ ସୀତାରାମ ଚାତାରଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ଶୁକଲାଲ ପାଲେୟା, ଗୋବିନ୍ଦ ଚନ୍ଦ୍ର ଜାରିକା, ସମ୍ପାଦକ ଭାବେ ନାରଣ ପୂର୍ତ୍ତି, ସାଙ୍ଗଠନିକ ସମ୍ପାଦକ ଭାବେ ରମେଶ କୁମାର ବୁଲିଉଲି, ସହସମ୍ପାଦକ ଭାବେ ଦୁଃଶାସନ ତିରିଆ, ନରେଶ କୁମାର ହେମ୍ବ୍ରମ ଓ ପୁଷ୍ପାଞ୍ଜଳି ସିଦୁ, କୋଷାଧ୍ୟକ୍ଷ ଭାବେ କୁନା କାଣ୍ଡେୟାଙ୍ଗ, ସହ କୋଷାଧ୍ୟକ୍ଷ ଭାବେ ନନ୍ଦୀ କେରାଇ ନିର୍ବାଚିତ ହୋଇଛନ୍ତି। ବୈଠକରେ ମୟୂରଭଞ୍ଜ ଆଦିବାସୀ ହୋ' ସମାଜ ସଭାପତି ମଟକା ବିରୁଆ, ଖଗେଶ୍ୱର ପିଙ୍ଗୁଆ, ମଧୁସୂଦନ ଜାରିକା, ପୂର୍ବତନ ଜାତୀୟ ସହସମ୍ପାଦକ ଲକ୍ଷ୍ମୀଧର ସିଂଡିଉ, ଡମ୍ବରୁଧର ଜାରିକା, ଗରିୟା ଗମାଉ, କ୍ଷୀରୋଦ ହେମ୍ବ୍ରମ, ବାଗୁନ ଶୁଣ୍ଡି, ବୈଜୟନ୍ତୀ ଶୁଣ୍ଡି, ବାଦଲ ଜରାଇ, ଗଣେଶ ଗାଗରାଇ, ରାମଚନ୍ଦ୍ର ପୂର୍ତ୍ତୀ, ମିଥୁନ କାଣ୍ଡାକେଲ, ଜଟିଆ ସାଇଁ ପ୍ରମୁଖଙ୍କ ସହିତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

## ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖୀ'




ଅନୁଗୋଳ,୨୨।୯(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚେତନା ଏ ମିଶନ ଦ୍ୱାରା ମୋଟଙ୍ଗା ପିଏମଶ୍ରୀ ବୈଷୟିକ ଉଚ୍ଚ ବିଦ୍ୟାପୀଠରେ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖୀ' ଅନୁଷ୍ଠିତ ହୋଇଛି। ଏଥିରେ 'ରତୁସ୍ରାବ ସଚେତନତା ଓ ସ୍ୱଚ୍ଛତା' ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଚେତନା ମିଶନର ପ୍ରତିଷ୍ଠାତା ତଥା ମୋଟିଭେସନାଲ ସ୍ପିକର ବାଣୀ ଦେବ କର୍ମଶାଳା ସମ୍ପର୍କରେ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମାସିକ ରତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା ବୋଲି ଛାତ୍ରୀମାନଙ୍କୁ ଭିଡିଓ ଜରିଆରେ ବୁଝାଇ ଦିଆଯାଇଥିଲା। ରତୁସ୍ରାବ ସମୟରେ ଶରୀରର ଯତ୍ନ, ପରିଚ୍ଛନ୍ନତା, ହାଲୁକା ବ୍ୟାୟାମ ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚେତନା ଏ ମିସନ୍‌ର କଲ୍ୟାଣୀ ଶ୍ରୀକାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଭୋଇଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନୁଗୋଳ କଲେଜରେ ଚିତ୍ରକଳା ପ୍ରତିଯୋଗିତା



ଅନୁଗୋଳ,୨୨।୯(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ଅନସୁୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ବିକେ ସାହୁ, ଡ. ନାରାୟଣ ନାୟକ, ଡ. ଏମଆର ମିଶ୍ର, ଡ. ସ୍ମିତା ତପସ୍ୱିନୀ, ପ୍ରଫେସର ସୁଲଗ୍ନା ଚୌଧୁରୀ, ପ୍ରଫେସର ରୀନା ମାର୍ଣ୍ଡି, ପ୍ରଫେସର ଆରକେ ବେହେରା, ପ୍ରଫେସର ଏସ୍‌କେ ପ୍ରଧାନ ଓ ପ୍ରଫେସର ମନିଷା ମାଝି ମଞ୍ଚାସୀନ ଥିଲେ। ପ୍ରତିଯୋଗୀ ନିଜ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

## ମା' ବାୟାଣୀ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଛେଣ୍ଡିପଦା,୨୨।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ପାତ୍ରପଡ଼ା ପଞ୍ଚାୟତ ମା' ବାୟାଣୀ ପୀଠ ନିକଟରେ ମା' ବାୟାଣୀ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ଆଗକୁ ଏହି ପୀଠକୁ ପଲିଥିନ୍‌ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି କ୍ଲବ ସଦସ୍ୟ। ଏହି କାର୍ଯ୍ୟକ୍ରମରେ ପାତ୍ରପଡ଼ା ଗ୍ରାମର ଘନଶ୍ୟାମ ସାହୁ, ରଞ୍ଜିତ, ରାଜେଶ, ଲୁଲୁ, ରାହୁଲ, ରାଜା, ରକି, ଶୁଭ, ଓମ, ବସନ୍ତ, ନୀତୀଶ, ମାନସ, ମନୋଜ, କାହ୍ନା, ସୁବ୍ରତ, ସତ୍ୟବ୍ରତ, ରଜତ, ଶାନ୍ତନୁ, ବୁଲୁ, ରାଜୁ, ସୁମନ୍ତ, ସିଧା, ନିଲୁ ପ୍ରମୁଖ ଯୋଗଦେଇ ସଫେଇ ସହ ଚାରାରୋପଣ କରିଥିଲେ।

## ଦେଢ଼ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ



କଣିହାଁ,୨୨।୯(ସମିସ): କଣିହାଁ ବ୍ଲକ୍ ଏନଟିପିସି ଥାନା ପୁଲିସ୍ ସୋମବାର ମଧ୍ୟାହ୍ନରେ ବିଜିଗୋଳ ପାଟଣାସାହିରେ ଚଢ଼ଉ କରି କାଳୁଚରଣ ବିଶ୍ୱାଳ (୫୪)ଙ୍କ ବାସଭବନରୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୭୮ ପ୍ରକାରର ବେଆଇନ ବାଣ ଜବତ କରିଛି। ଏହି ଚଢ଼ଉ ପାଇଁ ପୁଲିସ ପକ୍ଷରୁ ଦିଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ କାଳୁଚରଣଙ୍କ ଏନଟିପିସି ଲକ୍ଷ୍ମୀବଜାରସ୍ଥିତ ତେଜରାତି ଦୋକାନରେ ଜଗିଥିବା ବେଳେ ଅନ୍ୟ ଏକ ଟିମ୍ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ସେଠାରୁ ଦେଢ଼ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରାଯାଇଥିବା ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ କହିଛନ୍ତି। ଚଢ଼ଉରେ ଏସ୍‌ଆଇ ଏମଡି ପଣ୍ଡା ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଏନେଇ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

● ବାଣ ଗୋଦାମରେ ଛେଣ୍ଡିପଦା ପୁଲିସର ଚଢ଼ଉ

## ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ



ଛେଣ୍ଡିପଦା,୨୨।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୋଶଳା ଚନ୍ଦନନଗରଠାରେ ଥିବା ବେଆଇନ ବାଣ ଗୋଦାମରେ ପୁଲିସ ଚଢ଼ଉ କରିଛି। ସେଠାରୁ ବିପୁଳ ବାଣ ଜବତ କରାଯାଇଛି। ଜବତ ବାଣର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ କହିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି।

**ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା**

## ମୋହନ ସରକାର ବିରୋଧରେ ଗର୍ଜିଲେ ମହିଳା



କଣିହାଁ,୨୨।୯(ସମିସ): କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଭବନ ସାମ୍ନାରେ ସୋମବାର ଧାରଣାରେ ବସିଲେ ଶତାଧିକ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀ। ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି, ବ୍ୟାଙ୍କ ଜରିଆରେ ଦରମା ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ୬ମାସର ବକେୟା ଦରମା ଦାବିରେ ଧାରଣା ଦେଇଛନ୍ତି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସହାୟିକା କର୍ମୀ।

କର୍ମୀମାନେ ମୋହନ ସରକାରଙ୍କ ବିରୋଧରେ ଗର୍ଜିବା ସହ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଧାରଣାରେ ବ୍ଲକରେ କାର୍ଯ୍ୟରତ ୨୭୦ ଜଣ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ସାମିଲ ହୋଇଛନ୍ତି। ଜ୍ୟୋତିର୍ମୟୀ ନାୟକ, ରୁବି ସାହୁ, ବନୋଜା ପାଳଙ୍କ ନେତୃତ୍ୱରେ ଏହି ଧାରଣା ଜାରି ରହିଛି।

## ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବିରେ ଗୋଷ୍ଠୀ ସହାୟିକା କର୍ମୀଙ୍କ ଧାରଣା



ଛେଣ୍ଡିପଦା,୨୨।୯(ସମିସ): ବିଭିନ୍ନ ଦାବି ନେି ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି ଶତାଧିକ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀ। ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି, ବ୍ୟାଙ୍କ ଖାତାରେ ଦରମା ପ୍ରଦାନ ଆଦି ଦାବି କରାଯାଇଛି। ପୂର୍ବ ସରକାର ସମୟରେ ଏହି ଗୋଷ୍ଠୀ ସହାୟିକା କର୍ମୀମାନଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ସେମାନେ ପଞ୍ଚାୟତ ଓ ବ୍ଲକ ସ୍ତରରେ ମିଶନଶକ୍ତି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କୁ କାର୍ଯ୍ୟ ଆଧାରରେ ଦରମା ଦିଆଯାଉଥିବା ବେଳେ ତାହା ପରିଶ୍ରମ ଅନୁସାରେ ବହୁତ କମ୍। ପୂର୍ବରୁ ସେମାନେ ନିର୍ଦ୍ଦିଷ୍ଟ ଦରମା ପାଉଥିବା ବେଳେ ବର୍ତ୍ତମାନ ଯେତିକି କାମକୁ ସେତିକି ଦରମା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। ଏହାକୁ ନେଇ ଶତାଧିକ ଗୋଷ୍ଠୀ ସହାୟିକା କର୍ମୀ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି କରିଛନ୍ତି। ଏହି ଧାରଣାରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ପ୍ରମୁଖ ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସହାୟିକା କର୍ମୀ ଧାରଣାରେ ବସିଛନ୍ତି। ସଭାପତି ଟୁନି ସାହୁ, ସାମ୍ପାଦକ ବିମଳା ସାହୁଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହେଲେ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବା ସଂଘ ତରଫରୁ ଅଭିଯୋଗ କରାଯାଇଛି।

## ୬ ଦଫା ଦାବିରେ ଜିପିଏମ୍‌ଏଫ୍ କର୍ମୀଙ୍କ ଧାରଣା



ବଅଁରପାଳ,୨୨।୯(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକର ଜିପିଏମଏଫ୍ କର୍ମୀମାନେ ୬ ଦଫା ଦାବି ନେଇ ସୋମବାର ପୂର୍ବାହ୍ନ ୯ଟାରୁ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଏହି ଗଣଧାରଣାରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ରମାନେ ସାମିଲ ହୋଇଛନ୍ତି। ବକେୟା ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଥା ବନ୍ଦ କରାଯାଇ ପୁନର୍ବାର ଦରମା ଭିତ୍ତିରେ କାର୍ଯ୍ୟ, କାର୍ଯ୍ୟ ଅନୁଯାୟୀ ବାର୍ଷିକ ଦରମା ପ୍ରଦାନ, ବ୍ୟାଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ଦରମା ପ୍ରଦାନ, ପୂର୍ବଭଳି ସ୍ଥାୟୀ ଦରମା ସହ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ପ୍ରତ୍ୟେକ ରାଜସ୍ୱ ଗ୍ରାମ ଅନୁଯାୟୀ ସିଏଲଏଫ୍ ଗଠନ ନିଷ୍ପତ୍ତିକୁ ସଂଘ ବିରୋଧ କରିବା ସହ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ବ୍ଲକର ସମସ୍ତ ୩୪୩ ସଦସ୍ୟ ସାମିଲ ହୋଇଛନ୍ତି।

**ଜବରଦଖଲରେ ଲାଗିଲା 'ନାଲିଗାର'**

# ସରକାରୀ ଜାଗା ମାଡ଼ିବସିଥିବା ଲୋକେ ଛାନିଆ

ଅନୁଗୋଳ,୨୨।୯(ସମିସ): ସହର ମଧ୍ୟରେ ଜବରଦଖଲକୁ ନେଇ ଏକ ବଡ଼ଧରଣର ପଦକ୍ଷେପ ନେବାକୁ ଯାଉଛି ଜିଲ୍ଲା ପ୍ରଶାସନ। ସୋମବାର ପୌରପାଳିକା, ତହସିଲ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଜବରଦଖଲ ଜାଗାଗୁଡ଼ିକ ଚିହ୍ନଟ କରାଯାଇ ନାଲିରଙ୍ଗ ମରାଯାଉଛି। ଏଭଳି ସ୍ଥିତିରେ ସରକାରୀ ଜାଗା ମାଡ଼ିବସିଥିବା ଲୋକେ ଛାନିଆ ହୋଇଯାଇଛନ୍ତି। ପୌରପାଳିକା ଜବରଦଖଲ ଉଚ୍ଛେଦ ପାଇଁ ଅତିଶୀଘ୍ର ପଦକ୍ଷେପ ନେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛି। ସହରର ଜନଗହଳିପୂର୍ଣ୍ଣ



ସ୍ଥାନ କାଞ୍ଚନ ବଜାରରୁ ଶାନ୍ତି ହୋଟେଲ ଛକ ଏବଂ ମାରୱାଡି ଧର୍ମଶାଳାଠାରୁ ବଜାର ଛକ ରାସ୍ତା। ଏହି ଅଞ୍ଚଳରେ ଜବରଦଖଲ ବୃଦ୍ଧି କାରଣରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ଏ ନେଇ ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନକୁ ଅନେକ ଥର ଜନସାଧାରଣଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗଗୁଡ଼ିକ ଆଧାରରେ ସୋମବାର ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ତହସିଲଦାର ଆଲୋକ ଦେହୁରୀ ଏବଂ ପୁଲିସ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରାଯାଇ ନାଲିରଙ୍ଗ ମରାଯାଇଛି।

# ଶାରଦୀୟ ନବରାତ୍ର ପୂଜା ଆରମ୍ଭ

## ● ମା' ବନଦୁର୍ଗାଙ୍କ ପୀଠ



ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ସୋମବାରଠାରୁ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ମା'ଙ୍କ ମହାସ୍ନାନ କରାଯାଇ ଶୈଳପୁତ୍ରୀ ବେଶ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରା କରାଯାଇ ମା'ଙ୍କ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି କରାଯାଇଥିଲା। ପୂଜକ କାମାକ୍ଷାପ୍ରସାଦ କରଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ରଶର୍ମା, କର୍ତ୍ତା ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ● ମା' ତାରିଣୀଙ୍କ ପୀଠ



ଢେଙ୍କାନାଳ: ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା। ପୂଜକ ଲିଙ୍ଗରାଜ ପତିଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ● କନକ ଦୁର୍ଗା ମନ୍ଦିର

ଢେଙ୍କାନାଳ : ସ୍ଥାନୀୟ ଦେଉଳସାହି ଯୁବୁଲି ଟାଉନସ୍ଥିତ ମା' କନକ ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମା'ଙ୍କ ବାଲା ତ୍ରିପୁର ସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀ ଆହୁତି କରାଯିବ।

# ଜଙ୍ଗଲ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ପଦଯାତ୍ରା

ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଏବଂ ବନଖଣ୍ଡ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଜଙ୍ଗଲ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଏକ ପ୍ରକୃତି ପଦଯାତ୍ରା ସପ୍ତଶଯ୍ୟା ଓ କପିଳାସ ବନାଞ୍ଚଳରେ ଅନୁଷ୍ଠିତ ହୋଇଛି। ଏଥିରେ ଆଇଆଇଏମସିର ଓଡ଼ିଆ ଓ



ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ବିଶେଷ କରି ଉଭୟ ବନାଞ୍ଚଳର ଜୈବବିବିଧତା, ସଂରକ୍ଷଣ ଏବଂ ଏହାର ଗୁରୁତ୍ୱ ଉପରେ ଅଭିଜ୍ଞତା ସାଉଁଟିବା ସହ ଉଭୟ ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ଫଟୋଗ୍ରାଫି ପ୍ରତିଯୋଗିତାକୁ ବିଦ୍ୟାର୍ଥୀମାନେ ପ୍ରୋତ୍ସାହିତ କରିଥିଲେ। ଡିଏଫଓ ସୁମିତ କର ଓ ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠଙ୍କ ତତ୍ତ୍ୱାବଧାନରେ ସପ୍ତଶଯ୍ୟା ବନାଞ୍ଚଳରେ ପ୍ରକୃତି ପଦଯାତ୍ରା ଚାଲିଥିବା ବେଳେ କପିଳାସ ବନାଞ୍ଚଳରେ କାର୍ଯ୍ୟକ୍ରମକୁ ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏବଂ ବନ ବିଭାଗର ଡ. ଅସିତ ଚକ୍ରବର୍ତ୍ତୀ ମାର୍ଗଦର୍ଶନ କରିଥିଲେ। ଫଟୋଗ୍ରାଫି ପ୍ରତିଯୋଗିତା ପାଇଁ ଆସନ୍ତା ୨୫ ତାରିଖ ଫଟୋ ଦାଖଲର ଶେଷ ଦିନ ରହିଥିବାରୁ ଜଙ୍ଗଲର ସୌନ୍ଦର୍ଯ୍ୟ ଓ ଏହାର ଗୁରୁତ୍ୱକୁ କ୍ୟାମେରାରେ କଏଦ କରିବା ନିମନ୍ତେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡିଏସପି ସଲିଲ କୁମାର ପ୍ରଧାନ ଏବଂ ଟ୍ରାଫିକ ହାବିଲଦାର ପ୍ରକାଶ କୁମାର ମାଝୀ ଯୋଗଦେଇ ବିଭିନ୍ନ ଟ୍ରାଫିକ ଚିହ୍ନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଗାଡ଼ି ଚଳାଇଲା ବେଳେ ହେଲମେଟ ବ୍ୟବହାର, ମାଦକଦ୍ରବ୍ୟଠାରୁ ଦୂରେଇ ରହିବା ଆଦି ବିଷୟରେ ସଚେତନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ତୋଷ ମିଶ୍ର କହିଲେ ଯେ ସେ ଦୀର୍ଘ ୨୫ ବର୍ଷ ହେବ ସାଇକଲରେ ଭାରତ ସମେତ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ଚୀନ ଆଦି ଦେଶ ପରିଭ୍ରମଣ କରି ସଡ଼କ ସୁରକ୍ଷା ବାର୍ତ୍ତା ଦେଇଆସୁଛନ୍ତି। ୧୬ରୁ ୩୦/୩୫ ବର୍ଷ ବୟସରେ ପିଲାମାନେ ଅଧିକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ପୁଲିସକୁ ସମ୍ମାନ ଦେବା ସହ ସଡ଼କ ସୁରକ୍ଷା ନିୟମ ମାନି ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟିବା ସମ୍ଭାବନା ଯଥେଷ୍ଟ କମିଯାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳର ସମସ୍ୟା ନେଇ ସାମ୍ବାଦିକ ସଂଘର ସ୍ମାରକପତ୍ର

କାମାକ୍ଷାନଗର, ୨୨।୯(ସମିସ)




କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ସମସ୍ୟା ନେଇ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ କଙ୍କଡ଼ାହାଡ଼ଠାରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କୁ ୧୩ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୧ ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକ ଭୌଗୋଳିକ ଦୃଷ୍ଟିକୋଣରୁ ୩ଟି ଜୋନ (କଙ୍କଡ଼ାହାଡ଼, ମହାବିରୋଡ୍ ଓ ବିରାସାଳ)ରେ ବିଭକ୍ତ ହୋଇଛି। ବ୍ଲକ ସଦର ମହକୁମାଠାରୁ ଘାଗରାମୁଣ୍ଡା ଦୂରତା ୪୫ କିମି ଓ ମରୁଆବିଲ ୪୦ କିମି ଦୂରରେ ଅବସ୍ଥିତ। ଅଞ୍ଚଳରେ ଅନେକ ସମସ୍ୟା ଥିବାବେଳେ ଅନେକ ଥର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିଠାରୁ ଆରମ୍ଭ କରି ଇ-ଅଭିଯୋଗ, ଟୁଇଟ ମାଧ୍ୟମରେ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କଙ୍କଡ଼ାହାଡ଼ରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଓ ଜେଏମଏଫସି ଅଦାଲତ ନ ଥିବାରୁ ମହାବିରୋଡ୍ ଥାନା ଅଞ୍ଚଳର ୧୦ ପଞ୍ଚାୟତର ଲୋକେ ପରଜଙ୍ଗ ଓ କଙ୍କଡ଼ାହାଡ଼ ଥାନା ଅଞ୍ଚଳର ୧୧ ପଞ୍ଚାୟତର ଲୋକେ କାମାକ୍ଷାନଗର ଯାଇ ଅସୁବିଧାରେ ପଡୁଛନ୍ତି। କଙ୍କଡାହାଡ଼ଠାରେ ବସଷ୍ଟାଣ୍ଡ, ମହାବିରୋଡ୍-କଙ୍କଡ଼ାହାଡ଼ ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ସରକାରୀ ବସ ସେବା, କଙ୍କଡ଼ାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ, କଙ୍କଡ଼ାହାଡ଼, ମହାବିରୋଡ୍ ଓ ବିରାସାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ ସମସ୍ୟା ସମାଧାନ, ମହାବିରୋଡ୍‌ଠାରେ ଦମକଳ କେନ୍ଦ୍ର, ମହାବିରୋଡ୍ ଅତିରିକ୍ତ କୃଷି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ, କଙ୍କଡ଼ାହାଡ଼ ଓ ମହାବିରୋଡ୍‌ରେ ନୂତନ ବିଦ୍ୟୁତ ଗ୍ରୀଡ୍ ସ୍ଥାପନ, ୧୪୯ ନମ୍ବର ଜାତୀୟ ରାଜପଥର ଭେଜିଆ ଛକରୁ ଘାଗରାମୁଣ୍ଡା ହାଇସ୍କୁଲ ଛକ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ସ୍ଥାନକୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଘୋଷଣା କରାଯାଇ ରେଡିୟମ ଷ୍ଟିକର, ସତର୍କତା ସୂଚନା ଫଳକ ସ୍ଥାପନ, ଜାତୀୟ ରାଜପଥରେ କଡ଼ାକଡ଼ି ପାଟ୍ରୋଲିଂ, ଅପହଞ୍ଚ ପୁଟିପାଳ ଗାଁରେ ପ୍ରାଥମିକ ବିଦ୍ୟାଳୟ, ବାମ ପଞ୍ଚାୟତ ପାକଟମୁଣ୍ଡା, ଗଣ୍ଡିଖୋଲ ଗ୍ରାମ ଓ ଘାଗରାମୁଣ୍ଡା ପଞ୍ଚାୟତ ମଝିକା ଓ ସୁନ୍ଦରମୁଣ୍ଡି, କାନ୍ତୁଲ ପଞ୍ଚାୟତ ପୁଟିପାଳ, ଏକୁଲ, କୋଟ, ସେକୁଲ ଗାଁରେ ମୋବାଇଲ ନେଟୱର୍କ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାର ସମାଧାନ, ଦଶୀପୁର ଉଚ୍ଚ ବିଦ୍ୟାଳୟ, ବାମ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ବିନା ବିଜ୍ଞାନ ଶିକ୍ଷକରେ ଶିକ୍ଷାଦାନ ଚାଲୁଥିବା ବେଳେ ଗତବର୍ଷ ସପ୍ତାହରେ ୩ ଦିନ ଡେପୁଟେସନ ଦିଆଯାଇଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ୬ ଦିନ ଡେପୁଟେସନ ଦେବା, ବ୍ଲକ ସଦର ମହକୁମାରେ ସିସିଟିଭି ଓ ରାସ୍ତାର ଆଲୋକୀକରଣ, ମହାବିରୋଡ୍ ଓ କଙ୍କଡ଼ାହାଡ଼ରେ ନୂତନ ବିଦ୍ୟୁତ ଗ୍ରୀଡ୍ ସ୍ଥାପନ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପସଭାପତି ଦୀପକ କୁମାର ସାହୁ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, କ୍ଷୀରୋଦ ଦେହୁରୀ, ରିତେଶ ବ୍ରହ୍ମା, ଚଗଲା ଦେହୁରୀ, ରାଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ସାଂଗଠନିକ ବୈଠକ ପାଇଁ ପ୍ରସ୍ତୁତି ବୈଠକ



କାମାକ୍ଷାନଗର, ୨୨।୯(ସମିସ): କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) କର୍ମୀମାନଙ୍କୁ ନେଇ ଆସନ୍ତା ୨୪ ତାରିଖ ହେବାକୁ ଥିବା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂଗଠନିକ ବୈଠକ ନିମନ୍ତେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ପଞ୍ଚାୟତ ଏବଂ ୱାର୍ଡରୁ କର୍ମୀମାନଙ୍କୁ ଯୋଡ଼ିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିସହ ଓଡ଼ିଶା ସରକାରଙ୍କ ମନମୁଖି କାର୍ଯ୍ୟ ପାଇଁ ମଙ୍ଗଳବାର ଦଳ ତରଫରୁ ହେବାକୁ ଥିବା ବିଧାନସଭା ଘେରଉରେ କାମାକ୍ଷାନଗର ନିର୍ବାଚମମଣ୍ଡଳୀ ତରଫରୁ କର୍ମୀମାନେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ବତନ ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, କାମାକ୍ଷାନଗର ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ଏନଏସି ସଭାପତି ନରେନ୍ଦ୍ର କୁମାର ସାହୁ, କାଉନସିଲର ସଞ୍ଜୟ କୁମାର ପରିଡ଼ା, ବନମାଳୀ ରାଉଳ ପ୍ରମୁଖ ଯୋଗଦେଇଥିଲେ।

# ସେବା ଦେବାରେ ବିଫଳ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ

## ● ଅଧିକାରୀ ମୋବାଇଲରେ ବ୍ୟସ୍ତ, ଗ୍ରାହକଙ୍କୁ ଅବହେଳା

ଢେଙ୍କାନାଳ, ୨୨।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗଦାଶିଳାସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଗ୍ରାହକଙ୍କୁ ସେବା ଦେବାରେ ବିଫଳ ହୋଇଛି। ଫଳରେ ଗ୍ରାହକ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କର୍ମଚାରୀ ଓ ଶାଖା ପରିଚାଳକ ମୋବାଇଲ ଫୋନରେ ବ୍ୟସ୍ତ ରହୁଥିବା ବେଳେ ଗ୍ରାହକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି।

ଏହି ବ୍ୟାଙ୍କ ଉପରେ ଗୁଣ୍ଡିଚାପଡ଼ା, ସିମିନଈ, ଗଦାଶିଳା, ବଳରାମପୁର, କାଶିଆଡିହ, କାଣ୍ଡବିନ୍ଧା ସହ ହିନ୍ଦୋଳ ବ୍ଲକର ସୋରତ, ଜାମୁଚକଡ଼ା, ଗଞ୍ଜରା, ବ୍ରାହ୍ମଣିଆପାଳ, ଜଗନ୍ନାଥପୁର, ବମ୍ଫା ଆଦି ଗ୍ରାମର ଅନେକ ଉପଭୋକ୍ତା ନିର୍ଭର କରନ୍ତି। ପ୍ରତିଦିନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ସୁଭଦ୍ରା, ମିଶନ ଶକ୍ତି, ବିଭିନ୍ନ ଭତ୍ତା ହିତାଧିକାରୀ ନିର୍ଭର କରିଛନ୍ତି। କିନ୍ତୁ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ଠିକ ସମୟରେ ସେବା ପାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ଏହି ଶାଖାରେ ବିଭିନ୍ନ ସ୍କୁଲ କଲେଜର ଆକାଉଣ୍ଟ ସହ ବୃତ୍ତି ପାଇଁ ଛାତ୍ରଛାତ୍ରୀ ଖାତା ଖୋଲିଥିବା ବେଳେ ସେବା ପାଉ ନ ଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରେ ସୀମିତ ସ୍ଥାନ ଯୋଗୁଁ ଗ୍ରାହକମାନେ ବାହାରେ ଅପେକ୍ଷା କରିବାକୁ ପଡୁଛି। କୌଣସି କାର୍ଯ୍ୟ ପାଇଁ ଗ୍ରାହକ ଆସିଲେ ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ସ୍ଥାନରେ କୌଣସି କର୍ମଚାରୀ ନ ଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଇଣ୍ଟରନେଟ ଥିଲେ ମଧ୍ୟ ନାହିଁ କହି ଗ୍ରାହକଙ୍କୁ ଫେରାଇ ଦିଆଯାଉଛି। ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଦୈନିକ ଲକ୍ଷ ଲକ୍ଷ ଟଙ୍କା ବ୍ୟବସାୟ କରୁଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପ୍ରତି ଗ୍ରାହକମାନେ ଦିନକୁ ଦିନ ବିମୁଖ ହେଉଛନ୍ତି। ବ୍ୟାଙ୍କର ସୁନାମ ଫେରାଇ ଆଣିବାକୁ ଏଠାରେ ନୂତନ କର୍ମଚାରୀ ନିଯୁକ୍ତି ସହ ବ୍ୟବସ୍ଥା ସୁଧାରିବାକୁ ଦାବି ହୋଇଛି। ସେହିପରି ଦଣ୍ଡିମାଳ ଅଞ୍ଚଳରେ କୌଣସି ଜାତୀୟକରଣ ବ୍ୟାଙ୍କ ନ ଥିବାରୁ ଏକ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି ହେଉଛି।

# ହିନ୍ଦୋଳ ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

ଖଜୁରିଆକଟା, ୨୨।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସହକାରୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଶ୍ୱଜିତ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବିବରଣୀ ପାଠ କରିଥିବାବେଳେ ତହସିଲଦାର ଦିଲୀପ ସେଠୀ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରା, ଅବକାରୀ ଅଧିକାରିଣୀ ମମତା ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ, ପିଡବ୍ଲ୍ୟୁଡି ଏସଡିଓ, ଅଗ୍ନିଶମ ଅଧିକାରୀ, ସମସ୍ତ



ପୂଜାକମିଟି ସଭାପତି/ସମ୍ପାଦକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅକ୍ଟୋବର ୬ରୁ ୧୬ ପର୍ଯ୍ୟନ୍ତ ପୂଜା ଆୟୋଜନ କରାଯିବ। ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ ନିମନ୍ତେ ସମସ୍ତ ପୂଜାକମିଟି ସହମତି ପ୍ରକାଶ କରିଥିଲେ। ୧୬ରେ ସାମୂହିକ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପୁଲିସ ପ୍ରଶାସନ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଜନସାଧାରଣ ସହଯୋଗ କରିବାକୁ ଉପଜିଲ୍ଲାପାଳ ଅନୁରୋଧ କରିଥିଲେ। ଏକ ମିଳିତ ପୂଜାକମିଟି ଗଠନ କରାଯିବ। ଶାନ୍ତିଶୃଙ୍ଖଳା, ପରିମଳ, ପରିବେଶ ସୁରକ୍ଷା, ଶ୍ରଦ୍ଧାଳୁଙ୍କୁ ଉତ୍ତମ ବ୍ୟବହାର, ପ୍ରଶାସନିକ ନୀତିନିୟମ ପାଳନ ସହ ଆକର୍ଷଣୀୟ ସାଜସଜ୍ଜା ଇତ୍ୟାଦିକୁ ଅନୁପାଳନ କରିଥିବା ଶ୍ରେଷ୍ଠ ପୂଜା କମିଟିକୁ ପୁରସ୍କୃତ କରାଯିବାକୁ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ପ୍ରସ୍ତାବକୁ ସମସ୍ତେ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ପ୍ରଶାସନ ପୂଜାକମିଟି ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଚଳିତବର୍ଷ ୧୬ ପୂଜାମଣ୍ଡପରେ ପୂଜା ହେଉଥିବାବେଳେ ୧୪ଟି କମିଟି ଭସାଣିରେ ଭାଗନେବେ ବୋଲି ଜଣାପଡ଼ିଛି।

# ଆମ୍ ଆଦ୍‌ମୀ ପାର୍ଟିର ଗଣଧାରଣା ଅଷ୍ଟମ ଦିନରେ

ଢେଙ୍କାନାଳ, ୨୨।୯(ସମିସ): ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆମ ଆଦମୀ ପାର୍ଟି ପକ୍ଷରୁ ଆରମ୍ଭ ହୋଇଥିବା ଗଣଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ତେବେ ଆଜିପର୍ଯ୍ୟନ୍ତ ପ୍ରସାଶନ କୌଣସି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ମୁଖ୍ୟ ଚିକିତ୍ସାଳୟ ଉପରେ ପ୍ରାୟ ୨୦ ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ଏଠାରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ରୋଗୀମାନେ ହଇରାଣ ହରକତ ହେବା ସହ କଟକ ଏସ୍‌ସିବି ଯିବାକୁ ବାଧ୍ୟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ




ନ ଥିବାରୁ ଆମ ଆଦମୀ ପାର୍ଟୀ ପକ୍ଷରୁ ଚିକିତ୍ସାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଗତ ୧୫ ତାରିଖରୁ ଧାରଣା ଦିଆଯାଇଛି। ଏଥିରେ ପାର୍ଟିର ରାଜ୍ୟ ସଙ୍ଗଠକ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛନ୍ତି। ପ୍ରଶାସନ ଓ ସରକାରଙ୍କୁ ନିଦରୁ ଉଠାଇବା ପାଇଁ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଘଣ୍ଟ ଏବଂ ଥାଳି ବଜାଇ ଚିକିତ୍ସାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପୁନର୍ବାର ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ ସଭାପତି ଏବଂ ପ୍ରତ୍ୟେକ ଜିଲ୍ଲାର ନେତୃମଣ୍ଡଳୀ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ନିମିତ୍ତ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାବାସୀ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲ୍ଲା ସଭାପତି ରମେଶ ପଣ୍ଡା, ସଦର ବ୍ଲକର ପ୍ରସନ୍ନ ବରାଳ, ପୀତାମ୍ବର ସାମନ୍ତରାୟ, ଅନୁସୂଚିତ ଜାତି କାର୍ଯ୍ୟକାରୀ ସଭାପତି ସନାତନ ନାଏକ, ବାବୁଲି ମଲିକ, ଜିଲ୍ଲା ସମ୍ପାଦକ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଧାରଣାରେ ବସିଲେ ଜିପିଏଲଏଫ କର୍ମୀ






ଢେଙ୍କାନାଳ, ୨୨।୯(ସମିସ)

ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଜିପିଏଲଏଫ କର୍ମୀ ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଉଛନ୍ତି। ରାଜ୍ୟର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଜିପିଏଲଏଫ କର୍ମୀମାନେ ନିଜ ବକେୟା ଦରମା ଏବଂ ସ୍ଥାୟୀ ନିଯୁକ୍ତି ନେଇ ଧାରଣାରେ ବସିଛନ୍ତି। ସଦର ବ୍ଲକରେ ଜିପିଏଲଏଫ ସଂଘ ସଭାପତି ନମିତା ସେଠୀଙ୍କ ନେତୃତ୍ୱରେ ୧୬୬ଜଣ କର୍ମୀ ଧାରଣା ଦେବା ସହ ସେମାନଙ୍କୁ ଗତ ଏପ୍ରିଲରୁ ବକେୟା ଥିବା ଦରମା ଏବଂ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ସେମାନେ ବାରମ୍ବାର ଦାବି ଜଣାଇ ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସୋମବାରଠାରୁ ବ୍ଲକ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଉଛନ୍ତି। କାମ ନାହିଁ ତ ଦରମା ନାହିଁ ନିଷ୍ପତ୍ତି ସରକାର ଶୁଣାଇଥିବା ବେଳେ ଇନସେନ୍‌ଟିଭ ପ୍ରଫେସନାଲ ବୋନସ ହିସାବରେ ତାଙ୍କ ପ୍ରାପ୍ୟ ଦିଆଯାଉଛି। ଯାହା ସେମାନେ ଗ୍ରହଣ କରିବାକୁ ନାରାଜ। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାଙ୍କମିତ୍ର, କୃଷିମିତ୍ର, ସିଆରପିମାନେ ନିୟୋଜିତ ହେଉଥିବା ବେଳେ ସ୍ଥାୟୀ ଦରମା ଦେବାରେ ସରକାର ଟାଳଟୁଳ ନୀତି କରୁଛନ୍ତି। ତେଣୁ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ସେମାନେ ଧାରଣା ଦେଇଥିବା ପ୍ରକାଶ କରିଛନ୍ତି।

**କାମାକ୍ଷାନଗର:** କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ମିଶନଶକ୍ତି ଗୋଷ୍ଠୀ



ସହାୟିକା କର୍ମୀମାନେ ଧାରଣାରେ ବସିଛନ୍ତି। ଏହି ଧାରଣାରେ ବ୍ଲକରେ କାର୍ଯ୍ୟରତ ୨୭୦ ଜଣ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ସାମିଲ ହୋଇଛନ୍ତି। ସଭାପତି ସରୋଜିନୀ ରାୟ, ସାମ୍ପାଦକ ସୁମତି ରାଉଳଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସୋମବାର କଙ୍କଡ଼ାହାଡ଼ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଥିବାବେଳେ ସଂଘ ତରଫରୁ ଏକ ସ୍ମାରକପତ୍ର ଦିଆଯାଇଛି। ହେଲେ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବା ସଂଘ ତରଫରୁ ଅଭିଯୋଗ ହୋଇଛି।

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସର ମିଶନ ଶକ୍ତି ଭବନ ସମ୍ମୁଖରେ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀମାନେ ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି। ବ୍ଲକରେ କାର୍ଯ୍ୟରତ ୨୯୮ ଜଣ କର୍ମୀ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**


| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.09.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା ।
-କାଲମାର୍କସ୍

ସକାଳ THE SAKALA

## ଯୋଗ୍ୟ ଓ ମେଧାଶକ୍ତିର ଅପଚୟ

ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ନାଗରିକଙ୍କ ମୌଳିକ ଆବଶ୍ୟକତା ପ୍ରତି ଉଚିତ ଧ୍ୟାନ ଦିଆଯାଇନଥିବାରୁ ରାଜ୍ୟର ଏହି ଦୁଇଟି କ୍ଷେତ୍ର ଅବହେଳିତ ଅବସ୍ଥାରେ ଅଛି । ଡାକ୍ତର ଅଭାବରୁ ରାଜ୍ୟର ଗ୍ରାମୀଣ ଜୀବନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ବ୍ୟୟବହୁଳ କର୍ପୋରେଟ ହସ୍ପିଟାଲ ଉପରେ ନିର୍ଭର କରୁଛି । ନିକଟରେ ଏହି ସମସ୍ୟା ଓ ତା'ର ସମାଧାନ ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ । ଏବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହେଉଛି । ଆମ ରାଜ୍ୟର ଛାତ୍ରଛାତ୍ରୀ ସଠିକ ଶିକ୍ଷାଦାନରୁ ବଂଚିତ ହେଉଥିବାରୁ ଜାତୀୟ ସ୍ତରରେ ନିଜ ଦକ୍ଷତା ଓ ମେଧାଶକ୍ତି ପ୍ରଦର୍ଶନ କରିପାରୁନାହାନ୍ତି । ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟସ୍ତରରେ ପ୍ରତିଯୋଗୀକ୍ଷମ ହୋଇପାରୁନାହାନ୍ତି । ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଏହି ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ପଠାଉଛନ୍ତି । ଅଧ୍ୟାପନା ପାଇଁ ଯଦି ବିଶ୍ୱବିଦ୍ୟାଳୟରେ କ୍ରମାଗତ ଶିକ୍ଷକ ଅଭାବ ବଳବତ୍ତର ରହିବ ତେବେ ଛାତ୍ରଛାତ୍ରୀଙ୍କ ନିକଟରେ ଅଧ୍ୟୟନ ଗୁରୁତ୍ୱ ହରାଇବ ଓ ସେମାନେ ସ୍ୱାଭାବିକ ଭାବେ ବିପଥଗାମୀ ହେବେ ।

ଆମେ ଏଠାରେ ସରକାରୀ ତଥ୍ୟ ଆଧାରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ କ'ଣ ସେ ସଂପର୍କରେ କିଛି ମତାମତ ଦେବାକୁ ଉଚିତ୍ ମନେ କରୁଛୁ । ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଯେ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି । ଏହା ମୋଟ ସରକାରୀ ମଞ୍ଜୁରୀ ପ୍ରାପ୍ତ ଅଧ୍ୟାପକ ପଦର ୭୮ ପ୍ରତିଶତ । ସତରେ କି ବିଚିତ୍ର ପରିସ୍ଥିତି ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବ । ଠିକା ନିଯୁକ୍ତି ଉପରେ ନିର୍ଭର କରି କର୍ତ୍ତୃପକ୍ଷ କୌଣସିପ୍ରକାରେ କାମଚଳା ବ୍ୟବସ୍ଥା ଜାରି ରଖିଛନ୍ତି । ଯେଉଁଠାରେ ବୌଦ୍ଧିକ ବିକାଶ ଓ ଗବେଷଣାର ସୁଯୋଗ ସୃଷ୍ଟି ହେବା କଥା ସେଠାରେ ଯଦି ଠିକା ଅଧ୍ୟାପନା ଉପରେ ବ୍ୟବସ୍ଥା ନିର୍ଭରଶୀଳ ହେବ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ ଜାତୀୟସ୍ତର ମାନକ ଅନୁରୂପ ହେବ କିପରି? ସଚେତନ ଅଭିଭାବକଙ୍କ ପାଇଁ ଏହା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି । ସତେଯେପରି ମନେ ହେଉଛି ସରକାର ଏହି ବିଶ୍ୱବିଦ୍ୟାଳୟ ଖୋଲିଛନ୍ତି କେବଳ ଡିଗ୍ରୀ ବାଣ୍ଟିବା ପାଇଁ, ଯାହା ସାଧାରଣ ଓ ସାମାଜିକ ଜୀବନରେ ଦିନକୁ ଦିନ ଅଲୋଡ଼ା ହୋଇପଡୁଛି ।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟର ସର୍ବପ୍ରାଚୀନ ତଥା ଗର୍ବଗୌରବ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛି ଉତ୍କଳ ବିଶ୍ୱବିଦ୍ୟାଳୟ । ରେଭେନ୍ସାରେ ୧୬୧ ଅଧ୍ୟାପକ ପଦ ପୂରଣ ହୋଇପାରୁନି । ରାଜ୍ୟରେ ଖାଲିପଡ଼ିଥିବା ଏହି ପଦବୀ ମଧ୍ୟରେ ଅଛି ୨୬୦ ପ୍ରାଧ୍ୟାପକ, ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସରକାରୀ ପ୍ରାଧ୍ୟାପକ ପଦ । ସେହିଭଳି ବିଶ୍ୱବିଦ୍ୟାଳୟ ପ୍ରଶାସନର ପ୍ରମୁଖ ଅଂଶ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଶୂନ୍ୟ ପଡ଼ିଛି । ବିଭାଗୀୟ ମନ୍ତ୍ରୀ ଏକଥା ବିଧାନସଭାରେ କହିଛନ୍ତି । ଏହି ପରିସ୍ଥିତି କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ରହିନାହିଁ । ସରକାରୀ ମହାବିଦ୍ୟାଳୟ ସ୍ଥିତି ମଧ୍ୟ ତଦ୍ରୂପ । ରାଜ୍ୟର ମୋଟ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ ଅଧ୍ୟାପକ ପଦ ଖାଲିପଡ଼ିଛି । କିନ୍ତୁ ଏହି ଅଭାବ ସତ୍ତ୍ୱେ ପାଠପଢ଼ା ଚାଲିଛି । ଯେତେଦୂର ମନେ ହୁଏ ଠିକା ବ୍ୟବସ୍ଥାରେ ଅପେକ୍ଷାକୃତ କମ ଖର୍ଚ୍ଚ ହେଉଥିବାରୁ ସରକାର ଅଧ୍ୟାପକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି । ଉଚ୍ଚ ଶିକ୍ଷା କ୍ଷେତ୍ର ମଧ୍ୟ କାମଚଳା ବ୍ୟବସ୍ଥାରେ ଚାଲିଛି । ଯୋଗ୍ୟ ଓ ମେଧା ଶକ୍ତିର ଅପଚୟ ପାଇଁ ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

## ନିରର୍ଥକ ପ୍ରୟାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୁଣି ଥରେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇଛନ୍ତି । ଭାରତ-ପାକିସ୍ତାନ ସମେତ ୬ଟି ଯୁଦ୍ଧକୁ ରୋକିବାରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରୁ ସଫଳତା ମିଳିଛି । ତାଙ୍କ ଦାବିର ଯଥାର୍ଥତାକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମରିକ ଉତ୍ତେଜନାକୁ ସେ ଯୁଦ୍ଧର ମାନ୍ୟତା ଦେଇ ବାଗାଡ଼ମ୍ବର କରିଛନ୍ତି । 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଏପର୍ଯ୍ୟନ୍ତ ଅସ୍ୱୀକାର କରି ଆସିଥିବା ବେଳେ ନିକଟରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ତାହାକୁ ଖଣ୍ଡନ କରିଛନ୍ତି । ଅଥଚ ସେ ନିଜେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିବା ୭୦୦ ଦିନ ଧରି ଗାଜା ବିରୋଧରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଏବଂ ୧୩୦୦ ଦିନରୁ ଊର୍ଦ୍ଧ୍ୱକାଳ ଧରି ରୁଷିଆ – ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ବିଫଳତା ସଂପର୍କରେ ନିରବ ରହିଛନ୍ତି । ଗାଜାରେ ଗଣହତ୍ୟା ଏବଂ ୟୁକ୍ରେନରେ ଯୁଦ୍ଧ ବିଭୀଷିକା ଓ ବୀଭତ୍ସତାର କୌଣସି ପଟାନ୍ତର ନାହିଁ । ସମଗ୍ର ବିଶ୍ୱ ସମୁଦାୟ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଦୃଢ଼ ମତ ପୋଷଣ କରୁଥିଲେ ହେଁ ଆମ ବ୍ୟବସ୍ଥା ଓ ଅହଂକାରୀ ନେତୃତ୍ୱଙ୍କ ପକ୍ଷପାତପୂର୍ଣ୍ଣ ଆଚରଣ ଏକ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି । ଆମେ ଏଠାରେ ବ୍ୟବସ୍ଥା କହିଲେ ମିଳିତ ଜାତିସଂଘର ଭୂମିକା କିଭଳି ନିରର୍ଥକ ଓ ନିଷ୍ପ୍ରୟୋଜନ ହୋଇପଡ଼ିଛି ତାହା ଦର୍ଶାଇଛୁ ।

ଏଥିମଧ୍ୟରେ ମିଳିତ ଜାତିସଂଘ ପ୍ରତିଷ୍ଠା ୮୦ ବର୍ଷରେ ପଦାର୍ପଣ କରିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି, ସଦ୍‌ଭାବ ଓ ସୁରକ୍ଷା ଅତୁଟ ରଖିବା ସହ ଆବଶ୍ୟକ ସ୍ଥଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ଏହି ବିଶ୍ୱ ପଞ୍ଚାୟତ ଗଠନ ହୋଇଥିଲା । କିନ୍ତୁ ଅଧିକାଂଶ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ କରିବାକୁ ଅସମର୍ଥ ହୋଇଛି । ତାହାର ପୃଷ୍ଠଭାଗରେ ରହିଛି ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ କରିଥିବା ଆମେରିକା ରୁଷିଆ, ଚୀନ, ବ୍ରିଟେନ ଓ ଫ୍ରାନ୍ସର ଭୂମିକା । ଏମାନଙ୍କ ଭିଟୋ ପ୍ରୟୋଗ କ୍ଷମତା ପ୍ରସଙ୍ଗ ଭିତ୍ତିକ ବହୁମତକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ହୋଇଛି । ତେଣୁ ନିରାପତ୍ତା ପରିଷଦରେ ସଦସ୍ୟତା ବୃଦ୍ଧି ଓ ଆବଶ୍ୟକ ସଂସ୍କାର ଆଣିବା ସକାଶେ ଭାରତ, ଜର୍ମାନୀ, ଜାପାନ ଓ ବ୍ରାଜିଲ ପକ୍ଷରୁ ଦୁଇ ଦଶନ୍ଧି ଧରି ଦାବି କରାଯାଉଥିଲେ ମଧ୍ୟ ଏକ୍ଷେତ୍ରରେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରିନାହିଁ । ସଂପ୍ରତି ସମଗ୍ର ବିଶ୍ୱ ଯୁଦ୍ଧ ଘନଘଟା ଓ ଆତଙ୍କବାଦୀଙ୍କ କାର୍ଯ୍ୟକଳାପରେ କ୍ଷତାକ୍ତ ଓ ପୀଡ଼ିତ । ଏହି ଦୁଇଟି ପ୍ରସଙ୍ଗରେ ଜାତିସଂଘର ଶୀର୍ଷ କ୍ଷମତାରେ ଥିବା ରାଷ୍ଟ୍ର ନିଜର ସ୍ୱାର୍ଥ ରକ୍ଷା ପାଇଁ ଚାପ ଓ ଭିଟୋ ପ୍ରୟୋଗ କରୁଥିବାରୁ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନି । ଅନୁରୂପ ଭାବେ କୋଭିଡ ମହାମାରୀର ମୃତ୍ୟୁ ବିଭୀଷିକା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅସାମାର୍ଥ୍ୟ ବାରି ହୋଇପଡୁଛି ।

ଜାତିସଂଘ ସାଧାରଣ ଆସେମ୍ବ୍ଲି ଅଧିବେଶନ ଚାଲିଥିବା ବେଳେ କେତୋଟି ପ୍ରସଙ୍ଗ ଆମେ ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛୁ । ପାଲେଷ୍ଟାଇନର ଗାଜାପଟିରେ ଇସ୍ରାଏଲ ନରସଂହାର ଜାରି ରଖିଛି ବୋଲି ମିଳିତ ଜାତିସଂଘର ନିରପେକ୍ଷ ତଦନ୍ତକାରୀ ଆୟୋଗ ରିପୋର୍ଟରେ ଦର୍ଶାଇଛନ୍ତି । ଗାଜାରେ ତୁରନ୍ତ ନିଃସର୍ତ୍ତ ସ୍ଥାୟୀ ଯୁଦ୍ଧ ବିରତି ଏବଂ ତୁରନ୍ତ ପଣବନ୍ଦୀ ଓ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ଅଥଚ ୧୪-୧ ଭୋଟ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ । ସେହି ଗୋଟିଏ ଭୋଟ ହିଁ ଥିଲା ଆମେରିକାର ଭିଟୋ । ଏହି ପ୍ରସଙ୍ଗର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମଧ୍ୟପ୍ରାଚ୍ୟରେ ଆଗକୁ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବାର ମନେ ହୁଏ । ସାଉଦୀ ଆରବ ସହ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି କରି ପାରମାଣବିକ ଆତଙ୍କ ସୃଷ୍ଟି କରିଛି । ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ନେଇ ଜାତିସଂଘର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପୋଲାଣ୍ଡରେ ରୁଷର ଡ୍ରୋନ ପ୍ରବେଶ ଓ ଇସ୍ତୋନିଆରେ ଯୁଦ୍ଧବିମାନ ବାୟୁସୀମା ଉଲ୍ଲଙ୍ଘନ ଘଟଣା ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇଛି । ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅର୍ଥହୀନ ହୋଇପଡୁଥିଲେ ମଧ୍ୟ ତାହାର କୌଣସି ବିକଳ୍ପ ପନ୍ଥା ଦୃଶ୍ୟମାନ ହେଉନାହିଁ ।

# ଚାଷୀର ସ୍ୱଭାବ ଓ ସାରର ଅଭାବ

**ଡ. ସୀତାକାନ୍ତ ତ୍ରିପାଠୀ**

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' - ପିଲାଦିନେ ଏହି ଶିଶୁ କବିତାଟି ଶୁଣି ଏବଂ ନିଜେ ଗାଇ ଆମଭଳି ପିଲାମାନେ ଚାଷ କାର୍ଯ୍ୟ ପ୍ରତି ବେଶ୍ ଆଗ୍ରହୀ ହୋଇଥିଲୁ । ସେ ସମୟରୁ ଏପର୍ଯ୍ୟନ୍ତ ଯେତେବେଳେ ଆମେ ଚାଷୀମାନଙ୍କ ସହିତ ଆଳାପ ଆଲୋଚନା କରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରଥମ ଉତ୍ତର ହେଲା ଆମେ ଗରିବ । ଚାଷ କାର୍ଯ୍ୟକୁ ଆଧାର କରି ବଞ୍ଚିବା କଷ୍ଟକର । ବରଂ ଚାକିରି କରି ମାସକୁ ମାସ ଦରମା ପାଇବ; କିନ୍ତୁ ଚାଷକୁ ଆଧାର କରି ଜୀବନଧାରଣ କରିବା କଷ୍ଟକର । ତା'ଛଡ଼ା ଆମ ସମାଜରେ ସେମାନଙ୍କୁ ପାଞ୍ଚଜଣରେ ଜଣେ ଗଣିବା ଦୂରେ ଥାଉ ସଠିକ ଆଦର କିମ୍ବା ସମ୍ମାନ ଦିଆଯାଏ ନାହିଁ ।

ବିଭିନ୍ନ ସ୍ଥାନରେ ଚାଷୀ ଆତ୍ମହତ୍ୟା ହେଉଥିଲେ ମଧ୍ୟ ତା'କୁ ପ୍ରମାଣ କରିବା ଜଣେ ଗରିବ ଚାଷୀ ପରିବାର ପକ୍ଷେ କଷ୍ଟକର । ଆଜିକାଲି ଯଦିଓ କିଛି ହାତଗଣତି ଚାଷୀ ସରକାରୀ ସାହାଯ୍ୟ ସହଯୋଗ ଏବଂ ନିଜସ୍ୱ ପୁଞ୍ଜି ନିବେଶ କରି ଚାଷକୁ ଏକ ଲାଭଦାୟକ ଜୀବିକା କରିପାରିଛନ୍ତି, ତଥାପି ଅଧିକାଂଶ ଲୋକ ଏଥିରୁ ନିଜକୁ ନିବୃତ୍ତ କରି ଅନ୍ୟାନ୍ୟ ବୃତ୍ତି କିମ୍ବା ଚୁକ୍ତିଭିତ୍ତିକ ଚାଷ ବା ଭାଗ ଚାଷରେ ମନ ଦେଲେଣି । ପୂର୍ବରୁ ସୀମିତ ଚାହିଦା ଭିତରେ ଚାଷୀର ଜୀବନ ଯେନତେନ ପ୍ରକାର ଚଳିଯାଉଥିଲେ ମଧ୍ୟ ଅଭାବୀ ବିକ୍ରୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣର ଅସୁବିଧା, ଋତୁଭିତ୍ତିକ ଚାଷକାର୍ଯ୍ୟ, ଦୈବୀ ଦୁର୍ବିପାକ ଆଦି ବିଭିନ୍ନ କାରଣ ଯୋଗୁଁ ତା'ର ଜୀବନ ଦୁର୍ବିସହ ହୋଇ ପଡୁଛି । ଏ ସବୁ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ପଦକ୍ଷେପମାନ ନେଇ ଆସୁଛନ୍ତି । କିନ୍ତୁ ସେଗୁଡ଼ିକ ପ୍ରଭାବୀ ହୋଇପାରୁ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାଗୁଡ଼ିକ ଅସମାହିତ ଥିବା ଭଳି ମନେ ହୁଏ ।

ବର୍ତ୍ତମାନର କୃଷି ବ୍ୟବସ୍ଥାରେ ଅଧିକାଂଶ ଭାଗଚାଷୀ । ଦୈବୀ ଦୁର୍ବିପାକ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଯଦି ଚାଷ କ୍ଷତିଗ୍ରସ୍ତ ହୁଏ, ତେବେ ଜମି ମାଲିକମାନଙ୍କର ସେମିତି କିଛି କ୍ଷତି ହୁଏନାହିଁ, ବରଂ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସାହାଯ୍ୟ ସହଯୋଗ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି । କିନ୍ତୁ ଅଦ୍ୟାବଧି ଭାଗଚାଷୀ ଆଇନ୍ ସଠିକ୍ ଭାବେ ପ୍ରଣୟନ ହୋଇ ନ ପାରିବା କାରଣରୁ ସେମାନଙ୍କୁ ସାହାଯ୍ୟ କରିବା ଦୂରରେ ଥାଉ ଚିହ୍ନଟ କରିବା ମଧ୍ୟ କଷ୍ଟକର । ପୂର୍ବରୁ ଭାଗଚାଷୀମାନେ ସାଧାରଣ ଭାବେ ଜମିରୁ ଉତ୍ପାଦିତ ଫସଲକୁ ମାଲିକମାନଙ୍କ ସହିତ ଭାଗ କରୁଥିବା ବେଳେ ବର୍ତ୍ତମାନ ପ୍ରାୟତଃ ସେମାନେ ବର୍ଷକୁ ବର୍ଷ ଗୁଣ୍ଟପିଛା ଏକ ନିର୍ଦ୍ଦିଷ୍ଟ ରାଶି କର ହିସାବରେ ପ୍ରଦାନ କରୁଛନ୍ତି । ଯାହାଫଳରେ ସେମାନଙ୍କ ହାତରେ ଜମି ରହୁଛି । ତେଣୁ ସେଥିରୁ କେମିତି ଅଧିକରୁ ଅଧିକ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଅମଳକ୍ଷମ ବିହନ ସହିତ ଅତ୍ୟଧିକ କୃତ୍ରିମ ସାର ଓ କୀଟନାଶକ ଆଦି ପ୍ରୟୋଗ କରିବାରେ ବ୍ୟସ୍ତ । ଅନ୍ୟପକ୍ଷରେ ଆଜିକାଲି ଯଥେଷ୍ଟ ମାତ୍ରାରେ ଭାଗଚାଷୀ ମିଳୁ ନଥିବାରୁ ଜମି ମାଲିକମାନେ ଭାବୁଛନ୍ତି ଯାହାହେଉ ଜମି ପଡ଼ିଆ ପଡ଼ିବା କିମ୍ବା ଅଣାୟତ୍ତ ହୋଇଯିବାର ଭୟରୁ ଅନ୍ତତଃ ମୁକ୍ତି ମିଳିଯାଉଛି । କାରଣ କିଛି ଜମିମାଲିକ ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଗାଁକୁ ଯାଇ ବିଲବାଡ଼ିଆଡ଼େ ଆଖି ପକାଇ ଦେଇ ଭାଗଚାଷୀମାନଙ୍କଠାରୁ ଟଙ୍କା ଧରି ଫେରି ଆସିଥା'ନ୍ତି । ବେଳେବେଳେ ଭାଗଚାଷୀମାନେ ଜମି ମାଲିକମାନଙ୍କୁ କିଛି ପନିପରିବା, ଧାନ, ମୁଗ ଦେଇ ଖୁସି କରାଇବା ପାଇଁ ଚାହିଁଥା'ନ୍ତି । ପ୍ରକୃତପକ୍ଷେ ଚାଷର ଉନ୍ନତି ପାଇଁ ଜମି ମାଲିକ ଏବଂ ଭାଗଚାଷୀ ମଧ୍ୟରେ ଥିବା ସମନ୍ୱୟ ଅଭାବରୁ ଏହି ସମସ୍ୟା ବହୁଗୁଣିତ ହୋଇଥାଏ । ଅଧିକାଂଶ ସମୟରେ ଜମି ମାଲିକମାନେ ନିଜ ନିଜର ନାମ ପଞ୍ଜିକରଣ କରି ନ ଥିବାରୁ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକିବା କଷ୍ଟକର ହୋଇଥାଏ । ତେଣୁ ଭାଗଚାଷୀମାନେ ବିଭିନ୍ନ ଲୋକଙ୍କ ନାଁ ନେଇ ଧାନ ବିଲ ଚାଷ କରିଥା'ନ୍ତି । ଯାହା ଫଳରେ ଉକ୍ତ ଧାନର ପ୍ରକୃତ ମୂଲ୍ୟ ପାଇବାରୁ ଏମାନେ ବଞ୍ଚିତ ହୁଅନ୍ତି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାରର ଅଭାବକୁ ନେଇ ରାଜ୍ୟସାରା ତୁମ୍ବିତୋଫାନ ଚାଲିଛି । ଏଥିପାଇଁ କିଛି ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେଣି । ତେବେ ପାରମ୍ପରିକ ବିହନ, କମ୍ପୋଷ୍ଟ ଖତ ଓ କୃଷି ପଦ୍ଧତି ଛାଡ଼ି ଆମେ ଯେତେବେଳେ ସଙ୍କରଜାତୀୟ ବିହନ, କୃତ୍ରିମ ସାର ଓ ବୈଜ୍ଞାନିକ କୃଷି ଯନ୍ତ୍ରପାତିର ବ୍ୟବହାର ଆରମ୍ଭ କରିଥିଲେ ସେତେବେଳେ ଆମ ଦେଶକୁ ଖାଦ୍ୟଶସ୍ୟର ବଳକା କରିବା ମୂଳଲକ୍ଷ୍ୟ ଥିଲା । ଯାହାଫଳରେ ମୁଖ୍ୟତଃ ଜଳସେଚିତ ଅଞ୍ଚଳମାନଙ୍କରେ ଧାନ ଓ ଗହମ ଚାଷକୁ ପ୍ରାଧାନ୍ୟ ଦିଆଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏଥିଯୋଗୁଁ ପନିପରିବା, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତିଗ୍ରସ୍ତ ହେଲା । ତା' ଛଡ଼ା ଗାଁମାନଙ୍କରେ ଥିବା କୌଳିକ ବୃତ୍ତିଧାରୀ ଓ ଦିନମଜୁରିଆମାନଙ୍କର ଚାହିଦା କମିବାକୁ ଲଗିଲା । ଫଳରେ ସେମାନେ ବିଭିନ୍ନ ସ୍ଥାନକୁ ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ ଭାବେ ଦେଶାନ୍ତର ହେବାକୁ ଲାଗିଲେ । ଏହାକୁ ଲକ୍ଷ୍ୟ କରି କେବଳ ଧାନ ଓ ଗହମ ଚାଷ ଉପରେ ପ୍ରାଧାନ୍ୟ ନ ଦେଇ ଚାଷୀମାନେ କିପରି ଅନ୍ୟାନ୍ୟ ଚାଷ ଓ ଉଦ୍ୟାନ କୃଷି ପାଇଁ ମନ ବଳାଇବେ ସେଥିପାଇଁ ସରକାରୀ ପ୍ରୟାସ ଆରମ୍ଭ ହେଲା । ଚାଷ କାର୍ଯ୍ୟରେ ଯାନ୍ତ୍ରିକ ବ୍ୟବହାର ହେତୁ ଚାଷୀମାନେ ଆଉ ଘରେ ବଳଦ ରଖୁ ନାହାନ୍ତି । ତା' ଛଡ଼ା ଗୋଚର ଜମିର କ୍ରମାଗତ ହ୍ରାସ, ଧାନ ଅମଳ ସମୟରେ ନଡ଼ାକୁ ଅଣଦେଖା କରିବା ହେତୁ ସେମାନେ ଆଉ ଗୋ-ପାଳନ ପ୍ରତି ମଧ୍ୟ ମନ ଦେଉନାହାନ୍ତି । ତେଣୁ ବାରିରେ ଥିବା ଖତଗଦା ଆଜିକାଲି କେବଳ ବହିରେ ପଢ଼ିବା କିମ୍ବା କାହାଣୀ ଶୁଣିବା ପ୍ରସଙ୍ଗ ପାଲଟି ଯାଉଛି । ଯଦିଓ ଜିଆଖତ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି, ତଥାପି ଏହା ଅଦ୍ୟାବଧି ଜନାଦୃତ ହୋଇପାରିନାହିଁ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଧାନର ସର୍ବନିମ୍ନ ସହାୟତା ରାଶି ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବା ଯୋଗୁଁ ତାହା ବର୍ତ୍ତମାନ କୁଇଣ୍ଟାଲ ପିଛା ଏକତିରିଶି ଶହ ଟଙ୍କାରେ ପହଞ୍ଚିଛି । ଯାହାଫଳରେ ଏବର୍ଷ ଚାଷୀ ଧାନଚାଷ ପାଇଁ ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି । ତା'ସାଙ୍ଗକୁ ଅଦ୍ୟାବଧି ପ୍ରାୟତଃ ସନ୍ତୁଳିତ ବୃଷ୍ଟିପାତ ହେବା ଏହାକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଆସିଛି, ଯାହାଫଳରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଅଧିକ ଜମିରେ ବ୍ୟାପକ ଭାବେ ଧାନଚାଷ ହୋଇଥିବା ଦାବି ହେଉଛି । ଏଥିଯୋଗୁଁ ସ୍ୱାଭାବିକ ଭାବେ ସାରର ଚାହିଦା ବଢ଼ିଛି । ଧାନରେ ଯେହେତୁ ୟୁରିଆ ଓ ଅନ୍ୟାନ୍ୟ ସାରର ବହୁଳ ବ୍ୟବହାର ହୁଏ, ଯୋଗାଣ ସୀମିତ ରହିବାରୁ ସାର ସଙ୍କଟ ଲାଗି ରହିଛି । ଯାହାକୁ ୟୁକ୍ରେନ-ଋଷିଆ ଯୁଦ୍ଧ ମଧ୍ୟ ଆହୁରି ଅଧିକ ସଙ୍କଟାପନ୍ନ କରିଛି । ଏହାର ଫାଇଦା ନେଇଛନ୍ତି କଳାବଜାରୀ । ସରକାରୀ ନିୟନ୍ତ୍ରଣ ଅଭାବରୁ ସାର ସମସ୍ୟା ଉତ୍କଟ ହେବାରେ ଲାଗିଛି ।

ଶେଷରେ ଏତିକି କୁହାଯାଇପାରେ ଚାଷୀମାନଙ୍କୁ ସାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ । କିନ୍ତୁ ଚାଷୀମାନେ କିପରି ବହୁମୁଖୀ ଚାଷ ପାଇଁ ଆଗ୍ରହୀ ହେବେ ସେଥିପାଇଁ ମଧ୍ୟ ସରକାର ଚେଷ୍ଟିତ ହେବା ଜରୁରୀ । ତେଣୁ କେବଳ ଧାନ ନୁହେଁ, ବରଂ ଅନ୍ୟାନ୍ୟ ସବୁ ଚାଷ ପାଇଁ ସର୍ବନିମ୍ନ ସହାୟତା ରାଶି ଏବଂ ସହଜ ଓ ସରଳ ଋଣ ଯୋଗାଇବାର ଆବଶ୍ୟକତା ରହିଛି । ଫଳରେ ଏକ ସନ୍ତୁଳିତ କୃଷି ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ଏହାଛଡ଼ା ପରିକଳ୍ପିତ ଯୋଜନା କେବଳ କାଗଜକଲମ, ଭାଷଣ, ଆକ୍ଷେପ ଓ ପ୍ରତ୍ୟାରୋପ ମଧ୍ୟରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ରୂପାନ୍ତରିତ ହେବା ଜରୁରୀ । ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କୃଷି ଅଧିକାରୀମାନେ ପ୍ରକୃତରେ ଧାନଚାଷ ହୋଇଥିବା ଜମିର ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକଳନ କରି ରିପୋର୍ଟ ଦେଇ ପାରିଲେ ତାହା ସାରର ଚାହିଦା ଓ ଯୋଗାଣ ମଧ୍ୟରେ ସମତୁଲତା ପ୍ରତିଷ୍ଠା ହୋଇପାରନ୍ତା । କେବଳ କାର୍ଯ୍ୟାଳୟରେ ବସିରହିଲେ କିମ୍ବା ଗାଁ ମୁଣ୍ଡରୁ ତଥ୍ୟ ଯୋଗାଡ଼ କରିଦେଲେ ଏହା ସମ୍ଭବ ହୋଇପାରିବ ନାହିଁ । ପ୍ରକୃତ ଚାଷୀମାନଙ୍କ ସହିତ ଯୋଗାଯୋଗ କରିବାର ସମୟ ଏବେ ଉପଗତ । ଏହାଫଳରେ ଚାଷୀମାନେ ଉପକୃତ ହେବା ସହିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ରୋକାଯାଇ ପାରିବ । ଯେହେତୁ ସରକାରୀ ନଥିପତ୍ରରେ ଥିବା କୃଷକମାନଙ୍କ ସଂଖ୍ୟା ଏବଂ ଜମିର ପରିମାଣ ପ୍ରକୃତ ଚାଷୀ ଓ ଜମିର ପରିମାଣ ଭିତରେ ଫରକ ରହୁଛି, ତେଣୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାରର ସୁବଣ୍ଟନ ହୋଇ ପାରୁନାହିଁ । ମନେରଖିବା ଦରକାର ଚାଷୀର ପରିବର୍ତ୍ତିତ ସ୍ୱଭାବ ସହିତ ସାରର ଅଭାବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଅର୍ଣ୍ଣପାଳ(ଭଦ୍ରକ),
ମୋ: ୯୭୭୮୭୬୪୩୯୪

# ଶରୀର ଦାନ: ଏକ ଆନ୍ଦୋଳନ

**ସୁଧାଂଶୁ ଶେଖର ଧଡ଼ା**

ରାଷ୍ଟ୍ରର ବିଭିନ୍ନ ସମ୍ବଳ ମଧ୍ୟରୁ ମାନବ ସମ୍ବଳ ହେଉଛି ପ୍ରଥମ ଆବଶ୍ୟକତା । ସେଥିପାଇଁ ରାଷ୍ଟ୍ରର ନାଗରିକ ସୁସ୍ଥ, ସବଳ ଓ ଦୀର୍ଘଜୀବୀ ହେବା ନିହାତି ଆବଶ୍ୟକ । ଏଥିରେ ଡାକ୍ତରୀ ସେବା ଓ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦେଶ ସ୍ୱାଧୀନତା ହେବା ସମୟରୁ ଇତିମଧ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅନେକ ଉନ୍ନତି ଘଟିଥିଲେ ହେଁ ଜନସଂଖ୍ୟା ଓ ଡାକ୍ତର ଅନୁପାତରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଧାର୍ଯ୍ୟ ମାନକଠାରୁ(୧୦୦୦:୧) ଯଥେଷ୍ଟ କମ୍ ରହିଛି । ଡାକ୍ତରୀ ଶିକ୍ଷା କ୍ଷେତ୍ର ଜଟିଳ । ସାଢ଼େ ପାଞ୍ଚବର୍ଷର ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମର ପ୍ରଥମ ବର୍ଷ ହିଁ ମାନବ ଶରୀର ସମ୍ପର୍କିତ ଅଧ୍ୟୟନ ଓ ବ୍ୟବଚ୍ଛେଦର ଶିକ୍ଷାଦାନ ହୋଇଥାଏ । ପ୍ରତି ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନିମିତ୍ତ ପ୍ରଥମ ବର୍ଷ ଶରୀରତତ୍ତ୍ୱ ଶିକ୍ଷା ଓ ବ୍ୟବଚ୍ଛେଦ ନିମିତ୍ତ ଛଅଟି ମୃତଦେହ ଆବଶ୍ୟକ ପଡ଼େ । ତାହା ପୁଣି ପଚିଶଢ଼ି ନଷ୍ଟ ହୋଇଯାଇଥିବା ଶରୀର ନୁହେଁ । ବର୍ତ୍ତମାନ ରାଜ୍ୟର ମେଡିକାଲ କଲେଜ ସଂଖ୍ୟା ଦୃଷ୍ଟିରୁ ଏହି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ । ପ୍ଲାଷ୍ଟିକ ଶରୀରରେ ପାଠପଢ଼ା ହେଉଛି । ଡାକ୍ତରଖାନାଗୁଡ଼ିକରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ଶରୀରକୁ ଆତ୍ମୀୟମାନେ ଧର୍ମବିଶ୍ୱାସ ଆଧାରରେ ସତ୍କାର କରିବାକୁ ନେଇଯା'ନ୍ତି । ଦାବିଦାର ନଥିବା ମର ଶରୀର ସତ୍କାର କଲେ ସ୍ଥାନୀୟ ପ୍ରଶାସନ ପ୍ରାୟ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥା ସତ୍କାର ନିମିତ୍ତ ନେଇଯା'ନ୍ତି । ତେଣୁ ଡାକ୍ତର ହେବା ପାଇଁ ପ୍ରଥମ ଆବଶ୍ୟକତା ବ୍ୟବଚ୍ଛେଦ ନିମିତ୍ତ ମର ଶରୀରଟିଏ ସହଜରେ ମିଳେନାହିଁ ।

ବର୍ତ୍ତମାନ ରାଜ୍ୟରେ ୧୫ ଟି ସରକାରୀ ମେଡିକାଲ କଲେଜ ଏବଂ ତିନୋଟି ଘରୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆବଶ୍ୟକ ୧୦୮ ଟି ଆଇନସଙ୍ଗତ ସତେଜ ମରଶରୀର ଏକ ମୌଳିକ ଓ ପ୍ରାଥମିକ ଆବଶ୍ୟକତା । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କି ପ୍ରତିବନ୍ଧକ ଦୂର କରିବାକୁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ଏହି ରାୟ ଅନୁଯାୟୀ, 'ଦି ଓଡ଼ିଶା ଆନାଟୋମି ଆକ୍ଟ ୧୯୭୫'ର ସଂଶୋଧନ କରି 'ଦି ଓଡ଼ିଶା ଆନାଟୋମି (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୨'କୁ ରାଜ୍ୟ ସରକାର ୨୦୧୩ ମସିହାରେ କାର୍ଯ୍ୟକାରୀ କରିଛନ୍ତି । ଏହି ଆଇନର ଧାରା ୫-କ(୧) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ମେଡିକାଲ ଶିକ୍ଷା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ନିଜର ମୃତ୍ୟୁ ପରେ ମର ଶରୀର ଦାନ ଏବଂ ଆବଶ୍ୟକ କରୁଥିବା ଅନ୍ୟବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ନିମିତ୍ତ ଅଙ୍ଗଦାନ ଏକ ଆଇନସିଦ୍ଧ ଜନଆନ୍ଦୋଳନରେ ପରିଣତ ହୋଇପାରିଛି ।

ଇତିମଧ୍ୟରେ ମାନସିକତା ପରିବର୍ତ୍ତନ ହୋଇଛି । ହଜାର ହଜାର ମହାନୁଭବୀ ବ୍ୟକ୍ତି ଆଜି ଚିକିତ୍ସା ବିଜ୍ଞାନର ପ୍ରଗତି ଓ ଉତ୍ତମ ଡାକ୍ତର ସୃଷ୍ଟି ଉଦ୍ଦେଶ୍ୟରେ ମୃତ୍ୟୁ ପରେ ଶରୀରଦାନ ଇଚ୍ଛାପତ୍ର ପାଇଁ ଆଗ୍ରହ ପ୍ରକାଶ କଲେଣି । ଗତ ପାଞ୍ଚବର୍ଷ ମଧ୍ୟରେ ଶତାଧିକ ମର ଶରୀର ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଦାନ କରାଗଲାଣି । ଅନ୍ୟପକ୍ଷରେ ମୃତ୍ୟୁ ପରେ ଶରୀରରୁ ବିଭିନ୍ନ ରୋପଣଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗ ଦାନ ପାଇଁ ମଧ୍ୟ ଲୋକେ ଆଗ୍ରହ ପ୍ରକାଶ କଲେଣି । 'ଶରୀର ଦାନ' ଓ 'ଅଙ୍ଗଦାନ' ଭାବରେ ପୃଥକ ସାମାଜିକ ଆନ୍ଦୋଳନ ଏବେ ରାଜ୍ୟରେ ଲୋକପ୍ରିୟତା ଲାଭ କରୁଛି । ରାଜ୍ୟ ସରକାର ଅଙ୍ଗଦାନକାରୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦେବାର ବିଧି ଓ ପରମ୍ପରା ଆରମ୍ଭ କରିଛନ୍ତି ।

ଭାରତରେ ମେଡିକାଲ କଲେଜଗୁଡ଼ିକ ନିମିତ୍ତ ଶରୀରଦାନର ଇଚ୍ଛାପତ୍ର ପ୍ରକାଶ କରିବାର ପରମ୍ପରା ବିଶ୍ୱବିଖ୍ୟାତ ହେତୁବାଦୀ ପ୍ରଫେସର ଆବ୍ରାହମ କଭୁର ଆରମ୍ଭ କରିଥିଲେ । ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଅଧ୍ୟାପନା ବୃତ୍ତିରୁ ଅବସରପରେ ବିଭିନ୍ନ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକ ଅବଧାରଣା, ଆଧ୍ୟାତ୍ମିକତା ଆଦି ନାମରେ ସରଳବିଶ୍ୱାସୀ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ନିମିତ୍ତ ଅଲୌକିକତା ଅନାବରଣ ଅଭିଯାନ ଆରମ୍ଭ କରିଥିଲେ । ମୃତ୍ୟୁପରେ ମେଡିକାଲ କଲେଜଗୁଡ଼ିକୁ ମର ଶରୀର ଦାନ ତାଙ୍କଦ୍ୱାରା ଭାରତରେ ଆରମ୍ଭ କରାଯାଇଥିବା ଏକ ସାମାଜିକ ଆନ୍ଦୋଳନ । ତାଙ୍କ ଅନୁଗାମୀମାନେ ବିପୁଳ ସଂଖ୍ୟାରେ ଏଭଳି ଇଚ୍ଛାପତ୍ର ଲେଖିଥିଲେ । ପ୍ରଫେସର କଭୁର ନିଜେ ଏବଂ ତାଙ୍କ ପତ୍ନୀଙ୍କ ଶରୀରକୁ ମୃତ୍ୟୁ ପରେ ମେଡିକାଲ୍ ଶିକ୍ଷାର ବିକାଶ ପାଇଁ ଦାନ କରିବାକୁ ଇଚ୍ଛାପତ୍ର ଲେଖିଥିଲେ । ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ସତୁରୀ ଦଶକରେ ଲେଖିଯାଇଥିବା ଆକଳନ ଆଜି ବାସ୍ତବ ରୂପ ନେଇସାରିଛି ।

ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ନିମିତ୍ତ ପ୍ରତିବନ୍ଧକ ମୁକ୍ତ ପରିବେଶ ଷୋଡ଼ଶ ଶତାବ୍ଦୀରେ ନଥିଲା । ୧୫୬୪ ଖ୍ରୀଷ୍ଟାବ୍ଦରେ ବେଲଜିୟମ ଜନ୍ମିତ ଚିକିତ୍ସକ ଆଣ୍ଡ୍ରିଏସ ଭିସାଲିଉସ ସର୍ବପ୍ରଥମେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ କରି ଶରୀରତତ୍ତ୍ୱ ବିଜ୍ଞାନକୁ କେତେକ ନିର୍ଭୁଲ ତଥ୍ୟ ଦେଇଥିଲେ । ଭିସାଲିଉସ୍ ମନୁଷ୍ୟ ଶରୀରର ଜୈବିକ କ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନିମିତ୍ତ କବର ଖୋଳି ପ୍ରଥମେ ପଚାଶଢ଼ା ଶବ ଗୋପନୀୟ ଭାବରେ ବ୍ୟବଚ୍ଛେଦ କରିଥିଲେ । ସେ ସମୟର ଧର୍ମଧାରଣା ଅନୁଯାୟୀ ଏହା ଅପରାଧ ଥିଲା । ଈଶ୍ୱରଙ୍କ ଦାନ 'ଶରୀର'ର ବ୍ୟବଚ୍ଛେଦ ମନୁଷ୍ୟ କରିବା ଅପରାଧ ହୋଇଥିବା ଅବଧାରଣାରୁ ତାଙ୍କୁ ଦଣ୍ଡ ସ୍ୱରୂପ ପ୍ରବଳ ତୁଷାରପାତ ସମୟରେ ଖାଲି ପାଦରେ ତୀର୍ଥଯାତ୍ରାରେ ଯିବାକୁ ବାଧ କରାଯିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଲେ । ସେ ଆଉ କିଛି ବର୍ଷ ବଞ୍ଚିରହିଥିଲେ ଆଜି ଚିକିତ୍ସାବିଜ୍ଞାନ ଆହୁରି ଉନ୍ନତ ହୋଇପାରିଥା'ନ୍ତା । ସେ ପ୍ରଥମେ ମାନବ ଶରୀର ବ୍ୟବଚ୍ଛେଦ କରିଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ କୁହାଯାଇଛି । ମାନବ ସମାଜର ସ୍ୱାସ୍ଥ୍ୟଗତ ପ୍ରଗତି ନିମିତ୍ତ ଚିକିତ୍ସାବିଜ୍ଞାନର ପ୍ରଗତି ଆବଶ୍ୟକ ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ଜଣେ ମା', ଦୁଇ ପ୍ରଜାତିର ଶିଶୁ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ଜଣେ ମାତା ଦୁଇଟି ଭିନ୍ନ ଭିନ୍ନ ପ୍ରଜାତିର ଶିଶୁଙ୍କୁ ଜନ୍ମ ଦେବା କଥା ମନକୁ ଆଣିଥାଏ ପୌରାଣିକ କାହାଣୀଟିଏ, ଯେଉଁଥିରେ ଉଗ୍ରସେନଙ୍କ ପତ୍ନୀ ପଦ୍ମାବତୀ ଦାନବ କଂସାସୁର ଏବଂ ମାନବୀ ଦେବକୀଙ୍କୁ ଜନ୍ମ ଦେବା କଥା ଉଲ୍ଲେଖ ରହିଛି । ଏହା ଏବେ ବାସ୍ତବରେ ଦେଖାଯାଇଛି ଏକ ପ୍ରଜାତିର ପିମ୍ପୁଡ଼ିଠାରେ । ସାଧାରଣତଃ ଏକ ସଜୀବଠାରୁ ଜନ୍ମିତ ଶିଶୁଟି ତାହାରି ପ୍ରଜାତିର ହୋଇଥାଏ । ତେବେ ପିମ୍ପୁଡ଼ିମାନଙ୍କର 'ମେସର ଇବେରିକସ୍' ପ୍ରଜାତିଟି ଏହି ଧାରଣାକୁ ବଦଳାଇ ଦେଇଛି । ଏମାନଙ୍କର 'ରାଣୀ'ମାନେ 'ମେସର ଷ୍ଟ୍ରକ୍ଟର' ନାମକ ଭିନ୍ନ ଏକ ପ୍ରଜାତିର ଅଣ୍ଡିରା ପିମ୍ପୁଡ଼ିଙ୍କୁ ଜନ୍ମ ଦେଉଥିବା ଗବେଷକମାନେ ଜାଣିପାରିଛନ୍ତି ।

ଏହି ଅଧ୍ୟୟନଟି କରାଯାଇଥିଲା ଫ୍ରାନ୍ସ, ଇଟାଲୀ, ବୁଲଗେରିଆ ଓ ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଏବଂ ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ଗବେଷଣା ପତ୍ରିକା 'ନେଚର' (୩, ସେପ୍ଟେମ୍ବର ୨୦୨୫)ରେ । ଉକ୍ତ ଗବେଷଣାପତ୍ରର ଅନ୍ୟତମ ଲେଖକ ଫ୍ରାନସର 'ୟୁନିଭରସିଟି ଅଫ୍ ମଣ୍ଟପେଲିଏର'ର ଜୈବବିଜ୍ଞାନୀ ଜୋନାଥନ୍ ରୋମିଂଗୁଇର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଏହି ପ୍ରଜାତିର ପିମ୍ପୁଡ଼ିମାନଙ୍କ କଲୋନୀଗୁଡ଼ିକରେ 'ରାଣୀ'ମାନେ ସନ୍ତାନ ଜନ୍ମ ଦିଅନ୍ତି ଏବଂ ପୁରୁଷମାନେ ଏଥିପାଇଁ ଶୁକ୍ରାଣୁ ଯୋଗାଇଥା'ନ୍ତି । ସେମାନଙ୍କ ମଧ୍ୟରେ ଥା'ନ୍ତି ଅଧିକ ସଂଖ୍ୟକ ବନ୍ଧ୍ୟା ମହିଳା ଶ୍ରମିକ, ଯେଉଁମାନେ ବସାବାନ୍ଧିବା, ଶିଶୁମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ କରନ୍ତି । କିନ୍ତୁ ଯେତେବେଳେ ରୋମିଂଗୁଇର ଏବଂ ତାଙ୍କ ସହଯୋଗୀମାନେ 'ମେସର ଇବେରିକସ୍' ପ୍ରଜାତିର ମହିଳା ଶ୍ରମିକମାନେ ସମସ୍ତେ ସଂକର(ହାଇବ୍ରିଡ୍) ହୋଇଥିବାର ଦେଖିଲେ ସେମାନେ ବିସ୍ମୟାବିଭୂତ ହୋଇପଡ଼ିଲେ । ଏଗୁଡ଼ିକଙ୍କଠାରେ ଥିବା ଅର୍ଦ୍ଧେକ ଡିଏନ୍ 'ମେସର ଷ୍ଟ୍ରକ୍ଟର୍'ଙ୍କ ସହିତ ମେଳ ଖାଉଥିଲା ।

ଅବଶ୍ୟ ପିମ୍ପୁଡ଼ି ପ୍ରଜାତିମାନଙ୍କ ମଧ୍ୟରେ ଏପ୍ରକାର ସଂକରୀକରଣ ଅଜଣା ନୁହେଁ । କାରଣ ଅନେକ ରାଣୀ ପିମ୍ପୁଡ଼ି ଅନ୍ୟପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରି ସଂକର ଶ୍ରମିକ ସୃଷ୍ଟି କରିବାର ଦେଖାଯାଏ । କିନ୍ତୁ ଭୂମଧ୍ୟସାଗରୀୟ ଅଞ୍ଚଳରେ ବାସ କରୁଥିବା 'ମେସର ଇବେରିକସ'ଙ୍କ କଲୋନୀଗୁଡ଼ିକର ସଂପର୍କ ସ୍ଥାପନ କରିହେଲା ଭଳି ଦୂରତା ମଧ୍ୟରେ କୌଣସି 'ମେସର ଷ୍ଟ୍ରକ୍ଟର' କଲୋନୀ ନଥିଲା । ଅତଏବ ଏହି ରାଣୀମାନେ ସେ ପ୍ରଜାତିର ପୁରୁଷମାନଙ୍କ ସଂପର୍କରେ ଆସିଲେ କିପରି?

ଏହାର ଉତ୍ତରଟିଏ ପାଇବା ପାଇଁ ରୋମିଂ ଗୁଇରଙ୍କ ଟିମ୍ 'ମେସର ଇବେରିକସ' କଲୋନୀମାନଙ୍କରୁ ଡିଏନ୍‌ଏ ନମୁନାମାନ ସଂଗ୍ରହ କରିବାକୁ ଲାଗିଲେ । ସେମାନେ ଏଥିମଧ୍ୟରେ ଅନେକ 'ମେସର ଷ୍ଟ୍ରକ୍ଟର' ବାସ କରୁଥିବାର ଦେଖିବାକୁ ପାଇଲେ । ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଲା ଯେ ଏଗୁଡ଼ିକର ଜୀବକୋଷସ୍ଥ ମିଟୋକୋଣ୍ଡ୍ରିଆରେ ଥିବା ଡିଏନ୍‌ଏ ଆସିଛି 'ମେସର ଇବେରିକସ'ଙ୍କଠାରୁ । ଏଭଳି ଡିଏନ୍‌ଏ କେବଳ ମା'ଠାରୁ ହିଁ ଆସିଥାଏ । ଅତଏବ ଏହାର ଅର୍ଥ ହେଲା ଯେ ଏବର 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କର ମା'ହେଲେ 'ମେସର ଇବେରିକସ୍' ପ୍ରଜାତିର ରାଣୀ । ତପ୍ରେ ବୈଜ୍ଞାନିକମାନେ କିଛି 'ମେସର ଇବେରିକସ୍' 'ରାଣୀ'ମାନଙ୍କୁ ଅଲଗା ରଖି ସେମାନଙ୍କ ଅଣ୍ଡାଗୁଡ଼ିକୁ ପରୀକ୍ଷା କଲେ । ତହିଁରୁ ୧୦ ଶତାଂଶ ସଂପୂର୍ଣ୍ଣ ରୂପେ 'ମେସର ଷ୍ଟ୍ରକ୍ଟର' ଅନୁରୂପ ହୋଇଥିବାର ଜଣାପଡ଼ିଲା । ଏହା ତାଙ୍କୁ ବିସ୍ମୟକର ମନେ ହେଲା ସତେଯେପରି ମଣିଷର ଗର୍ଭାଶୟରେ ସିଂପାଞ୍ଜିର ଭ୍ରୂଣ ଭଳି ।

ଏହି ଅଧ୍ୟୟନରୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ 'ମେସର୍ ଇବେରିକସ୍' ପ୍ରଜାତିର ରାଣୀମାନେ ଦୁଇଟି ଅଲଗା ଅଲଗା ପ୍ରଜାତିକୁ ଜନ୍ମ ଦିଅନ୍ତି । ଏଥିପାଇଁ ସେମାନେ ପିଢ଼ି ପିଢ଼ି ଧରି ଜନ୍ମଗତ ଭାବେ 'ସ୍ପର୍ମାଥେକା' କୁହାଯାଉଥିବା ଏକ ବିଶେଷ ଧରଣର ଅଙ୍ଗରେ କ୍ଲୋନିଂ ମାଧ୍ୟମରେ ସଂଚୟ କରି ରଖିଥା'ନ୍ତି । 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କ ଶୁକ୍ରାଣୁର ଜିନୀୟପଦାର୍ଥ । ଏହି ଅଣ୍ଡାଗୁଡ଼ିକରେ କେବଳ 'ମିଟୋକୋଣ୍ଡ୍ରିଆ' ବ୍ୟତୀତ ଅନ୍ୟତ୍ର 'ମେସର ଇବେରିକସ' ଡିଏନଏ ନଥିଲା । ଦୁଇଟି ପ୍ରଜାତିର ପୁରୁଷ ସୃଷ୍ଟି କରିବା ଦ୍ୱାରା ରାଣୀମାନେ ନିଶ୍ଚିତ କରୁଥିଲେ ଯେ ସେମାନଙ୍କ କନ୍ୟାମାନେ ଯେତେବେଳେ ନୂତନ 'ରାଣୀ' ପାଲଟିବେ ସେମାନେ ଉଭୟ ପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରିବାର ସୁଯୋଗ ପାଇପାରିବେ । ନୂଆ 'ରାଣୀ' ଜନ୍ମଦେବାକୁ 'ମେସର ଇବେରିକସ' ପୁରୁଷଙ୍କ ଶୁକ୍ରାଣୁ ଏବଂ ମହିଳା ସଂକର ଶ୍ରମିକ ତଥା 'ମେସର ଷ୍ଟ୍ରକ୍ଟର' ପୁରୁଷ ପାଇଁ ସେହି ପ୍ରଜାତିର ଶୁକ୍ରାଣୁ ବ୍ୟବହାର କରିପାରିବେ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଅବଶିଷ୍ଟାଂଶ

## ବିକ୍ରିହେବ ସରକାରୀ...

ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଆଣିବା ଯୋଜନାରେ ରହିଛନ୍ତି ବୋଲି ଶ୍ରୀ ଚାୱାଲା କହିଛନ୍ତି । ଯଦିଓ ସେ କୌଣସି କମ୍ପାନୀର ନାମ ଘୋଷଣା କରିନାହାନ୍ତି, ତଥାପି ସବୁଜ ଶକ୍ତିର ଉତ୍ସ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିବା ଓଏନ୍‌ଜିସି ବା ଏନ୍‌ଏଚ୍‌ପିସିର ଗ୍ରୀନ୍ ଏନର୍ଜି କମ୍ପାନୀକୁ ଏହା ଇଙ୍ଗିତ କରିଛି । ଉଭୟ କମ୍ପାନୀ ସେମାନଙ୍କର ସବୁଜ ଶକ୍ତି ୟୁନିଟ୍ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି ।

ଚଳିତ ବର୍ଷ ପ୍ରାରମ୍ଭରେ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ କିଛି ଅଂଶଧନ ବିକ୍ରି କରିଥିଲେ, ମାତ୍ର ଏହା ଅସ୍ଥିର ବଜାରକୁ ସାମୟିକ ଆଶ୍ୱସ୍ତି ଦେଇଥିଲା । ବର୍ତ୍ତମାନ ବଜାର ସ୍ଥିର ହୋଇଥିବାରୁ, ସରକାର ପୁଣି ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଉଛି । ସରକାର ବୀମା, ପ୍ରତିରକ୍ଷା ଏବଂ ମହାକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ୱଳ୍ପ ଅଂଶଧନ ବିକ୍ରି କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି । ଶ୍ରୀ ଚାୱଲା କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଂଶଧନ ବିକ୍ରି ମଧ୍ୟ ଷ୍ଟକ୍ ବଜାର ନିୟମାବଳୀ ଅନୁଯାୟୀ କରାଯିବ । ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ବୃଦ୍ଧି କରିବା । ସରକାର ଚଳିତ ବର୍ଷ ତାଙ୍କର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଅତିକ୍ରମ କରିବାକୁ ଆଶା ରଖିଛନ୍ତି । ଚଳିତବର୍ଷ ପାଇଁ ସରକାର ୪୭,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଚଳିତବର୍ଷ ୧.୨୦ ଲକ୍ଷ କୋଟିରୁ ଅଧିକ ଲାଭାଂଶ ଲକ୍ଷ୍ୟ ରଖିଛନ୍ତି ।

## ୨୦୨୨-୨୩ରେ ଓଡ଼ିଶାର...

ସୁସ୍ଥ ଭାବେ ଗଢ଼ି ତୋଳିଥିଲେ । ବ୍ୟାପକ ସଂସ୍କାର ଫଳରେ ୨୦୦୬ ମସିହା ପରଠାରୁ ଓଡ଼ିଶା କ୍ରମାଗତ ଭାବେ ନିଜର ଆର୍ଥିକ ବଳକା ସ୍ଥିତି ବଜାୟ ରଖି ଆସୁଛି । ଏହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଖୁସିବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ସୁଚିନ୍ତିତ ଯୋଜନା, ଆର୍ଥିକ ସୁପରିଚାଳନା ଓ ୫-ଟି ନୀତିର ସଫଳ ପ୍ରଣୟନ କାରଣରୁ ଓଡ଼ିଶା ନିଜସ୍ୱ ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ସଫଳତା ପାଇଥିଲା । ନିରନ୍ତର ଭାବେ ରାଜସ୍ୱ ଅଭିବୃଦ୍ଧି ଘଟିବା ସହ କେନ୍ଦ୍ର ଉପରେ ନିର୍ଭରଶୀଳତା ମଧ୍ୟ ଦ୍ରୁତ ହ୍ରାସ ପାଇଥିଲା । ଯାହାଫଳରେ ରାଜ୍ୟ ସରକାର ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିପାରିଥିଲେ । ଏଥିରେ ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ଦକ୍ଷତା ବିକାଶ, ୫-ଟି ସ୍କୁଲ, ଜନଜାତି ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ସୁବିଧା ଓ ଦାରିଦ୍ର୍ୟ ଦୂରୀକରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ସେହିପରି ନିଜସ୍ୱ ପାଣ୍ଠିରେ ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଦୁଇ ଦଶନ୍ଧିରୁ ଅଧିକ ଏଭଳି ସଫଳତା ପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କର ନିରନ୍ତର ସମର୍ଥନ ବିନା ସମ୍ଭବପର ହୋଇପାରି ନ ଥାନ୍ତା । ଏଥିପାଇଁ ନବୀନ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଚୌଦ୍ୱାର ଥାନାରେ...

ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲ(ଏସ୍‌ସିବି)କୁ ପଠାଇଥିଲେ । ସେଠାରେ ଟ୍ରମା କେୟାର୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ରସାନନ୍ଦଙ୍କ ପରିବାରଲୋକେ ଏସ୍‌ସିବିରେ ପହଞ୍ଚି ପୁଲିସ ତାଙ୍କୁ ପିଟିପିଟି ମାରିଦେଇଥିବା ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ, ଏ ସଂକ୍ରାନ୍ତରେ ଚୌଦ୍ୱାର ପୁଲିସ ମୁହଁ ଖୋଲୁନାହିଁ । ଯେକୌଣସି ଅଧିକାରୀଙ୍କୁ ପଚାରିଲେ ବି ସେ ଥାନାରେ ନଥିଲେ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି । ପ୍ରତି ଥାନାରେ ସିସିଟିଭି ରହିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଚୌଦ୍ୱାର ଥାନାରେ କେଉଁଠି ସିସିଟିଭି ଲାଗିଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ପୁଲିସର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଅଭିଯୁକ୍ତ ଆତ୍ମହତ୍ୟା କରିଥିଲେ ମଧ୍ୟ କମିସନରେଟ୍ ପୁଲିସ ଏ ବାବଦରେ ସ୍ପଷ୍ଟ କରିନାହିଁ । ଗୋଟିଏପଟେ, ଅଭିଯୁକ୍ତକୁ ଜଣେ ଥାନା କର୍ମଚାରୀ ଜଗିବାର ନିୟମ ରହିଥିବା ବେଳେ କିଭଳି ସେ ହାଜତରୁ ଖସି ନିଜ ବେଲ୍ଟ ଦ୍ୱାରା ବାରାକ୍ ପାଇଖାନାରେ ଆତ୍ମହତ୍ୟା କଲେ, ସେନେଇ ନିରପେକ୍ଷ ତଦନ୍ତ ହେବା ସହ ଏହି ଘଟଣାରେ ଦାୟୀ ପୁଲିସ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏଡିସିପି ଅମରେନ୍ଦ୍ର ପଣ୍ଡା ଓ ଏସିପି ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଗୃହ ଚାଲିଲା...

ସରକାର ନିଷ୍ପତ୍ତି ନେଇ ସାରିଛନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିବା ଆବଶ୍ୟକ । ଏନେଇ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି । ମାତ୍ର, ରାଜ୍ୟ ବିଜେପି ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି । ଏହା ଓଡ଼ିଶା ପାଇଁ 'କଳା ଦିନ' ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ପ୍ରସଙ୍ଗରେ ଆମେ ବିଧାନସଭାରେ ଆଲୋଚନା କରିବାକୁ ଚାହିଁଥିଲା ବେଳେ ବାଚସ୍ପତି ଏହାକୁ ଅନୁମତି ଦେଲେନାହିଁ । ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପ୍ରସଙ୍ଗ ଅଟେ । ଯଦି ଜିଲ୍ଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କର କ୍ଷମତା ରହିବ ନାହିଁ, ସବୁଯାକ ଯଦି ବାବୁରାଜରେ ଚାଲିବ, ତା'ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିପାରନ୍ତି । ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ମାନସିକ ଚିନ୍ତା ଦୂର ହେବ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

## କଂଗ୍ରେସର ଅନାସ୍ଥା...

ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି କହିଛନ୍ତି । ବାଚସ୍ପତି ଅନାସ୍ଥା ନୋଟିସ ଅଗ୍ରାହ୍ୟ କରାଯାଇଥିବା ଘୋଷଣାରେ ବିଧାନସଭା ଗୃହ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ । ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଧାୟକମାନେ ଧାରଣାରେ ବସିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଆମେ ସାଢ଼େ ୪ କୋଟି ଜନତାଙ୍କ କଥା ବିଧାନସଭାରେ କହିବାକୁ ଚାହୁଁଥିଲୁ; ଗଣତନ୍ତ୍ରକୁ ସୁରକ୍ଷା ଦେବା ବାଚସ୍ପତିଙ୍କ ଦାୟିତ୍ୱ । ବିଧିବ୍ୟବସ୍ଥା ଅନୁଯାୟୀ କଂଗ୍ରେସ ଅନାସ୍ଥା ନୋଟିସ୍ ଆଣିଥିଲା । କିନ୍ତୁ ଶାସକ ବିଜେପି ବାଚସ୍ପତିଙ୍କ ଜରିଆରେ ଗଣତନ୍ତ୍ରକୁ ହତ୍ୟା କରିଛି । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି । ଆମକୁ ସଂଖ୍ୟାହୀନ କହି ସେମାନେ ସମାଲୋଚନା କରୁଥିଲେ, ମାତ୍ର ଭୟ କରି ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ । ପିମ୍ପୁଡ଼ି ମଧ୍ୟ ହାତୀକୁ ନଚାଇବାକୁ ସମର୍ଥ । ନ୍ୟାୟ ପାଇଁ ଆମେ କକ୍ଷତ୍ୟାଗ କରିଛୁ । ଆଗକୁ ରଣକୌଶଳ ପ୍ରସ୍ତୁତ ହେବ ଓ କିପରି ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା କଂଗ୍ରେସ ଅନାସ୍ଥା ପ୍ରସ୍ତାହ ଆଣିଥିଲା । ଦଳର ୧୪ ବିଧାୟକଙ୍କ ସମେତ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମର୍ଥନରେ ମୋଟ୍ ୧୫ ଜଣ ବିଧାୟକଙ୍କ ଦସ୍ତଖତରେ କଂଗ୍ରେସ ଏହି ପ୍ରସ୍ତାବ ଆଣିଥିଲା । ଅନାସ୍ଥାରେ ସମର୍ଥନ ଦେବାକୁ କଂଗ୍ରେସ ବିଜେଡିର ସହଯୋଗ ଲୋଡ଼ିଥିବା ବେଳେ ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ସପକ୍ଷରେ ସହଯୋଗ ଲୋଡ଼ିଥିଲେ । ମାତ୍ର ଏହା ଆଜି ଅଗ୍ରାହ୍ୟ ହୋଇଯିବା ପରେ କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି ।

## ବଣ୍ଡାଘାଟି ରାଜପଥ...

ଅତଡା ଖସିବା ଯୋଗୁଁ ଲମ୍ବା ସମୟ ପର୍ଯ୍ୟନ୍ତ ବଣ୍ଡାଘାଟି ଯାତାୟାତ ବାଧାଗ୍ରସ୍ତ ହୋଇଥିଲା । ପୁଣିଥରେ ସେଇ ପରିସ୍ଥିତି ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହିତ ଭୟର ପରିବେଶ ସୃଷ୍ଟି ହୋଇଛି ।

## କଳିଙ୍ଗା ଘାଟିରୁ...

ପ୍ରତିଦିନ ବର୍ଷାରେ ୫୦ କି.ମି ବୁଲି ଚକାପାଦ ଘାଟିରେ ବଡ଼ବଡ଼ ଗାଡ଼ି ଆସିବା କଷ୍ଟକର ହୋଇଥିବା ବେଳେ ଅଧିକ ସମୟ ସହ ଅଧିକ ଯାତ୍ରୀ ଭଡ଼ା ଦେବାକୁ ପଡୁଛି । ଚକାପାଦ ରାସ୍ତାରେ ମଧ୍ୟ ବିଭିନ୍ନ ସ୍ଥାନରେ ଘାଟି ରାସ୍ତା ଦୁର୍ବଳ ଥିବା ଅଭିଯୋଗ ହେଉଛି ।

## ଏଥର ଫିକା...

ମଙ୍ଗଳବାର ସୁନ୍ଦରଗଡ଼ ଓ ସମ୍ବଲପୁରରେ ସବୁଠୁ ଅଧିକ ବର୍ଷା ହୋଇପାରେ । ଅନ୍ୟପଟେ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ ସେପ୍ଟେମ୍ବର ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଲଘୁଚାପ ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ସେପ୍ଟେମ୍ବର ୨୬ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଅବପାତରେ ପରିଣତ ହେବାର ଅଧିକ ସମ୍ଭାବନା ରହିଛି । ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଉଛି । ଏଥିପାଇଁ କିଛି ଜିଲ୍ଲା ପାଇଁ ପ୍ରବଳ ବର୍ଷା ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜନିତ ଚେତାବନୀ ଜାରି ହୋଇଛି ।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି । ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPSBPSIG-KAVACH-092025

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ୍ (JSGR)-ଏକ୍ସ-ସିଙ୍ଗାପୁର ରୋଡ୍ ଜଂକ୍ସନ (SPRD), ଏକ୍ସ-ଲାଖୋଲି (LAE)-ଟିଟିଲାଗଡ଼ (TIG) ଏବଂ ସମ୍ବଲପୁର ଜଂକ୍ସନ (SBP)-ଏକ୍ସ-କେରେଜଙ୍ଗା (KPJG) ସେକ୍ସନ ମଧ୍ୟରେ କବଚ ଉପକରଣଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।"

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 129,93,43,287.32, EMD (ଟଙ୍କାରେ): 66,46,700/-, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/କବଚ/ମୁଖ୍ୟାଳୟ/ଭୁବନେଶ୍ୱର

PR-111/CI/25-26

# ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ନୂଆ ଏସ୍‌ଓପି

- ୩ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହେବ ପ୍ରଶ୍ନପତ୍ର ପ୍ରିଣ୍ଟିଂ
- ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ବେଳେ ହେବ ଭିଡିଓଗ୍ରାଫି
- ଅନ୍‌ଲାଇନ୍ ପରୀକ୍ଷାରେ ସୁରକ୍ଷା ଜଗିବ ଏଆଇ

ଭୁବନେଶ୍ୱର, ୨୨।୯ (ସମିସ): ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ରୋକିବାକୁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସମସ୍ତ ସଂସ୍ଥା ପାଇଁ ଏକକ ନିୟମ ପ୍ରଣୟନ କରିଛନ୍ତି । ପ୍ରଶ୍ନପତ୍ର ଛପାଠାରୁ ଆରମ୍ଭ କରି ପରୀକ୍ଷା ସରିବା ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀଙ୍କ ଏକ ଦଳ ଦାୟିତ୍ୱରେ ରହିବେ । ଅନ୍‌ଲାଇନ୍ ପରୀକ୍ଷା ପାଇଁ ଆହୁରି କଠୋର ନିୟମ ଅଣାଯାଇଛି । ସୁରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ର ଉପଯୋଗ ହେବ । ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ସମୟରେ ଭିଡିଓଗ୍ରାଫି କରାଯିବ । ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥା ସୁଧାର ଆଣି ସ୍ୱଚ୍ଛତାର ସହ ପରୀକ୍ଷା କରିବାକୁ ସୋମବାର ସରକାର ନୂତନ ଏସ୍‌ଓପି ଜାରି କରିଛନ୍ତି । ଅଫ୍‌ଲାଇନ୍ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପ୍ରିଣ୍ଟିଂ ସମୟରେ ଗୋପନୀୟତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ତିନିଜଣିଆ ଏକ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପ୍ରିଣ୍ଟିଂ ହେବ । ଜଣେ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସମେତ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ଏବଂ ଯେଉଁ ବିଭାଗର ପରୀକ୍ଷା ହୋଇଥିବ, ସେହି ବିଭାଗର ଜଣେ ବରିଷ୍ଠ ଅଧିକାରୀ ମଧ୍ୟ କମିଟିରେ ରହିବେ । ପୁଲିସ୍ ନିଯୁକ୍ତି ସଂକ୍ରାନ୍ତୀୟ ପରୀକ୍ଷା ହୋଇଥିଲେ ଜଣେ ଆଇଜି ରାଙ୍କର ପୁଲିସ୍ ଅଧିକାରୀ ପ୍ରିଣ୍ଟିଂ ସମୟରେ ଉପସ୍ଥିତ ରହିବା ବାଧ୍ୟତାମୂଳକ କରାଯାଇଛି । ଓଏମ୍‌ଆର୍ ସିଟ୍‌ରେ ପରୀକ୍ଷାର୍ଥୀଙ୍କ ରୋଲ୍ ନମ୍ବର ସହ ପରୀକ୍ଷା ବିଷୟର କୋଡ୍ ଓ ପରୀକ୍ଷା ତାରିଖ ଲେଖା ପୂର୍ବରୁ ହିଁ ରହିବ । ପ୍ରଥମଥର ପାଇଁ ଓଏମ୍‌ଆର୍ ସିଟ୍‌ରେ ଏପରି ପରିବର୍ତ୍ତନ କରାଯାଇଛି । ଫଳରେ ଓଏମ୍‌ଆର୍ ସିଟ୍ ପରିବର୍ତ୍ତନ ବା ଅଦଳବଦଳ ଆଶଙ୍କା ଆଉ ରହିବ ନାହିଁ । ପ୍ରଶ୍ନପତ୍ର ପ୍ୟାକେଟ୍‌ରେ ହିଁ ଓଏମ୍‌ଆର୍ ସିଟ୍ ରହିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ସେହିପରି ଯେଉଁ କମ୍ପାନୀର ନିଜସ୍ୱ ସ୍ଥାୟୀ କର୍ମଚାରୀ ନଥାଇ ଠିକାରେ ଲୋକ ଆଣି ପରୀକ୍ଷା କରିବେ, ସେମାନଙ୍କୁ ଆଉ ଅନୁମତି ମିଳିବ ନାହିଁ ।

**ଅଫିସ ଅଫ ଦ ପ୍ରିନ୍ସିପାଲ** / Office of the Principal
**SCIENCE HIGHER SECONDARY SCHOOL, GUDARI, DIST. RAYAGADA**
Email ID – principalinchargesgic@gmail.com

**RECRUITMENT NOTICE**

Applications are invited from eligible candidates for filling up of 2 (Two) numbers of 4th grade (Peon) employee against the existing vacancy on 89 days basis. The appointment is purely temporary and with a consolidated remuneration of **Rs. 5000/- per month.** The minimum educational qualification of the applicants is H.S.C. or equivalent with Odia as a language subject and must be within the age group of 21–38 years.

Applicants should send their resume with necessary self-attested documents to the Principal-in-Charge, Science Higher Secondary School, Gudari, Dist- Rayagada, PIN-765026 within 20 days from the date of publication of this advertisement by Speed post only.

The interview will be held on 15.10.2025 at 11 AM in the institution premises. No TA/DA will be admissible for attending the interview. The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist- Rayagada

**OFFICE OF THE NODAL PRINCIPAL, KORAPUT**
Dist-Koraput (Odisha)
(WORKING UNDER ODISHA ADARSHA VIDYALAYA SANGATHAN)
Phone : 7978897651
E-mail : principalomavjeypore@gmail.com

Letter No. 014/25 Date : 20-09-2025

**EMPANELMENT OF PART TIME CONTRACTUAL TEACHER PGT(CHEMISTRY) (EXTENSION OF DATE IN THE ADVERTISEMNET PUBLISHED IN "THE SAKALA" ODIA NEWS PAPER DAILY DATED 17-09-2025)**

It is hereby notified that a Walk-in-Interview(Document Verification) will be conducted for one post of PGT(CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26. The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website (https://koraput.odisha.gov.in/notice/recruitment/archive-recruitment) published on 25 March 2025. Deserving candidate will have to be physically present along with prescribed filled-in application form along with all self attested copies of relevant documents on 26 September 2025, 10 AM at OAV, Machhara, near Koraput Town.

**Current Vacancy : PGT (CHEMISTRY) - 01 number at OAV, Nilabadi of Bandhugaon Block**

(By order of Collector & DM, Kora put)
Sd/-
Principal, OMAV, Jeypore
& Nodal Principal, OAVs. Koraout

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 2230/OSOU/2025 Dt. 22.09.2025

**NOTICE FOR EXTENSION OF EOI-CUM-RFP SUBMISSION DATE**

Ref No.: EOI- Notice No. 1999/OSOU/2025 Dtd. 26-08-2025

With reference to the notice cited above, this is for the information of all concerned that last date for submission of EOI and RFP documents for implementation of e-Evaluation of Answer scripts in Odisha State Open University, Sambalpur, Odisha is being extended till **09th October, 2025 (05.00 PM)**.

All other Terms and Conditions of the EOI documents / Corrigendum shall remain unchanged and Prospective Bidders are advice to visit the University website www.osou.ac.in regularly for any updates.

Sd-
Registrar

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BOUDH**
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in
ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

No. 1367 Date 20.09.2025

**TENDER CALL NOTICE**

Sealed tenders are invited from the intending registered suppliers/ vendors having valid GSTIN and PAN for supply of Resource Materials for the Saksham Resource Centre for the CWSN to be opened at 3 (three) nos. of PM SHRI Schools of Boudh District. The supplier shall have to furnish their offer price item wise as mentioned in the bid after going through the terms and conditions of the tender published in **Boudh district website** www.boudh.odisha.gov.in **and OSEPA website** www.osepa.odisha.gov.in.

The tender should reach the office through Registered / Speed Post to the undersigned on or before 07.10.2025 by 5.00 P.M. The tenders shall be opened on **08.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman, SS,Boudh*
DEO-cum-DPC
Samagra Shiksha, Boudh

OIPR-27138/11/0001/2526 n-162

**GOVERNMENT OF ODISHA, "e"-PROCUREMENT NOTICE OFFICE OF THE BLOCK DEVELOPMENT OFFICER, NANDAPUR ON P.R & D.W DEPARTMENT**

i-318

**Tender call Notice**
E-mail-ori-nandapur@nic.in
Tender Call Notice No.-eTcn03/NANDAPUR/2025-26

Letter no: Dated:-

**Bid Identification No. B.D.O, Nandapur -eTcn03/Nandapur/2025-26**

The Block Development Officer, Nandapur on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned In DTCN
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.09.2025 11.00 AM to 10.10.2025 Upto 5.30 pm.
6. Date of opening of Bid : Dt.15.10.2025 at 11.00 AM
7. They have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum /Cancellation of tender can also be seen in the said website.

Sd/- Block Development Officer, Nandapur

OIPR-19118/11/0005/2526

**କବଲା ହଜିଛି**

ମୁଁ ସୁବାଷ ଚନ୍ଦ୍ର ସାହୁ, ପିତା - ମାଟିଆ ସାହୁ, ପୋ- ଓଡଗାଁ, ଜିଲ୍ଲା- ନୟାଗଡରେ ବାସ କରେ । ମୁଁ ଜଣାଉଛି କି ମୁଁ ମୋ ଘରୁ ବଜାରକୁ ଯାଉଥିବା ସମୟରେ ଅରକ୍ଷିତ ସାହୁଙ୍କ ମୂଳ କବଲା ଡିଡ ନଂ. ୧୬୦୬, ତାରିଖ ୧୮.୦୮.୧୯୯୨ ଓ ତା ସହିତ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟିରେ ଝୁଲୁଥିବା ସମୟରେ ତା.୦୫.୦୯.୨୦୨୫ରିଖ ଦିନ ୨ ଘଟିକା ସମୟରେ ହଜିଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**SALE**

TATA LPT 1512,MODEL 2023, Regn. No -OD-02-CH-6412, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**SALE**

TATA LPT 1512,MODEL 2023, Regn. No -OD-02-CJ-9801, in as is where is condition., Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

I Silalipi Sahoo W/o Srikant Kumar Sahoo, Resident of Plot No 1184/4, Nayapalli, Nilakantha Nagar, Near Debroy college, Bhubaneswar Urban, Odisha, PIN-751012, declare by this affidavit No.32 dtd 26.08.2025 that now onwards I shall be known as **SILALIPI SAHU** for all future purposes.

**AFFIDAVIT**

I, Balaram Khemundu, S/o- Mangaraj Khemundu, resident of Vill./Po.- Attanda, Ps.- Padwa, Dist.- Koraput, Odisha, Pin-764041 declare by this affidavit No-88, dtd-22.09.2025 that, I have changed my daughter's name from **Suramilata Khemundu** to **Sarmilata Khemundu**. Henceforth she will be known as **Sarmilata Khemundu** for all future purposes.
Sd/- Balaram Khemundu

**କବଲା ହଜିଛି**

ମୁଁ ସୁମନ କୁମାର ମହାପାତ୍ର, ପିତା- ସୁବାଷ ଚନ୍ଦ୍ର ମହାପାତ୍ର, ମହିପୁର, ଜିଲ୍ଲା: ନୟାଗଡରେ ବାସ କରେ । ମୁଁ ଜଣାଇବାକୁ ଚାହୁଁଛି ଯେ, ମୋ ମା ମଞ୍ଜୁବାଳା ମହାପାତ୍ରଙ୍କର ମୂଳ କବଲା ନଂ. ୧୧୩୭୧୧୦୫୬୭୪, ତା.୦୪.୧୧.୨୦୧୧ରିଖ ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟି ରେ ଲାଗିଥିବା ସମୟ ରେ ତା.୧୫.୦୫.୨୦୨୫ରିଖ ଦିନ ୧୨ଘ.୩୦ମି. ସମୟରେ ଚୋରି ହୋଇଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**AFFIDAVIT**

By virtue of an affidavit C.F.No.1266 sworn before the executive Magistrate, Kuchinda, Dist: Sambalpur dated 04-09-2025, Somanath Kallo S/O Mayadhar Kallo resident of Vill: Gulujipali (Kalopada) PO: Katarkela, P.S: Jamankira Dist: Sambalpur declared that my correct name is Somanath Kallo and my wife's correct name is Bebby Pradhan in all documents but my sons birth certificate my name wrongly mentioned as Somanatha Kallo and my wife's name wrongly mentioned as Bebby Kallo. Henceforth, I declare that my real, actual name is Somanath Kallo and my wife's correct name is **Bebby Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide No.1193 dated. 20.09.2025, I Nakul Podh, S/o- Sadananda Podh, resident of Ghulipali, Ward no.-18, Bargarh, Po./Ps./Dist.- Bargarh state that, my daughter's name is **Jagyasini Podh** but in her Aadhar card her name is mentioned as **Titiska Podh**, which is her nick name. Hence **Jagyasini Podh** and **Titiska Podh**, D/o- Nakul Podh is same and one person.

**AFFIDAVIT**

I, Mehboob Bano Abidi, W/o- Syed Ali Abidi, resident of Danial Apartment, Medical Road, Akbar Market Dodhpur, Civil Lines, Aligarh, Uttar Pradesh, India vide affidavit no.123 dated 20.09.2025 state that, I have changed my name from **Mehboob Bano** to **MEHBOOB BANO ABIDI**. Henceforth I shall be known as **MEHBOOB BANO ABIDI** for all future purposes.
Sd/- **Mehboob Bano Abidi**

**AFFIDAVIT**

By virtue of an affidavit No- *5680* sworn before Executive Magistrate,Angul,dated - 22/09/2025 . I Jitu Behera, Address At-Sabalabanga PO- Kumurisingha Ps-Angul Sadar Dist- Angul PIN-759129 declare that I have changed my name from Jitendra Behera to Jitu Behera .Henceforth, I shall be known as **Jitu Behera** for all purposes.
Jitu Behera

**AFFIDAVIT**

By virtue of an affidavit sworn before the Executive Magistrate Jajpur, Dated 22nd. September 2025, No-9383, I, Kanakalata Kar, D/o-Late Madhusudan Mishra, Vill- Ghantiali, Post- Baniapal, Ps- Binjharpur, Dist- Jajpur, Odisha, Pin-755027 declare that I have changed my name from Ki-anaklata Kar to Kanakalata Kar. Henceforth,I shall be known as Kanakalata Kar for all Purposes.
Sd/- Kanakalata Kar

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/09/2025. I, **Sai Swayam Sahu** (new name), formerly called as **Swayam Kumar Sahu** (old name), S/o- Biswa Ranjan Sahu, permanent resident of At- Sargiguda, W. No. 4, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Swayam Kumar Sahu** (old name) to **Sai Swayam Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sai Swayam Sahu** (new name).
**Sai Swayam Sahu**

**AFFIDAVIT**

By virtue of an affidavit sworn before Executive Magistrate ,Bhubaneswar dated 16.9.2025 CF no. 7 . I Smt. Pinki Patra, W/o- Sanjay Kumar Patra, At- Tamudia, P.o- Shyamsundar, Ps.: Rairangapur, Dist.: Mayurbhanj , Odisha, Pin-757050 have changed my minor son's name from Samanath Patra to Somanath Patra. Henceforth, he shall be known as Somanath Patra for all purposes.
Pinki Patra

**AFFIDAVIT**

By virtue of an affidavit before Executive Magistrate, Cuttack, I do hereby solemnly affirm that my actual name is Tilotama Naik wife of Chandan Naik as per my Aadhaar card No.891932006157. But in my Punjab National Bank Passbook No. 08682191038950 my name has been mentioned as Puja Nayak. I hereby declare that Tilotama Naik and Puja Nayak is one and same person i.e myself. That the aforesaid Passbook has been lost and inspite of my best effort I could not trace it out.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 20/09/2025. I, **Neelima Panigrahi,** aged about 30 years, W/O Omkar Hota, permanent resident of R.T.O. Chowk, PO/PS/Dist- Balangir, Odisha, PIN- 767001 at present residing At/PO/PS- Titilagarh, Dist- Balangir, Odisha, PIN- 767033 declare that, now I want to change my name from **Neelima Panigrahi** (old name) to **Neelima Hota** (new name). Henceforth, I shall be known as **Neelima Hota** (new name) for all purposes.

ପାରାଦୀପ ବିଶ୍ୱକର୍ମା ପୂଜା

# ଷଷ୍ଠ ସନ୍ଧ୍ୟାରେ ମଣ୍ଡପ ବୁଲିଲେ ବିଚାରକ ମଣ୍ଡଳୀ

ପାରାଦୀପ,୨୨।୯ (ସମିସ):

ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ଯେତିକି ସରି ସରି ଆସୁଛି, ଭିଡ଼ ଜମିବା ସହିତ ଆୟୋଜକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଛି। କାହାକୁ ମିଳିବ ଶ୍ରେଷ୍ଠ ପୁରସ୍କାର ତାକୁ ନେଇ ଆୟୋଜକଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ସବୁଥିରେ ଶ୍ରେଷ୍ଠତ୍ୱଙ୍କୁ ପୁରସ୍କୃତ କରିବେ ମୁଖ୍ୟଅତିଥି। ତୋରଣ, ମୂର୍ତ୍ତି, ଭିତର ସାଜସଜ୍ଜା, ବାହ୍ୟ ସାଜସଜ୍ଜା, ଆଲୋକ ସାଜସଜ୍ଜା, ଶୃଙ୍ଖଳା ଓ ଭଲ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ଆୟୋଜକଙ୍କୁ ମିଳିବ ଏହି ପୁରସ୍କାର। ଆଜି ସନ୍ଧ୍ୟାରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ପ୍ରତ୍ୟେକ ମଣ୍ଡପକୁ ଯାଇ ଟିକନିକ ସବୁ ପରଖିଛନ୍ତି। ଆସନ୍ତାକାଲି ଶେଷ ଦିନରେ ସେମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯିବ। ଏହି ବିଚାରକ ମଣ୍ଡଳୀରେ



ପାରାଦୀପ ଏଡିଏମ, ଏଏସ୍‌ପି, ତହସିଲଦାର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବନ୍ଦର ପକ୍ଷରୁ ନାରାୟଣ ମିଶ୍ର ରହିଛନ୍ତି। ୬ ଦିନରେ ପଦାର୍ପଣ କରିଥିବା ବିଶ୍ୱକର୍ମା ପୂଜାର ଷଷ୍ଠ ସନ୍ଧ୍ୟାରେ ମଧ୍ୟ ବହୁ ଲୋକଙ୍କ ସମାଗମ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଦର୍ଶକ ଅପରାହ୍ନରୁ ହିଁ ଭିଡ ଜମାଇଥିଲେ। ବ୍ୟବସାୟୀ ଆଜି ଆଶାଜନକ ବ୍ୟବସାୟ କରିଥିବା ଜଣାପଡ଼ିଛି। ସୋମବାର ଯୋଗୁଁ ଆମିଷ ଷ୍ଟଲ ଫାଙ୍କା ପଡ଼ିଥିଲା। ବିଶେଷକରି ଚାଟ, ଠୁଙ୍କା ପୁରୀ, ଦୋଷା, ଲଙ୍କା ଚପ, ଆଇସକ୍ରିମ ଓ ମକା ସିଝା ଷ୍ଟଲରେ ଭିଡ଼ ହୋଇଥିଲା। ସବୁ ମଣ୍ଡପରେ ମେଲୋଡି ମଧ୍ୟ ହୋଇଥିଲା। ବନ୍ଦର ପିଏଚଡି ବିଭାଗ ମଣ୍ଡପ ସମ୍ମୁଖରେ ପରିବେଶ ସୁରକ୍ଷାକୁ ନେଇ ପୌରପାଳିକା ପକ୍ଷରୁ ସଚେତନତା ପାଲା ଆୟୋଜିତ ହୋଇଥିଲା। ଆସନ୍ତାକାଲି ବିଶ୍ୱକର୍ମା ପୂଜା ଶେଷ ହେଉଥିବାବେଳେ ୨୪ ତାରିଖ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।

■ ବିଶ୍ୱକର୍ମା ପୂଜାରେ ଚୋର ଆତଙ୍କ

## କେହି ନ ଥିବା ଘରକୁ ଟାର୍ଗେଟ କରୁଛନ୍ତି ଲୁଟେରା

ପାରାଦୀପ,୨୨।୯ (ସମିସ): ବିଶ୍ୱକର୍ମା ପୂଜାରେ ଚୋରଙ୍କ ଆତଙ୍କ ଲୋକଙ୍କୁ ଚିନ୍ତାରେ ପକାଇଛି। ଲୁଟେରା ବନ୍ଦର ସହର ବୁଲି କେହି ନ ଥିବା ଘରକୁ ଟାର୍ଗେଟ କରୁଛନ୍ତି। ଘରୁ ସପରିବାର ପୂଜା ବୁଲିଗଲେ ଘରେ କଳାକନା ବୁଲାଇ ଦେଉଛନ୍ତି। ଏଭଳି ଗ୍ୟାଙ୍ଗ ଏବେ ପାରାଦୀପରେ ବୁଲୁଥିବା ଦେଖିବାକୁ ମିଳିଛି। ପୂଜା ଭିଡ଼ରେ ଭ୍ୟାନିଟି ବ୍ୟାଗରୁ ଟଙ୍କା, ସୁନା ଓ ମୋବାଇଲ ନେଇଯିବା ସହିତ କ୍ୱାର୍ଟର ଉପରେ ମଧ୍ୟ ନଜର ରଖିଛନ୍ତି। ଦିନବେଳେ ବୁଲି ଠାବ କରୁଥିବାବେଳେ ସନ୍ଧ୍ୟାରେ ଚୋରି କରୁଛନ୍ତି। ଏବେ ପାରାଦୀପ ସହରରେ ବହୁ ଅଚିହ୍ନା ଲୋକ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଯେଉଁମାନେ ପାରାଦୀପରେ ବସବାସ କରୁନାହାନ୍ତି, କେବଳ ପୂଜା ଗହଳିରେ ଚୋରି କରିବା ଲକ୍ଷ୍ୟରେ ପାରାଦୀପକୁ ଆସିଛନ୍ତି। ପୂଜା ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁ ସନ୍ଧ୍ୟାରେ ପୁଲିସ ବହୁ ଯୁବକ ଓ ମହିଳା ଲୁଟେରାଙ୍କୁ ଧରି ସେମାନଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ତେବେ କଲୋନୀରୁ ଚୋରି କରୁଥିବା ଲୁଟେରାଙ୍କ ସୁରାକ ପାଉନି ପୁଲିସ। ଏଭଳି ଘଟଣା ଘଟିଛି ମଧୁବନ ଅଞ୍ଚଳରେ। ମଧୁବନ ଅଞ୍ଚଳରେ ରହୁଥିବା ସୁକାନ୍ତ ମୁଦୁଲି ବିଶ୍ୱକର୍ମା ପୂଜା ବୁଲି ଆସିଥିବାବେଳେ ଲୁଟେରା ଘରେ ପଶି ତାଙ୍କ ଗଡ଼ରେଜ ଭାଙ୍ଗି ସୁନା ଶଙ୍ଖା, କାନଫୁଲ, ଚେନ, ଲକେଟ, ଚୁଡ଼ି, ସୁନା ମୁଦି, ପାଉଁଚି ଓ ଗୋଡ ମୁଦି ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଘର ସୁକାନ୍ତ ମୁଦୁଲି ପାରାଦୀପ ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ସେହିପରି ପ୍ରତ୍ୟେକ ଦିନ କଲୋନୀରେ କିଛି ନାଁ କିଛି ଚୋରି ହେଉଥିବା ଘଟଣା ସାମ୍ନାକୁ ଆସୁଛି। ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି।

## ଅନ୍ନପୂର୍ଣ୍ଣା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୨୨।୯ (ସମିସ): ସବୁ ମଣିଷର ଜନ୍ମ ଏକ ପ୍ରକାର। କିନ୍ତୁ ଅସାଧାରଣ କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ସେହିଭଳି ଅନେକ ସୁଗୁଣ, ସୁକର୍ମର ଅଧିକାରିଣୀ ଥିଲେ ଅନ୍ନପୂର୍ଣ୍ଣା ଦାଶ ବୋଲି ଆଜି ତାଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ



ମତ ଦେଇଛନ୍ତି। ରସଲପୁରଠାରେ ଥିବା ସନ୍‌ରାଇଜ୍ ଷ୍ଟଡିସର୍କଲରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ କହିଥିଲେ, ସ୍ୱର୍ଗତ ଅନ୍ନପୂର୍ଣ୍ଣା ଦାଶ ଏକାଧାରରେ ଜଣେ ଆଦର୍ଶ ସହଧର୍ମିଣୀ, ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାକେଶ ନାଥ, ରୁଦ୍ରପ୍ରସାଦ ସାହୁ, ବିଦ୍ୟାର୍ଥୀ ସୌରଭ ତ୍ରିପାଠୀ, ଆୟୁଷ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସାଇଦିପ୍ତୀ ପତି, ଅମିତ ଦାସ, କ୍ରିଷ୍ଣା ଦାଶ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଛାତ୍ର ସତ୍ୟରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବ୍ଲକ୍ କାର୍ଯ୍ୟାଳୟ ଆଗରେ ସିଏସ୍‌ଏସ୍ ସଂଘର ଧାରଣା

ବାଲିକୁଦା,୨୨।୯ (ସମିସ): ୬ ମାସର ବକେୟା ଦରମା ପ୍ରଦାନ, ସ୍ଥାୟୀ ଦରମା ପ୍ରଦାନ, କମ୍ୟୁନିଟ୍ କ୍ୟାଡର ଗାଇଡଲାଇନକୁ ସାର୍ବଜନୀନ କରିବା, ସିଏଲଏଫ୍ ପୁନର୍ଗଠନ ଆଦି ଦାବି ନେଇ ବାଲିକୁଦା ବ୍ଲକ୍ କମ୍ୟୁନିଟ କ୍ୟାଡର ସଂଘ ପକ୍ଷରୁ ସଭାନେତ୍ରୀ ଭାରତୀ ଦାସ ଓ ସମ୍ପାଦିକା ମନ୍ଦାକିନୀ ପରିଡାଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନ ରାଜ୍ୟ ସଂଘ ପକ୍ଷରୁ ସମସ୍ତ ବ୍ଲକ୍ ସମ୍ମୁଖରେ କରାଯାଉଛି। ଆନ୍ଦୋଳନକାରୀଙ୍କ ସହ ବିଡିଓ ସାଗର ନନ୍ଦ ଆଲୋଚନା କରିବା ସହ ସେମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇଥିବା କହିବା ସହ ଓହରିଯିବାକୁ ନିବେଦନ କରିଥିଲେ। ତେବେ ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଏହି ଧାରଣାରେ ବାଲିକୁଦା ବ୍ଲକର ସମସ୍ତ ୩୦ ପଞ୍ଚାୟତର ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଏଲଏସପି ସଦସ୍ୟା ସାମିଲ ଥିଲେ।



## ଐତିହ୍ୟ ପଦଯାତ୍ରାର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୨୧।୯ (ସମିସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରା ଆବାହକ ଶ୍ରୀକାନ୍ତ ସିଂହଙ୍କ ନେତୃତ୍ୱରେ ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗ ଗ୍ରାମର ସିଦ୍ଧ ବାରଙ୍ଗ ଗୋସାଇଁଙ୍କ ପୀଠରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ ହୋଇଛି। ଆସନ୍ତା ବର୍ଷ ଫେବୃଆରୀ ୧ ତାରିଖରେ ଆୟୋଜିତ ହେବାକୁ ଥିବା "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପ୍ରଥମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ଓ ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭ ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ପୂଜା କରାଯାଇଥିଲା। ଏହି ବୈଠକରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଓ ଶିକ୍ଷାବିତ ବିଜୟ ରଥ ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଏହି ବୈଠକରେ ସ୍ଥିର ହୋଇଥିଲା। ଉତ୍ସବକୁ ଅଧିକ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପାତ୍ର, ଅମର ପାତ୍ର, ଜ୍ୟୋତି ରଞ୍ଜନ ନାୟକ, ସୌରଭ ସିଂହ, ତ୍ରିଲୋଚନ ସ୍ୱାଇଁ, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା ଓ ସମ୍ବିତ ସିଂହଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଏହି ବାର୍ଷିକ ଉତ୍ସବ ମାଧ୍ୟମରେ ଜଗତସିଂହପୁରର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର ସହିତ ନୂତନ ପିଢ଼ିଙ୍କୁ ଏହାସହ ସଂଯୁକ୍ତ କରାଯିବା ଲକ୍ଷ୍ୟ ରହିଛି ବୋଲି ଆବାହକ ଶ୍ରୀକାନ୍ତ ସିଂ ସୂଚନା ଦେଇଛନ୍ତି।

● ବିଳମ୍ବରେ ହେଲେ ବି ଚେତିଲା ପ୍ରଶାସନ

## ଜବରଦଖଲକାରୀଙ୍କୁ ଦିଆଗଲା ନୋଟିସ୍

ରାଜକନିକା,୨୨।୯ (ସମିସ): ତହସିଲ୍, ବ୍ଲକ୍, ଥାନା ଚାରିପଟ ଓ ତହସିଲ ପାଚେରି କଡ଼ ଜବରଦଖଲ କରାଯାଇ ସ୍ଥାୟୀ ପକ୍କା ଓ ଆଜବେଷ୍ଟସ ଘର ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଥିବାବେଳେ ଏବେ ତହସିଲର ନିଦ ଭାଙ୍ଗିଛି। ଆଜି ତହସିଲ ପକ୍ଷରୁ ଅଶୋକ ବଜାରର ତହସିଲ ଅଫିସ ପଟେ ହୋଇଥିବା ସମସ୍ତ ଜବରଦଖଲ ପାଇଁ ନୋଟିସ୍ କରାଯାଇଛି। ଜବରଦଖଲକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଓଡ଼ିଶା ଭୂମି ଅନଧିକାର ଦଖଲ ଅଧିନିୟମ ୧୯୭୨ର ଧାରା ୪ ଓ ୬ ଅନୁସାରେ କାହିଁକି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ମର୍ମରେ ୨୩ରୁ ଅଧିକ ବେଆଇନ ଦଖଲକାରୀଙ୍କୁ ଆସନ୍ତା ୨୪ ତାରିଖରେ ତହସିଲରେ ହାଜର ହେବାକୁ କୁହାଯାଇଛି। ଦିନକୁ ଦିନ ନୂଆ ନୂଆ ତହସିଲଦାର ଆସିବା ବେଳର ପୁରୁଣା ଦଖଲକାରୀଙ୍କୁ ପାଉତି କାଟି ସେମାନଙ୍କ ବେଆଇନ ଦଖଲକୁ ସ୍ଥିରୀକୃତ କରିବା ଭଳି ଏହି ନୋଟିସ ଭେଳିକି ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ବଢ଼ିଛି। ବର୍ତ୍ତମାନର ତହସିଲଦାରଙ୍କ ସମୟରେ କନିକା ସଦରରେ ବହୁ ବେଆଇନ ଜବରଦଖଲ ଓ ଅଫିସ ଚାରିପାଖ କବଜା ହେବା ପରେ ଏହି ନୋଟିସ କ'ଣ ପ୍ରଭାବ ରହିବ, ତାହା ଦେଖିବାକୁ ସାଧାରଣରେ ଉତ୍ସାହ ବଢ଼ିଛି।




## ସବଲଙ୍ଗରେ ସ୍ୱାସ୍ଥ୍ୟସେବା ଶିବିର

ଡେରାବିଶ,୨୨।୯ (ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଲଙ୍ଗସ୍ଥ ରାମଚନ୍ଦ୍ର ବିଦ୍ୟାପୀଠରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୧୨ନଂ ଜୋନ୍ ବିଜେପି ସଭାପତି ଅଶ୍ୱିନୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ ଉପସ୍ଥିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଉକ୍ତ ଶିବିରକୁ ହେମନ୍ତ ଦାସ, ଗୋପାଳକୃଷ୍ଣ ସାହୁ, ଅକ୍ଷୟ ସାମଲ, ଅଭିମନ୍ୟୁ ଜେନା, କୈଳାସ ମଲିକ, ମହେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ମିଶନ ଶକ୍ତି ଗୋଷ୍ଠୀ ସହାୟିକାଙ୍କ ଧାରଣା



ତିର୍ତ୍ତୋଲ, ୨୨।୯ (ସମିସ): ମାସିକ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ପ୍ରଦାନ ଦାବିରେ ତିର୍ତ୍ତୋଲ ବ୍ଲକ୍ ୨୯ଟି ପଞ୍ଚାୟତର ମିଶନ ଶକ୍ତି ଗୋଷ୍ଠୀ ସହାୟିକା ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଓ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏମବିକେ ମମତା ମଞ୍ଜରୀ ପଟ୍ଟନାୟକ, ଜୟନ୍ତୀ ମହାନ୍ତି, ସିଆରପି ସିଏମ୍ ରଶ୍ମୀରଞ୍ଜିତା ମହାନ୍ତି, ଅସୀମା ପ୍ରିୟଦର୍ଶିନୀ ସ୍ୱାଇଁ, ମିତାରାଣୀ ସେଠୀଙ୍କ ସମେତ ୨୯ଟି ପଞ୍ଚାୟତର ଗୋଷ୍ଠୀ ସହାୟିକା ଏହି ଧାରଣରେ ସାମିଲ ହୋଇଛନ୍ତି। ସେମାନେ ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

କୁଜଙ୍ଗ,୨୨।୯ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରଜନୀଦେବୀ ଜରାଶ୍ରମର ପ୍ରତିଷ୍ଠାତା ଆଇନଜୀବୀ ମଞ୍ଜୁଲତା ରାଉତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବାଟିକା ପ୍ରମୁଖ ସ୍ମରଣିକା ସ୍ୱାଇଁ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ ଦାସ କର୍ମଶାଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପୂର୍ବ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ର ପଣ୍ଡା ସମାଜ ଗଠନରେ ଶିଶୁ ମନ୍ଦିର ଓ ମାଆମାନଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଜିଲ୍ଲା ସହପ୍ରମୁଖ କାହ୍ନୁଚରଣ ସାହୁ ଭଲ ମଣିଷ ଗଠନ କରିବାରେ ମା'ମାନଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା ଓ ଉପଦେଷ୍ଟା ରମାକାନ୍ତ ଦାସ ଯୋଗ ଦେଇଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ୧୦୭ ଜଣ ମାଆ ଭାଗ ନେଇଥିଲେ।

## 'ଟିକିଟିକି ତାରା' ସାହିତ୍ୟାନୁଷ୍ଠାନ ପକ୍ଷରୁ ସାହିତ୍ୟ ଆସର



ପାରାଦୀପ,୨୨।୯ (ସମିସ): ପାରାଦୀପଗଡ଼ସ୍ଥ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସାହିତ୍ୟ ଅନୁଷ୍ଠାନ "ଟିକିଟିକି ତାରା' ପକ୍ଷରୁ ଶାରଦୀୟ କବିତା ଆସର, କବିତା ପାଠ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ତମ୍ଭକାର ଅକ୍ଷୟ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବାବେଳେ ବକ୍ତା ଭାବେ ଅଧ୍ୟାପକ କିଶୋର ଜେନା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ ବିନୋଦ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମାନବବାଦର ପ୍ରଚାର ଓ ପ୍ରେମର ସ୍ୱରୂପ ହିଁ ସାହିତ୍ୟର ମୂଳ ଆଧାର ହୋଇ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦିକା ଶ୍ରୀମତୀ ମିନର୍ଭା ସ୍ୱାଇଁ ସ୍ୱାଗତ ଭାଷଣ, ସାମ୍ବାଦିକ ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ କବି ତୁଳସୀ ବରାଳ ଓ ସୁବାସ ସେନାପତି କବିତା ସଂଯୋଜନା କରିଥିଲେ। ଏ ଅବସରରେ ନିମନ୍ତ୍ରିତ ଅତିଥି ଓ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ପରଲୋକ



ଜଗତସିଂହପୁର,୨୨।୯ (ସମିସ): ସୁପ୍ରସିଦ୍ଧ ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ଲହଙ୍ଗା ଗ୍ରାମରେ ୧୯୫୮ରେ ଜନ୍ମିତ ସୁଦର୍ଶନ ସ୍ୱାଇଁଙ୍କ ପେଶା ସରକାରୀ ଚାକିରି ହେଲେ ମଧ୍ୟ ନିଶା ଥିଲା ଗୀତ ରଚନା ଓ ସଙ୍ଗୀତ ସାଧନା। ତାଙ୍କ ରଚିତ ଗୀତ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ସଙ୍ଗୀତକାର ସୁବାସ ଦାଶ, ଶୈଳଭାମା, ବାଦଲ କୁମାର, ସୌରଭ ନାୟକ, ରୁଦ୍ରନାରାୟଣ ଓ ସୁଧୀର ପାଲ ଗାଇଛନ୍ତି। କଟକସ୍ଥ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୧୯୭୮ରେ ଚାକିରି କରି ୨୦୧୫ରେ ଅବସର ଗ୍ରହଣ କରିଥିଲେ। ପିଲାଟି ଦିନୁ ସଙ୍ଗୀତ ପ୍ରତି ଅହେତୁକ ରୁଚି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାର ସଉକ ରଖିଥିବା ସୁଦର୍ଶନ ସ୍ୱାଇଁ ଅବସର ପରେ ଗୀତ ରଚନାରେ ମନୋନିବେଶ କରିଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ନେହେରୁ ବଙ୍ଗଳା ରାସ୍ତାରେ ଦୁର୍ଘଟଣା, ଜଣେ ମୃତ

■ ବିଶ୍ୱକର୍ମା ପୂଜା ଜାମ ପାଇଁ ଯୁବକଙ୍କ ଜୀବନଯିବା ଅଭିଯୋଗ



ପାରାଦୀପ,୨୨।୯ (ସମିସ): ନେହେରୁ ବଙ୍ଗଳା ରାସ୍ତାର ବେଲ୍ଟ ଲାଇନ ନିକଟରେ ଦୁର୍ଘଟଣାରେ ବାଇକ୍ ଆରୋହୀ ରାକେଶ ଦାସଙ୍କ ମୃତ୍ୟୁ ଘଟିଛି। ବିଶ୍ୱକର୍ମା ପୂଜା ଜାମ୍ ପାଇଁ ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ନେହେରୁ ବଙ୍ଗଳା ଅଞ୍ଚଳରେ ରହୁଥିବା ମହେଶ୍ୱର ଦାସଙ୍କ ପୁଅ ରାକେଶ ଦାସ ଅଠରବାଙ୍କୀକୁ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପରିବାର ଲୋକ ଅଠରବାଙ୍କୀ ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତରିତ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସରେ କଟକ ନିଆଯାଉଥିଲେ ହେଁ ବିଶ୍ୱକର୍ମା ପୂଜା ପାଇଁ ରାସ୍ତା ଜାମ୍ ଥିବାରୁ ମେଡିକାଲରୁ ଦୋଛକି ଅତିକ୍ରମ କରିବାକୁ ଦୁଇ ଘଣ୍ଟା ସମୟ ଲାଗିଥିଲା। କଟକ ବଡ଼ ମେଡିକାଲରେ ପହଞ୍ଚିବା ବେଳକୁ ପାଖାପାଖି ୧୦ଟା ହୋଇଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ନାଉଗାଁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

## ୩ ବର୍ଷ ଧରି ଖାଲିପଡ଼ିଛି ଅତିରିକ୍ତ ଶିକ୍ଷାଧିକାରୀ ଓ ମୁଖ୍ୟ କିରାଣି ପଦ

ନାଉଗାଁ,୨୨।୯ (ସମିସ): ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟକୁ ସଠିକ ପରିଚାଳନା କରିବାକୁ ପ୍ରତି ବ୍ଲକ୍‌ରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିଛନ୍ତି। ଏହି କାର୍ଯ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଓ ପଦପଦବୀ ସମସ୍ୟା ଦେଖିବାକୁ ମିଳିଛି। ଯାହା ଏବେ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ ତିନିଜଣ ଅତିରିକ୍ତ ଶିକ୍ଷା ଅଧିକାରୀ ପଦବୀ ୩ ବର୍ଷ ଧରି ଖାଲିପଡ଼ିଥିବାରୁ ବ୍ଲକ ଶିକ୍ଷା ଅଧିକାରୀ ତିନିଜଣଙ୍କ କାର୍ଯ୍ୟ ତୁଲାଉଛନ୍ତି। ଜଣେ ଶିକ୍ଷା ଅଧିକାରୀ ତିନିଜଣଙ୍କ କାର୍ଯ୍ୟ କରିବା କେତେ କଷ୍ଟକର ତାହା ସାଧାରଣରେ ଆଲୋଚନା ହେଉଛି। ନାଉଗାଁ ବ୍ଲକ୍‌ରେ ୮୦ଟି ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ୪୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ବ୍ଲକ ଶିକ୍ଷା ଅଧିକାରୀ, ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଜଣେ ମୁଖ୍ୟ କିରାଣି ଓ ଦୁଇଜଣ କନିଷ୍ଠ କିରାଣି ନିଯୁକ୍ତି ପାଇବା କଥା। ତେବେ ଜଣେ ବ୍ଲକ ଶିକ୍ଷା ଅଧିକାରୀ, ଦୁଇଜଣ କନିଷ୍ଠ କିରାଣିରେ କାର୍ଯ୍ୟାଳୟ ଚାଲିଛି। ଯଥାଶୀଘ୍ର ଖାଲିପଡ଼ିଥିବା ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ପୂରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ନାଉଗାଁ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର/ନାଉଗାଁ,୨୨।୯ (ସମିସ):

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୩ଟିର ତତ୍କାଳ ଫଇସଲା କରିଛନ୍ତି।

ଆଜି ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୯ଟି, ଗୋଷ୍ଠୀଗତ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୧ଟି, ଆବାସ ଯୋଜନା ପାଇଁ ୨୯ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୭ଟି, ଭତ୍ତା ପାଇଁ ୨ଟି, ପୁଲିସ୍ ସହାୟତା ପାଇଁ ୧ଟି ଓ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୩ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ମାଣେ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬୮ ଅଭିଯୋଗର ଶୁଣାଣି କଲେ ପ୍ରଶାସନ



ଡେରାବିଶ,୨୨।୯ (ସମିସ)

ଆଜି ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷ ପ୍ରଭାତୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ୬୮ଟି ଅଭିଯୋଗର ଶୁଣାଣି କରି ୪ଟିର ତୁରନ୍ତ ଫଇସଲା କରିଥିଲେ। ଏଥିରେ ୧୧ଟି ସାମୂହିକ ଅଭିଯୋଗ ଥିଲା। କୁରୁଙ୍ଗସ୍ଥ ଆଦର୍ଶ ବିଦ୍ୟାଳୟରେ ଥିବା ବିଭିନ୍ନ ଅଭାବଅସୁବିଧା ସମ୍ପର୍କରେ କେତେକ ଅଭିଭାବକ ଅଭିଯୋଗ କରିଥିବାବେଳେ ରାଜାରାଜେଶ୍ୱରପୁର ଗ୍ରାମ ଚାଷୀ କାଳୀପଦ ମଣ୍ଡଳ ନିମ୍ନମାନର ବିହନ ପ୍ରଦାନ କରାଯାଇଥିବା ଅଭିଯୋଗ କରିଥିଲେ। ସେହିପରି ମଲ୍ଲିକେଶ୍ୱରପୁର ଗ୍ରାମର ଲୋକେ ବିଦ୍ୟାଳୟର ବିପଦସଂକୁଳ ଗୃହ ଭଙ୍ଗାଯିବା, ବାଘିଲୋବାବକପୁର ଗ୍ରାମର ଜୟ ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ବକେୟା ଦରମା ଦାବି କରିଥିଲେ। ଏହାସହିତ ବହୁ ବ୍ୟକ୍ତି ଜମିଜମା ମାମଲା ସମାଧାନ, ଦିବ୍ୟାଙ୍ଗ ହିତାଧିକାରୀ ବିଧାୟାଥିବା ପ୍ରମାଣପତ୍ରର ପୁନର୍ବିଚାର କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ଶିବିରରେ ଜିଲ୍ଲା ପରିଷଦ ସିଡିଓ କମ୍ ଇଓ ଅଜାମ୍ବର ମହାନ୍ତି, ଏଡିଏମ୍ (ରାଜସ୍ୱ) ରବୀନ୍ଦ୍ର ମଲିକ, ଏଡିଏମ୍ ନବକ୍ରିଷ୍ଣ ଜେନା, ସବକଲେକ୍ଟର ଅରୁଣ ନାୟକ, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଏକ୍ସିଓ ଦେବଦତ୍ତ ଶତପଥୀ, ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୂତି ଦାସ, ରୁଦ୍ରକେଶରୀ ସେଠୀ, ଜଳସେଚନ ବିଭାଗ ଅଧିକାରୀ ପ୍ରମୋଦ ରାୟ, ସିଡିପିଓ ହରପ୍ରିୟା ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ବ୍ଲକର ଯୋଗାଣ ଅଧିକାରୀ ସୁରୁପ ଦାସ, ଏଇଇ ଙ୍କ ଗୌରବ ସାହୁ ଓ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ



ରାଜନଗର,୨୨।୯ (ସମିସ): ରାଜନଗର ଥାନା ପକ୍ଷରୁ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ତହସିଲଦାର ପାଣ୍ଡୁକୃଷ୍ଣ ଦାସ ଥିଲେ। ତୋରାମଦ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କରୁଥିବା ନେଇ ବ୍ୟବସାୟୀ ଅଭିଯୋଗ କରିଥିଲେ। ଦଶହରା ୩ ଦିନ ତୋରାମଦ ବେପାର ବନ୍ଦ କରିବାକୁ ବ୍ୟବସାୟୀ ଦାବି କରିଥିଲେ। ଆଇଆଇସି ନରେଶ ସାହୁ ଉତ୍ତରରେ ଥାନା ପୂର୍ବରୁ ଯୁକ୍ତିକୁ ନେଇଛନ୍ତି। ମଦ ନ ବାହାରିଲେ ମଧ୍ୟ ଅଧିକ ମଦ ଜବତ କରିଥିବା ଦର୍ଶାଇ ଲୋକଙ୍କୁ ଜେଲ ପଠାଉଛନ୍ତି। ଗତ ପୁଜ ଦିନ ଭିତରେ ଦୁଇଜଣଙ୍କୁ ମିଛ ତଥ୍ୟରେ ଜେଲ ପଠାଇଛନ୍ତି। ୧୦ ଲିଟରରୁ କମ୍ ମଦ ଜବତ କରି କୋର୍ଟ ଚାଲାଣ କଲେ ମାଜିଷ୍ଟ୍ରେଟ ଆମ ଉପରେ ବିଗୁଡ଼ୁଛନ୍ତି। ମଦ ନ ବାହାରିଲେ ମଧ୍ୟ ଅଧିକ ମଦ ଦେଖାଇ କୋର୍ଟ ଚାଲାଣ କରୁଛୁ ବୋଲି ଆଇଆଇସି ଖୋଲା ବୈଠକରେ କହିବା ଓ ଏହାର ଭିଡିଓ ଭାଇରାଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆଜି ନିଜେ ଆଇଆଇସି ବୈଠକରେ କିପରି ଜେଲ ପଠାଇବା ପାଇଁ ମିଛ ତଥ୍ୟ କୋର୍ଟ ଓ ସାମ୍ବାଦିକଙ୍କୁ ପ୍ରଦାନ କରାଯାଉଛି ତାହାର ପୋଲ ଖୋଲିଥିଲେ।

## ଶିବାନନ୍ଦ ଆଶ୍ରମ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ



କେନ୍ଦ୍ରାପଡ଼ା,୨୨।୯ (ସମିସ): ବିଶ୍ୱ ଦିବ୍ୟଜୀବନ ସଙ୍ଘ ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଜୟନ୍ତୀ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ପକ୍ଷରୁ ପାଳିତ ହୋଇଥିବା ଅବସରରେ ଶନିବାର ଆଶ୍ରମ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୱାର୍ଡର ରୋଗୀଙ୍କୁ ଫଳ, ବିସ୍କୁଟ ଓ ଚକୋଲେଟ ବଣ୍ଟନ କରାଯାଇଛି। ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶ୍ୟାମଗୁଡିଆସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, ବିସ୍କୁଟ ଆଦି ବଣ୍ଟନ କରି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଡାକ୍ତରଖାନା ପରିଚାଳକ ପ୍ରଭାତ ନାୟକ, ଧର୍ମ ଜାଗରଣ ସମନ୍ୱୟ ସମିତିର ଶଶାଙ୍କ ଜେନା, ମାଧବ ପ୍ରଧାନ, ଅଭିଜିତ ଦାସ, ବଳଦେବ ସେନା ସଭାପତି ପପୁନ ସ୍ୱାଇଁ ଓ ସାଥୀ, ନିଆଳିସ୍ଥ ଚଣ୍ଡିଆ ଗ୍ରାମ ଶକ୍ତି କ୍ଲବ ସଭାପତି ଅମିତାଭ ଜେନା ଓ ସାଥୀ, ପ୍ରାକ୍ତନ ଚିଫ୍ ଫାର୍ମାସିଷ୍ଟ ପ୍ରତାପ ଲେଙ୍କା, ପାର୍ବତୀ ବେହେରା, ପ୍ରିୟତମା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଅଯୋଦ୍ଧାନଗରସ୍ଥ ଦୃଷ୍ଟିବାଧିତ ବିଦ୍ୟାଳୟ ଅନ୍ତେବାସୀଙ୍କୁ ମଧ୍ୟ ଫଳ, ବିସ୍କୁଟ ପ୍ରଦାନ କରାଯାଇଥିଲା।

## ‘ସମ୍ପର୍କ’ ପତ୍ରିକା ଉନ୍ମୋଚିତ

ରାଜକନିକା,୨୨।୯ (ସମିସ): ମଣିଷ ଏବେ ବ୍ୟକ୍ତିକୈନ୍ଦ୍ରିକ ମାନସିକତାରୁ ମୁକୁଳି ଭାବାବେଗରେ ଅଧିକ ସମାଜମନସ୍କ ହେଲେ ହଜିଯାଉଥିବା ସମ୍ପର୍କର ପୁନର୍ଜନ୍ମ ସମ୍ଭାବନା ଥିବା ଅଭିନେତା ଅଶ୍ରୁମୋଚନ ମହାନ୍ତି ଚାନ୍ଦବାଲିର ସଂସ୍କାର ପରିବାର ପକ୍ଷରୁ ଆୟୋଜିତ ‘ସମ୍ପର୍କ’ ପତ୍ରିକା ଉନ୍ମୋଚନ ଉତ୍ସବରେ ମତ ପ୍ରକାଶ କରିଛନ୍ତି। ବଦଳୁଥିବା ସମସାମୟିକ ସ୍ଥିତିରେ ଆମେ ଆଉ ଟିକେ ନିବିଡ଼ ହେଲେ ସମ୍ପର୍କର ପରିଭାଷା ନିଶ୍ଚିତ ସୁବର୍ଣ୍ଣମୟ ହେବ ବୋଲି ମୁଖ୍ୟବକ୍ତା ଚାନ୍ଦବାଲି ବିଡିଓ ସଂଜୀବ ମହାପାତ୍ର କହିଛନ୍ତି। ଚାନ୍ଦବାଲି ସହରର ବିଜୁ ସ୍ମୃତି ଭବନରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଡଃ ତରଣୀସେନ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥି ଭାବେ ଡଃ କୁମାର ଗୋପାଳ, ସଂଗଠନ ସମ୍ପାଦକ ଉପେନ୍ଦ୍ର ରାଉଳ, ନ୍ୟୁଜ୍ ଫ୍ୟୁଜର ଆଙ୍କର ହୃଷିକେଶ ଦାସ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ।



## ସମବାୟ ସମିତି ଗୃହ କାମ ମନ୍ଥର, ଚାଷୀଙ୍କ ଅସନ୍ତୋଷ

ଡେରାବିଶ,୨୨।୯ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ ସମବାୟ ସମିତିର ନୂତନ ଗୃହ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଫଳରେ ଏହି ସମିତି ଅଧୀନସ୍ଥ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡେରାବିଶ ବ୍ଲକ୍‌ର ରଘୁଦେଇପୁର, ବେଣୀପୁର, ଲକ୍ଷ୍ମୀନାରାୟଣପୁର, ମଙ୍ଗଳପୁର ଆଦି ପଞ୍ଚାୟତର ହଜାର ହଜାର ଚାଷୀ ଏହି ସମିତି ଅଧୀନରେ ରହିଛନ୍ତି। ଉକ୍ତ ସମବାୟ ସମିତି ଗୋଦାମ ଗୃହ ସମେତ ଅନ୍ୟାନ୍ୟ ଗୃହ ଅଭାବ ହେତୁ ଚାଷୀ ଗୃହ ନିର୍ମାଣ ଦାବି କରିଆସୁଥିଲେ। ଚାଷୀଙ୍କ ଦାବି ଫଳରେ ସରକାରଙ୍କ ପକ୍ଷରୁ ୫୪ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଚଳିତ ଖରିଫ୍ ଧାନ ଅମଳ ପୂର୍ବରୁ ଏହି ସମିତି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ଚାଷୀ ଆଶାବାଦୀ ଥିଲେ। ପୂର୍ବରୁ ସମିତିର ଗୃହ ଅଭାବରୁ ଚାଷୀଙ୍କ ଧାନ ବାହାରେ ଖୋଲା ଆକାଶ ତଳେ ପଡ଼ି ରହୁଥିଲା। ମେଘ ଆସିଲେ ଚାଷୀଙ୍କ ମନରେ ଛନକା ପଶୁଥିଲା। ଠିକାଦାର ଚାରିମାସ ପୂର୍ବେ ଏହି କାର୍ଯ୍ୟର ଶୁଭ ଦେଇଥିଲେ ମଧ୍ୟ ଖୁବ୍ କମ୍ ଦିନ ହେବ ଏହି ଗୃହ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହିତ କାମ ମନ୍ଥର ଗତିରେ ହେଉଥିବା ଦେଖିବାକୁ ମିଳିଛି। ଏଭଳି କାମ ହେଲେ ଧାନମଣ୍ଡି ହେବା ବେଳକୁ ଗୃହ କାମ ଶେଷ ହେବା ନେଇ ଆଶଙ୍କା ଦେଖାଦେଲାଣି। ତୁରନ୍ତ ବିଭାଗୀୟ ଅଧିକାରୀ ଏହି ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।



## ଗଜଲକ୍ଷ୍ମୀ ପୂଜା ସମନ୍ୱୟ କମିଟି ବୈଠକ



କେନ୍ଦ୍ରାପଡ଼ା,୨୨।୯ (ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ପାଇଁ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ ହଲ୍‌ରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ, ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। ପୁରୁଣା ବସଷ୍ଟାଣ୍ଡଠାରୁ କେଶପୁର ଆଡକୁ ଯିବାକୁ ଥିବା ମେଢ଼ ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମେଢ଼ ନିମନ୍ତେ କ୍ରମାନ୍ୱୟରେ ଯିବା ନିମନ୍ତେ ଲଟେରୀ ଉଠାଣ କରାଯାଇଥିଲା। ଚଳିତ ବର୍ଷ ଡିଜେ ଓ ଭାଇବ୍ରେଟରଙ୍କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଶୃଙ୍ଖଳିତ ଭାବେ ଚଳିତ ବର୍ଷ ପୂଜା ଆୟୋଜନ କରିବା ନିମନ୍ତେ ପୂଜା କମିଟିକୁ ଅନୁରୋଧ କରାଯାଇଛି।

## ତୃତୀୟ ଦିନରେ ଜବରଦଖଲ ଉଚ୍ଛେଦ ଅଭିଯାନ



ପଟ୍ଟାମୁଣ୍ଡାଇ,୨୨।୯ (ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ଆଜି ତୃତୀୟ ଦିନରେ ପହଞ୍ଚିଛି। ଦୁଇଦିନ ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଗତକାଲି ରବିବାର ଛୁଟି ପାଇଁ ଅଭିଯାନ ବନ୍ଦ ଥିଲା। ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ନ କରି ଉଚ୍ଛେଦ କରାଯାଇଥିବାରୁ ଉଠା ଦୋକାନୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ଉଠା ଦୋକାନୀ ସଂଘ ସଭାପତି ଗୋପୀବଲ୍ଲଭ ନାୟକ, ଉପସଭାପତି ପ୍ରଭାତ ମଲିକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ପ୍ରଶାସନ ସହ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ ଥଇଥାନ ପାଇଁ ଦାବି କରିଛନ୍ତି। ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କ ଅସନ୍ତୋଷ ମଧ୍ୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ପୁନଃ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ ଅଫିସ ନିକଟରୁ ୧୧ଟାରେ ଆରମ୍ଭ ହୋଇଥିବା ଜବରଦଖଲ ଅଭିଯାନ ଅପରାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ବିଦ୍ୟୁତ୍ ବିଭାଗ ଅଫିସଠାରୁ ପୂର୍ତ୍ତ ବିଭାଗ ଅଫିସ, ସବଡିଭିଜନ ହସ୍‌ପିଟାଲ ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପରେ ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। କୌଣସି ଜବରଦଖଲକାରୀଙ୍କୁ ଛଡ଼ାଯିବନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜବରଦଖଲ ଉଚ୍ଛେଦ ଅଭିଯାନରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସାମିଲ ଥିଲେ।

### ● ଜବରଦଖଲ ଉଚ୍ଛେଦରେ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀଙ୍କ ଧର୍ମଘଟ

## ବଜାରରେ ମିଳୁନି ପରିବା, ଖାଉଟି ହନ୍ତସନ୍ତ



ପଟ୍ଟାମୁଣ୍ଡାଇ,୨୨।୯ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ ଅଭିଯାନ ତିନିଦିନ ଧରି ଚାଲିଛି। ପଟ୍ଟାମୁଣ୍ଡାଇ ସହର ରାସ୍ତାକଡ଼ରେ ଉଠାଦୋକାନ କରି ପରିବା ବ୍ୟବସାୟ କରି ପରିବାର ଚଳାଉଥିବା ଉଠାଦୋକାନୀଙ୍କ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଜବରଦଖଲ ଉଚ୍ଛେଦରେ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀ ଧର୍ମଘଟ କରିଥିବାରୁ ବଜାରରେ ପରିବା ମିଳୁନି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ତେଣୁ ବ୍ୟବସାୟୀଙ୍କ ଯଥାଶୀଘ୍ର ଥଇଥାନ କରାଯିବାକୁ ଦାବି ହେଉଛି। ପଟ୍ଟାମୁଣ୍ଡାଇ ସହରରେ ଶହେରୁ ଅଧିକ ଉଠା ପରିବା ଦୋକାନ ରହିଛି। ଉଠା ପରିବା ଦୋକାନ କ୍ଷତିଗସ୍ତ ଯୋଗୁଁ ହୋଲସେଲ ପରିବା ଦୋକାନ ମଧ୍ୟ କ୍ଷତିଗସ୍ତ ହୋଇଛି। ଜବରଦଖଲ ଉଚ୍ଛେଦରେ ମଧ୍ୟ କିଛି ହୋଲସେଲ ପରିବା ଦୋକାନୀ କ୍ଷତିଗସ୍ତ ହୋଇ ପଟ୍ଟାମୁଣ୍ଡାଇ ସହରକୁ ପରିବା ଯୋଗାଣ ବନ୍ଦ କରିଦେଇଛନ୍ତି। ଫଳରେ ଆଜକୁ ୩/୪ ଦିନ ଧରି ପଟ୍ଟାମୁଣ୍ଡାଇ ସହରରେ ପରିବା ସଂକଟ ଦେଖାଦେଇଛି। ପରିବା ଆଦୌ ମିଳୁନାହିଁ। ଯାହା କିଛି ମିଳୁଛି ଚଢ଼ା ଦରରେ ମିଳୁଥିବାରୁ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂଜା ସମୟରେ ଘରେ ଘରେ କୁଣିଆ ଭିଡ଼ ଥିବାବେଳେ ପରିବା ସଂକଟ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଟ୍ଟାମୁଣ୍ଡାଇ ସହରରୁ ପରିବା ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମାଟିଆପଡ଼ା ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ



ପଟ୍ଟାମୁଣ୍ଡାଇ,୨୨।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମାଟିଆପଡ଼ା ସରକାରୀ ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ମାଟିଆପଡ଼ା ହାଇସ୍କୁଲ ଇକୋ ୟୁଥ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀ ପୌରୋହିତ୍ୟ କରିଥିଲେ। ସମାଜସେବୀ ସତ୍ୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଜୋନ ସ୍ତରର କ୍ଷୟ ଓ ଜୀବଜଗତ ଉପରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସ୍ୱପ୍ନେଶ୍ୱର ଆଚାର୍ଯ୍ୟ ଶିକ୍ଷା ଉପକରଣ ମାଧ୍ୟମରେ ଓଜୋନ ସ୍ତରର ଅବସ୍ଥିତି ଓ ଏହାର ସୁରକ୍ଷା ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା ସ୍ୱାଗତ ଭାଷଣ, ସହକାରୀ ଶିକ୍ଷକ ମାନସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ସାହୁ, ବିନ୍ଦୁରେଖା ନାୟକ ଓ ବିନୋଦ ଦାସ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରଞ୍ଜିତ ସାହୁ, ବିଶ୍ୱଜିତ ସାହୁ, ଶିବାଶିଷ ପତ୍ରୀ ଓ ମାଧୁରୀ ଭୁଏ ପରିଚାଳନା କରିଥିଲେ।

## କେନାଲକୁ ଓଲଟିଲା ଆଳୁ ବୋଝେଇ ଅଟୋ

ଡେରାବିଶ,୨୨।୯ (ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳଠାରେ ଆଜି ଏକ ଆଳୁ ବୋଝେଇ ଡାଲା ଅଟୋ ଭାରସାମ୍ୟ ହାରାଇ କେନ୍ଦ୍ରାପଡ଼ା କେନାଲକୁ ଓଲଟି ପଡ଼ି ବୁଡ଼ିଯାଇଥିଲା। ସୌଭାଗ୍ୟବଶତଃ ଡ୍ରାଇଭର ବର୍ତ୍ତିଯାଇଛନ୍ତି। ଚାନ୍ଦୋଳରୁ ଏକ ଚାରିଚକିଆ ଡାଲା ଅଟୋରେ ଆଳୁ, ପିଆଜ, ରସୁଣ ଓ ଅଦା କରି ଡ୍ରାଇଭର ଲୁଣାନଦୀ ସେପଟକୁ ନେଇଯାଉଥିଲା। କେନ୍ଦ୍ରାପଡ଼ା କେନାଲର ୧୨ନଂ ଶାଖା କେନାଲ ବନ୍ଧ ରାସ୍ତା ଦେଇ ଲୁଣାନଦୀର ବାମପାଶ୍ୱର୍ ବନ୍ଧକୁ ଉଠିବା ସମୟରେ ସମ୍ମୁଖ ପଟୁ ଏକ ବାଇକ୍ ପଶିଆସିବାରୁ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ କେନ୍ଦ୍ରାପଡ଼ା କେନାଲକୁ ଓଲଟି ପଡ଼ିଥିଲା। ଗାଡ଼ିର କାଚ ଖୋଲାଥିବାରୁ ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରିଥିଲେ। ପରେ ଟ୍ରାକ୍ଟର ସାହାଯ୍ୟରେ ପାଣିରେ ବୁଡ଼ିଯାଇଥିବା ଅଟୋକୁ ଉପରକୁ ଅଣାଯାଇଥିଲା।

## ବ୍ଲକ୍ ଆଗରେ ସିଏସ୍ଏସ୍‌ଙ୍କ ଧାରଣା



ରାଜନଗର,୨୨।୯ (ସମିସ): ରାଜନଗର ବ୍ଲକ୍ ଆଗରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର ଓ ପ୍ରାଣୀମିତ୍ର ଭାବେ କାମ କରୁଥିବା ମହିଳା ଧାରଣାରେ ବସିଛନ୍ତି। ବକେୟ ଦରମା ତୁରନ୍ତ ପ୍ରଦାନ, ନିୟମିତ ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ହାରରେ ପାରିଶ୍ରମିକ ଓ ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି।

**ଡେରାବିଶ:** ଅଲ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘ ଡେରାବିଶ ବ୍ଲକ୍ ଶାଖା ପକ୍ଷରୁ ଡେରାବିଶ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ୨୬ଟି ପଞ୍ଚାୟତର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ପୂରଣ କରିବା ନେଇ ଧାରଣା ଦେଇଥିଲେ। ଓଡ଼ିଶାର ୩୧୪ ବ୍ଲକ୍‌ର ସିଏସ୍ଏସ୍ ଚଳିତ ମାସ ୧୫ ତାରିଖରେ ଭୁବନେଶ୍ୱରସ୍ଥ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣରେ ବସିଥିବାବେଳେ ସେମାନଙ୍କୁ ଦାବି ପୂରଣ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ହୋଇ ନ ଥିବାରୁ ଆଜିଠାରୁ ସମସ୍ତ ସିଏସ୍ଏସ୍ ଜିପିଏଲଏଫର ସମସ୍ତ କାମ ବନ୍ଦ ଧାରଣାରେ ବସିଛନ୍ତି।

## ୪୦ ଫରେଷ୍ଟରଙ୍କୁ ଲୁଣା ଜଙ୍ଗଲ ସମ୍ପର୍କିତ ତାଲିମ

ରାଜନଗର,୨୨।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି ୪୦ ଜଣ ଫରେଷ୍ଟର। ନିକୋଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ଚମ୍ପୁଆର ୪୦ ଜଣ ଫରେଷ୍ଟର ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ବଉଳା କୁମ୍ଭୀର, ଲୁଣା ଜଙ୍ଗଲ ଓ ଏହାର ବିଶେଷତ୍ୱ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ସମେତ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ ନାୟକ ତାଲିମ ଦେଇଥିଲେ।

## ୨୮ରୁ ନେତାଜୀ କ୍ଲବ୍ ପକ୍ଷରୁ ଫୁଟବଲ ପ୍ରଶିକ୍ଷଣ ଶିବିର

ରାଜକନିକା,୨୨।୯ (ସମିସ): ଫୁଟବଲର ଅନ୍ତୁଡ଼ିଶାଳ କୁହାଯାଉଥିବା ତରାସ ନେତାଜୀ କ୍ଲବ୍ ପକ୍ଷରୁ ଆସନ୍ତା ୨୮ ତାରିଖରୁ ନିଶୁଳ୍କ ଫୁଟବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହେଉଛି। ଏହି ଶିବିରରେ ଅଞ୍ଚଳର ଆଗ୍ରହୀ ଛାତ୍ରଛାତ୍ରୀ କେବଳ ଆଧାର କାର୍ଡ ଦାଖଲ କରି ନାମ ରେଜିଷ୍ଟ୍ରେସନ କରିପାରିବେ। ମତୋ କଲେଜର ପ୍ରଶିକ୍ଷକ ଶିବପ୍ରସାଦ ମଲ୍ଲିକ ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେବେ। ସୁଜିତ ଜେନା, ସରୋଜ ଦାସ, ଭରତ ବାରିକ ଓ ସଞ୍ଜୀବ ନାୟକ ସହଯୋଗ କରିବେ।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ରାଜନଗର,୨୨।୯ (ସମିସ): କଣ୍ଡିରା ପଞ୍ଚାୟତର ହଂସୁଆ ଗ୍ରାମରେ ଅଘଟଣ ଘଟିଛି। ପ୍ରଦୀପ ଦାସଙ୍କ ପୁଅ ପ୍ରିୟାଂଶୁ ଦାସ (୩) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛି। ଘର ପାଖରେ ଥିବା ପୋଖରୀରେ ପ୍ରିୟାଂଶୁ ପଡ଼ିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଅଢ଼ାଯୋରି ବିଦ୍ୟାଳୟ ପାନୀୟଜଳ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

ପଟ୍ଟାମୁଣ୍ଡାଇ/ମାଳିପୁର,୨୨।୯ (ସମିସ)

- ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳୁଛି ପଞ୍ଚାୟତ
- ମିଥ୍ୟା ବିଲ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ହଡ଼ପ
- ଭିଜିଲାନ୍ସ ତଦନ୍ତ ଦାବି

ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଚନ୍ଦନନଗର ପଞ୍ଚାୟତର ଅଢାଯୋରି ପ୍ରାଥମିକ ବିଦ୍ୟାଳୟରେ ଉନ୍ନୟନମୂଳକ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ଥଣ୍ଡା ପାନୀୟଜଳ ପ୍ରକଳ୍ପ ଯୋଜନାରେ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଥିବା ଅଭିଯୋଗ କରାଯାଇଛି। ସରକାରୀ ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଅନୁକୂଳ ପରିବେଶ ଯୋଗାଇ ଦେବାକୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ତେବେ ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ, ପ୍ରଶାସନର ଉପରିସ୍ଥ ଅଧିକାରୀ ସବୁ ଜାଣି ଅଜଣା ନୀତି ଆପଣାଉଥିବାରୁ ସରକାରଙ୍କ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କେବଳ କାଗଜପତ୍ରରେ ଯୋଜନା ପ୍ରସ୍ତୁତ ହୋଇ ମିଥ୍ୟା ବିଲ୍ କରାଯାଇ ସରକାରୀ ଅନୁଦାନ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଚନ୍ଦନନଗର ପଞ୍ଚାୟତରେ ବ୍ରିଟିଶ ଅମଳରୁ ସ୍ଥାପିତ ଅଢାଜୋରୀ ପ୍ରାଥମିକ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ସହିତ ଥଣ୍ଡା ପାନୀୟଜଳ ଯନ୍ତ୍ର ଲଗାଯାଇଥିବା ଦର୍ଶାଇ ଗତ ୨ ତାରିଖରେ ଭାଉଚର ନଂ ୫ଟି ଏଚଏସଏଫସି /୨୦୨୫-୨୬/ପି /୩ ପ୍ରସ୍ତୁତ କରାଯାଇ ୧ ଲକ୍ଷ ୫୦ ହଜାର ୮ ଶହ ୫୪ ଟଙ୍କାର ବିଲ୍ ସରପଞ୍ଚଙ୍କ ଦସ୍ତଖତ ମାଧ୍ୟମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ଚରଣ ପ୍ରଧାନଙ୍କ ଆକାଉଣ୍ଟକୁ ପୈଠ କରାଯାଇଥିବା ଜଣାପଡିଛି। ବିଲ୍ ଅନୁଯାୟୀ ସ୍କୁଲରେ ସିସି ଓ ପିସିସି କାମ ସହିତ ଥଣ୍ଡା ପାନୀୟଜଳ ଯୋଗାଣ ଯନ୍ତ୍ର ଲାଗିବା କଥା। ବିଦ୍ୟାଳୟରେ କୌଣସି ସିସି କିମ୍ବା ପିସିସି କାମ ହୋଇ ନ ଥିବାବେଳେ କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ତତ୍‌ସହିତ ଥଣ୍ଡା ପାନୀୟଜଳ ଯନ୍ତ୍ର ଲାଗି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ବିଦ୍ୟାଳୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟ ଆଗରେ ନର୍ଦ୍ଦମା ପାଣି ଜମି ପୁତି ଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି। ନର୍ଦ୍ଦମା ପାଣି ମଧ୍ୟରେ ଇଟା ପକାଇ ଛାତ୍ରଛାତ୍ରୀ ଯିବା ଆସିବା କରୁଛନ୍ତି। ବର୍ଷା ହେଲେ ଛାତ୍ରଛାତ୍ରୀ ସେହି ନର୍ଦ୍ଦମା ପାଣିରେ ପଶି ଯାତାୟାତ କରିବା ଫଳରେ ଚର୍ମ ରୋଗର ଶିକାର ମଧ୍ୟ ହେଉଛନ୍ତି। ପାନୀୟଜଳ ଯୋଗାଣର ବ୍ୟବସ୍ଥା ନ ଥିବାରୁ ଛାତ୍ରଛାତ୍ରୀ ନଳକୂପରୁ ମୁହଁ ଲଗାଇ ପାଣି ପିଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବନ୍ତ ପ୍ରାଥମିକ ବିଦ୍ୟାଳୟରେ ଥଣ୍ଡା ପାନୀୟଜଳ ଯୋଗାଣ ଯନ୍ତ୍ର ଲଗାଇବା ପାଇଁ ୯୫ ହଜାର ଟଙ୍କା ବିଲ କରାଯାଇ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଆକାଉଣ୍ଟକୁ ପୈଠ କରାଯାଇଥିବାବେଳେ ପାନୀୟଜଳ ଯନ୍ତ୍ର ଗତ ଏପ୍ରିଲ ମାସରୁ କିଣା ହୋଇ ଶ୍ରେଣୀ ଗୃହରେ କାର୍ଯ୍ୟକ୍ଷମ ହୋଇ ନ ପାରି ପଡିରହିଛି। ସେଥିରେ ପାନୀୟଜଳ ସଂଯୋଗ କରାଯାଇ ନ ଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀ ବାଧହୋଇ ନଳକୂପରୁ ପାଣି ପିଉଛନ୍ତି। ଯଥାଶୀଘ୍ର ସମ୍ପୃକ୍ତ ଦୁର୍ନୀତିଖୋର ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସେମାନେ ହଡ଼ପ କରିଥିବା ସରକାରୀ ଅନୁଦାନ ରାଶିକୁ ଉଦ୍ଧାର କରି ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ କରିବା ସହିତ ପାନୀୟଜଳ ଯନ୍ତ୍ର ଲଗାଇ ବ୍ୟବହାର ଉପଯୋଗୀ କରିବାକୁ ଛାତ୍ରଛାତ୍ରୀ ଓ ଗ୍ରାମର ବୁଟୁନା ପଣ୍ଡା, ସଂଗ୍ରାମ ମହାନ୍ତି, ଦୀନବନ୍ଧୁ ପଣ୍ଡା, ରବୀନ୍ଦ୍ର ମହାନ୍ତି, ଅକ୍ଷୟ ମହାନ୍ତି, ବଳରାମ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ବିମାନର କକ୍‌ପିଟ୍ ଖୋଲିବାକୁ ଉଦ୍ୟମ




ବାରଣାସୀ, ୨୨।୯ (ଏଜେନ୍ସି): ବେଙ୍ଗାଲୁରୁରୁ ବାରାଣାସୀ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଦ୍ୱାରର ପ୍ରକୃତ ପାସକୋଡ୍ ବି ମାରିଥିଲେ। କିନ୍ତୁ ହାଇଜାକ ହେବା ଭୟରେ ପାଇଲଟ୍ କକ୍‌ପିଟ୍‌ର ଦ୍ୱାରା ଖୋଲି ନଥିଲେ। କେବିନ କ୍ରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ଯାତ୍ରୀଙ୍କ ସହ ତାଙ୍କ ନିଜର ଲୋକ ଆସିଥିଲେ ଓ କକ୍‌ପିଟ ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏୟାର ଲାଇନ୍ସ କର୍ମୀ ଯାତ୍ରୀଙ୍କୁ ବିରୋଧ କରିବା ସହ ତାଙ୍କୁ ସିଟ୍‌ରେ ବସାଇଥିଲେ। ଏ ନେଇ କ୍ୟାପ୍ଟେନ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ଏଟିସି ମଧ୍ୟ ବିମାନବନ୍ଦର କର୍ତ୍ତୃପକ୍ଷକୁ ଅବଗତ କରାଇଥିଲେ। ବାରଣାସୀରେ ବିମାନ ଅବତରଣ କରିବା ପରେ ସିଆଇଏସ୍‌ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସୂଚନା ମିଳିବା ମାତ୍ରେ ହିଁ ଏଟିସି, ଲୋକାଲ ଇଣ୍ଟେଲିଜେନ୍ସ ୟୁନିଟ (ଏଲଆଇୟୁ), ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଓ ସାଇବର କ୍ରାଇମର ଟିମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଅଭିଯୁକ୍ତ ବେଙ୍ଗାଲୁରୁରେ ରୁହନ୍ତି। ସ୍ଥାନୀୟ ପୁଲିସ ମାଧ୍ୟମରେ ଏମାନଙ୍କ ଠିକଣାର ଯାଞ୍ଚ କରାଯାଉଛି। ବାବତପୁର ଥାନାରେ ଏମାନଙ୍କୁ ପଚାରଉଚରା କରାଯାଉଛି। ସମସ୍ତଙ୍କର ମୋବାଇଲ୍ ଓ କଲ ଡିଟେଲ ଚେକ୍ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି।

# ପୁଣି ଏକାଠି ଦେଖାଦେଲେ ଟ୍ରମ୍ପ-ମସ୍କ



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଦୀର୍ଘ କେତେମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମାଲିକ ତଥା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କ ଏକାଠି ନଜର ଆସିଛନ୍ତି। ବିବାଦ ପରେ ଦୁହେଁ ପାଖରେ ବସି ଏକାଠି ହେବା ସହ ପରସ୍ପର ସହ ହାତ ମିଳାଇଥିଲେ। ଆରିଜୋନାର ଗ୍ଲେଣ୍ଡେଲସ୍ଥିତ ଏକ ଷ୍ଟାଡିୟମରେ ଚାର୍ଲି କିର୍କଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଚାର୍ଲି କିର୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଷ୍ଟାଡିୟମରେ ୨୦ ହଜାର ଲୋକଙ୍କ ସମେତ ଟ୍ରମ୍ପ ଓ ମସ୍କ ଏକାଠି ହୋଇଥିଲେ। ଚାର୍ଲି କିର୍କ ଜଣେ ଦକ୍ଷିଣପନ୍ଥୀ ନେତା ଓ ଟ୍ରମ୍ପଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଗତ ସେପ୍ଟେମ୍ବର ୧୦ରେ ଉଟାହ ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉଲ୍ଲେଖଥାଉ କି ଗତ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ୧୭୦ ମିଲିଅନ୍ ଡଲାରରୁ ଅଧିକ ଅର୍ଥର ଚାନ୍ଦା ପ୍ରଦାନ କରିଥିଲେ ଓ ପରେ ମଧ୍ୟ ତାଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ପରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ପାଗଳାମି ଓ ବିନାଶକାରୀ ବୋଲି ମସ୍କ କହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଟ୍ରମ୍ପ ମସ୍କଙ୍କୁ ଆମେରିକା ବାହାରକୁ ପଠାଇବେ ବୋଲି କହିଥିଲେ। ଏହାପରେ ମସ୍କ ଆମେରିକା ଫାର୍ଷ୍ଟ ପାର୍ଟି ଗଠନ କରିବାକୁ ଘୋଷଣା କରିଥିଲେ। ଯଦିଓ ସେ ପରେ ପଛ ଘୁଞ୍ଚା ଦେଇଥିଲେ।

# ଅଭିନେତ୍ରୀ ଜ୍ୟାକଲିନ୍‌ଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): କୁଖ୍ୟାତ ଠକ ସୁକେଶ ଚନ୍ଦ୍ରଶେଖର ସହିତ ଜଡିତ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ତାଙ୍କର ଏକ ଆବେଦନକୁ ଆଜି ଖାରଜ କରିଛନ୍ତି। ସୁକେଶ ସହିତ ଜଡିତ ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାକୁ ରଦ୍ଦ କରିବାକୁ ସେ ଆବେଦନ କରିଥିଲେ। ଏହି ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁଜୁ କରିଥିଲା। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କ ଆବେଦନକୁ ଖାରଜ କରିଛନ୍ତି। ବରିଷ୍ଠ ଓକିଲ ମୁକୁଲ ରୋହତୋଗୀ ଜ୍ୟାକଲିନ୍‌ଙ୍କ ତରଫରୁ ତର୍କ ରଖିଥିଲେ। କିନ୍ତୁ ଅଭିଯୋଗ ପୂର୍ବ ଭଳି ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ପୂର୍ବରୁ ଜୁଲାଇ ୩ରେ ଦିଲ୍ଲୀ ହାଇକୋର୍ଟ ଜ୍ୟାକଲିନ୍‌ଙ୍କ ଏହିଭଳି ଆବେଦନକୁ ଖାରଜ କରିଥିଲେ। ଯଦି କୌଣସି ବନ୍ଧୁ କାହାକୁ କିଛି ଉପହାର ଦିଅନ୍ତି ଓ ପରେ ସେ କୌଣସି ଅପରାଧରେ ସାମିଲ ଥିବା ଜଣାପଡେ, ତାହେଲେ ମାମଲା ବହୁତ ଜଟିଳ ହେବ। ପୁଣି ଅଜାଣତରେ ଏହି ଉପହାର ଦିଆଯାଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ବହୁତ ଦାମୀ ଉପହାର ଦେଇଥିଲା ଓ ତାଙ୍କ ପିଛା ପାଖାପାଖି ୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା।। ସୁକେଶ ଜ୍ୟାକଲିନ୍‌ଙ୍କୁ ଦାମୀ ଗହଣା, ୪ଟି ଦାମୀ ବିଲେଇ, ୫୭ ଲକ୍ଷ ଟଙ୍କାର ଘୋଡ଼ା, ବାହାରିନ୍‌ରେ ରହୁଥିବା ଜ୍ୟାକଲିନ୍ ମାତାପିତାଙ୍କୁ ୧.୮ ୯ କୋଟି ଟଙ୍କାର ଦୁଇଟି ଗାଡ଼ି (ପୋର୍ସ ଓ ମସୋରାଟି), ତାଙ୍କ ଭାଇଙ୍କୁ ଏସ୍‌ୟୁଭି ଓ ଭଉଣୀଙ୍କୁ ଦେଢ଼ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର ଉପହାର ଦେଇଥିଲା। ଏଥିପାଇଁ ଜ୍ୟାକଲିନ ମନି ଲଣ୍ଡରିଂ ମାମଲାରେ ଛନ୍ଦି ହେବା ସହ ଇଡି ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି।

# ଅକ୍ଟୋବର ୭ରେ ଉମର ଖାଲିଦଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୨୨।୯: ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ଧରି ବିନା ବିଚାରରେ ଜେଲରେ ଥିବା ଉମର ଖାଲିଦ ସମେତ ୫ ଜଣ ଛାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମ କୋର୍ଟ। ଜାମିନ ଆବେଦନ ଉପରେ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିବା ସହିତ ଉତ୍ତର ଲୋଡ଼ିଛନ୍ତି। ଉତ୍ତର ମିଳିଲା ପରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମାମଲାର ଶୁଣାଣି କରାଯିବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏମାନେ ଛାତ୍ର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଶେକ ମନ୍ନୁ ସିଂହଭୀ ଯୁକ୍ତି କରିଥିଲେ। ଉମରଙ୍କ ସମେତ ସର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିସା ଫାତିମା ଓ ସିଫାଉର ରହେମାନ ଏହି ମାମଲାରେ ଜେଲରେ ଅଛନ୍ତି। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନିଜ ଦେଶରେ ପାକିସ୍ତାନର ବୋମାବର୍ଷା

## ୩୦ ନିହତ, ଶତାଧିକ ଆହତ



ଇସଲାମାବାଦ୍, ୨୨।୯ (ଏଜେନ୍ସି): ପାକିସ୍ତାନ ବାୟୁସେନା ନିଜ ଦେଶରେ ବୋମା ବର୍ଷା କରିଛି। ଆଜି ବିଳମ୍ବିତ ରାତି ୨ଟା ବେଳେ ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଗାଁ ଉପରେ ବାୟୁସେନା ଯୁଦ୍ଧ ବିମାନରୁ ବୋମା ବର୍ଷା କରାଯିବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା କୁହାଯାଉଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ପାକିସ୍ତାନ ଚୀନ ନିର୍ମିତ ଜେଟରୁ ବୋମାମାଡ଼ କରିଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ରାତି ଦୁଇଟାରେ ଲୋକ ଶୋଇଥିବା ବେଳେ ତିରା ଉପତ୍ୟକାର ମାତ୍ରେ ଡାରା ଗାଁରେ ପାକିସ୍ତାନୀ ବାୟୁସେନା ଚୀନ୍‌ର ବିମାନ ଜେଏଫ୍-୧୭ରୁ ୮ଟି ଏଲ୍‌ଏସ୍-୬ ବୋମାମାଡ଼ କରିଥିଲା। ଏହା ଏକ ନରସଂହାର ଭଳି ସ୍ଥିତି ସୃଷ୍ଟି କରିଛି। ବୋମାମାଡ଼ ପରେ ଘଟଣାସ୍ଥଳର ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି ଓ ଏହା ଭାଇରାଲ ହୋଇଛି। ମୃତଦେହଗୁଡିକ ବୀଭତ୍ସ ଭାବେ ଏପଟେ ସେପଟେ ପଡ଼ି ରହିଥିବା ବେଳେ ଆହତ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସା ଅପେକ୍ଷାରେ ଚିତ୍କାର କରୁଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି।

ଏହି ଘଟଣା ନେଇ ପାକିସ୍ତାନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ବୋମା ମାଡ଼ ଏତେ ଭୟଙ୍କର ଥିଲା ଯେ, ଅଧା ଗାଁ ଧ୍ୱଂସ ହୋଇଯାଇଛି। କିଛି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେପିକେରେ ଆତଙ୍କବାଦ ବିରୋଧୀ ଅଭିଯାନ ଚାଲୁଛି ଓ ଏଥିପାଇଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଅଶାନ୍ତ ରହିଛି ଓ ପାକ୍ ସରକାରଙ୍କ କର୍ତ୍ତୃତ୍ୱ ଏଠାରେ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ଚାଲିଥିବା ଆତଙ୍କବାଦୀ ନିପାତ ଅଭିଯାନରେ ଅନେକ ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି।

ଆତଙ୍କବାଦୀ ସଂଗଠନ ତେହରିକ-ଇ- ତାଲିବାନ (ଟିଟିପି)କୁ ଟାର୍ଗେଟ କରି ବାୟୁସେନା ଏହି ବୋମା ମାଡ଼ କରିଥିଲା। କିନ୍ତୁ ଏହା ଗାଁ ଉପରେ ପଡ଼ିଥିଲା ଓ ସାଧାରଣ ଲୋକ ପ୍ରାଣ ହରାଇଥିଲେ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ମଧ୍ୟରେ କେପିକେରେ ଆତଙ୍କବାଦୀଙ୍କ ବିରୋଧରେ କେତୋଟି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାହାଡି ଅଞ୍ଚଳକୁ ଲାଗି ରହିଛି। ତେଣୁ ଏହାକୁ ଟିଟିପି ତଥା ଆତଙ୍କବାଦୀଙ୍କ ଚରାଭୂଇଁ ବୋଲି କୁହାଯାଇଥାଏ। ଏହି ଅଞ୍ଚଳରେ ଆତଙ୍କବାଦୀଙ୍କର ଏକାଧିକ ଠିକଣା ରହିଛି। କିଛିଦିନ ତଳେ ଏଠାରେ ହୋଇଥିବା ଆକ୍ରମଣରେ ୭ ଜଣ ଟିଟିପି ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସେନା ତରଫରୁ କୁହାଯାଇଥିଲା। ଚଳିତବର୍ଷ ଅଗଷ୍ଟ ପର୍ଯ୍ୟନ୍ତ କେପିକେରେ ୬୦୫ଟି ଆତଙ୍କବାଦୀ ସମ୍ପର୍କିତ ଘଟଣା ଘଟିଥିଲା। ଏଥିରେ ୧୩୮ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୫୨ ଜଣ ଆହତ ହୋଇଥିଲେ। ସେହିପରି ୭୯ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩୦ ଜଣ ଆହତ ହୋଇଥିଲେ ବୋଲି କୁହାଯାଇଥିଲା। କେବଳ ଅଗଷ୍ଟରେ କେପିକେରେ ୧୨୯ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୧୯୮୯ରେ ସୋଭିଏତ ୟୁନିୟନ ଚାଲିଯିବା ପରେ ଏହି ଅଞ୍ଚଳରେ ଆରମ୍ଭ ହୋଇଥିବା ଅରାଜକତା ଏପର୍ଯ୍ୟନ୍ତ ଚାଲୁ ରହିଛି।

# ବିନା ଆକ୍ରମଣରେ ପିଓକେ ଫେରିଆସିବ: ରାଜନାଥ

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିନା କୌଣସି ଯୁଦ୍ଧ, ସଂଘର୍ଷ ଓ ଲଢ଼େଇରେ ପିଓକେ ସ୍ୱତଃ ଭାରତରେ ମିଶିଯିବ ବୋଲି ସେ କହିଛନ୍ତି। ପିଓକେର ଲୋକ ସ୍ୱାଧୀନତା ପାଇଁ ଦାବି କରିଆସୁଛନ୍ତି ଓ ଏମିତି ଗୋଟିଏ ଦିନ ଆସିବ ସେମାନେ 'ମୁଁ ବି ଭାରତ' ବୋଲି କହି ଗର୍ବ କରିବେ। ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ମୋରୋକ୍କୋ ରାଜଧାନୀ ରାବାଟ୍‌ରେ ଭାରତୀୟ ସମୁଦାୟ ସହ କଥା ହେବା ବେଳେ ରାଜନାଥ ଏହି କଥା କହିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଥିବା ମନେ ପକାଇଦେଇଥିଲେ। ମେ ୭ରେ ଅପରେସନ ସିନ୍ଦୂର ଅବସରରେ ଆମେ ପିଓକେ ପୁଣି ହାସିଲ କରିବାର ସୁଯୋଗ ହାତଛଡା କରିଛୁ। ହଠାତ ଅସ୍ତ୍ର ବିରତି ଘୋଷଣା କରିବା ଫଳରେ ଭାରତ ଏହି ସୁଯୋଗ ହାତଛଡ଼ା କରିଥିଲା ବୋଲି ବିରୋଧୀ ଦଳର ନେତାମାନେ ଆକ୍ଷେପ କରି କହିଥିଲେ। ଫଳରେ ଏଭଳି ସ୍ଥିତିରେ ରାଜନାଥଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି। ଭବିଷ୍ୟତରେ ଆମ ସରକାର ଯେକୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣକୁ କଡ଼ା ଜବାବ ଦେବା ନେଇ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଅପରେସନ ସିନ୍ଦୂର କେବଳ ରୋକା ଯାଇଛି ଓ ଆବଶ୍ୟକ ପଡ଼ିଲେ ପୁଣି ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ଧର୍ମ ନୁହଁ କର୍ମ ଦେଖି ମାରିଛୁ ବୋଲି ସେ କହିଛନ୍ତି।

# ୫୮ ବର୍ଷ ପରେ ଜାତିସଂଘ ମହାସଭାରେ ସିରିଆ।

ୱାଶିଂଟନ, ୨୨।୯(ଏଜେନ୍ସି): ପଶ୍ଚିମ ଏସିଆ ଦେଶ ସିରିଆ ପାଖାପାଖି ୬ ଦଶନ୍ଧି ପରେ ଜାତିସଂଘ ଜେନେରାଲ ଆସେମ୍ବ୍ଲି ବା ମହାସଭାରେ ସାମିଲ ହେବ। ୫୮ ବର୍ଷ ପରେ ସିରିଆକୁ ଏହି ସୁଯୋଗ ମିଳିଥିବାରୁ ସିରିଆ ରାଷ୍ଟ୍ରପତି ଅହମ୍ମଦ ଅଲ- ଶରା ରବିବାର ନ୍ୟୁୟର୍କ ପହଞ୍ଚିଛନ୍ତି। ସେ ଜାତିସଂଘ ୮୦ତମ ମହାସଭାରେ ଅଂଶଗ୍ରହଣ କରିବେ। ମହାସଭା ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ୧୯୬୭ରେ ସେତେବେଳେର ରାଷ୍ଟ୍ରପତି ନୁର ଅଲ-ଦିନ ଅଲ-ଅତାସୀ ୟୁଏନ୍‌ଜିଏରେ ଅଂଶଗ୍ରହଣ କରିଥିଲେ। ଏହାପରେ ସିରିଆରେ ଅସଦ ପରିବାର (ହାଫିଜ ଅସଦ ଓ ବସର ଅସଦ) ଦୀର୍ଘ ୫୦ ବର୍ଷ ଧରି ଶାସନ କରିଥିଲେ। ଗତବର୍ଷ ଅସଦ ପରିବାରକୁ ଶାସନରୁ ବିତାଡିତ କରି ଅଲ-ଶରା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ସିରିଆ ସରକାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକ ସହ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ସୁଧାରିବାକୁ ପ୍ରୟାସ କରିବେ। ଇସ୍ରାଏଲ ସହିତ ସିରିଆର ଏବେ ସମ୍ପର୍କ ସେତେଟା ଭଲ ନଥିବା ବେଳେ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

# ୨୪ ଘଣ୍ଟାରେ ୪ ଦେଶ ପାଲେଷ୍ଟାଇନ୍‌କୁ ଦେଲେ ମାନ୍ୟତା

**୧୫୦ ଦେଶ ସମର୍ଥନ କରିସାରିଛନ୍ତି**

**ଏବେ ମଧ୍ୟ ଆମେରିକାର ବିରୋଧ**

ଲଣ୍ଡନ, ୨୨।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅସ୍ଥିରତାର କେନ୍ଦ୍ର ବିନ୍ଦୁ କୁହାଯାଉଥିବା ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବାରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ବିକଶିତ ଦେଶ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦେଶଗୁଡିକ ହେଲେ ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ। ଫଳରେ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାରେ ଏବେ ଦେଶଗୁଡିକର ସଂଖ୍ୟା ୧୫୦ରେ ପହଞ୍ଚିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର ଦୁଇ ରାଷ୍ଟ୍ର ସମାଧାନ ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି କହିଛନ୍ତି। ସେହିପରି ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବା ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି ପର୍ତ୍ତୁଗାଲ ବୈଦେଶିକ ମନ୍ତ୍ରୀ ପାଓଲୋ ରାଙ୍ଗେଲ କହିଛନ୍ତି। ଏହା ଦ୍ୱାରା ଗାଜାରେ ଇସ୍ରାଏଲର ଆକ୍ରମଣ ଓ ମାନବୀୟ ସଙ୍କଟ କମ୍ ହେବ ଓ ଇସ୍ରାଏଲ ଉପରେ ଏ ନେଇ ଚାପ ବୃଦ୍ଧି ପାଇବ। ତେବେ ଆମେରିକା ଏବେ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଫ୍ରାନ୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ପୂର୍ବରୁ ଘୋଷଣା କରିସାରିଛି ଓ ଜାତିସଂଘରେ ମାନ୍ୟତା ଦେବା ସପକ୍ଷରେ ଭୋଟ ଦେବାକୁ ଘୋଷଣା କରିସାରିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାଦେଇ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆମେରିକାର ନିକଟତମ ବନ୍ଧୁ ଦେଶଗୁଡିକ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେଉଛନ୍ତି।

ସେପଟେ ଏଭଳି ପଦକ୍ଷେପ ଆତଙ୍କବାଦକୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଜୋର୍ଡାନ ନଦୀର ପଶ୍ଚିମରେ ପାଲେଷ୍ଟାଇନ ଦେଶ ସୃଷ୍ଟି ହେବ ନାହିଁ। ସେହିପରି ୱେଷ୍ଟବ୍ୟାଙ୍କରେ ଇହୁଦୀ ବସ୍ତିକୁ ଦୁଇଗୁଣା କରାଯାଇଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବ। ଆମେରିକାରୁ ଫେରିବା ପରେ ଯାଇ ଏହି ମାନ୍ୟତା ଦେବା ପ୍ରକ୍ରିୟାକୁ ନେଇ ଜବାବ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଗାଜାରେ ଦୁଇବର୍ଷ ହେବ ଚାଲିଥିବା ଯୁଦ୍ଧରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦୁର୍ଭିକ୍ଷ, ଧ୍ୱଂସର ଚିତ୍ର ସାରା ବିଶ୍ୱକୁ ବ୍ୟଥିତ କରିଛି। ଇସ୍ରାଏଲର ଲଗାତର ସାମାରିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱରେ ସ୍ୱର ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ବହୁ ଦେଶ ଏବେ ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଛନ୍ତି।

ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ତ୍ରୁଟିକୁ ନେଇ ଚର୍ଚ୍ଚା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ

**କେନ୍ଦ୍ର, ଡିଜିସିଏ, ଏଏଆଇବିଠାରୁ ଜବାବ ମାଗିଲେ**



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଅହମଦାବାଦ୍‌ରେ ହୋଇଥିବା ବିମାନ ଦୁର୍ଘଟଣାରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୁର୍ଭାଗ୍ୟଜନକ ଓ ଅବସୋସଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ ସୋମବାର କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଠାରୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଏନ୍‌କେ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ନାମକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏଏଆଇବି, ଡିଜିସିଏକୁ ନୋଟିସ ଜାରି କରିଛନ୍ତି। କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ ସ୍ୱତନ୍ତ୍ର ଭାବେ କରାଇବାକୁ ଏହି ଏନ୍‌ଜିଓ ଦାବି କରିଛି। ଦୁର୍ଘଟଣାର ତଦନ୍ତ ନେଇ ପ୍ରାରମ୍ଭିକ ରିପୋର୍ଟରେ ଆବଶ୍ୟକ ସୂଚନାକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା ନାଗରିକଙ୍କ ଜୀବନ, ସମାନତା ଓ ପ୍ରକୃତ ସୂଚନା ପାଇବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଏନ୍‌ଜିଓ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଟେକଅପ୍ କରିବାର କିଛି ସେକେଣ୍ଡ ପରେ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂରେ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ମୋଟ୍ ୨୬୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟିବାର ୧୦୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପ୍ରାରମ୍ଭିକ ରିପୋର୍ଟ ଜାରି ହୋଇଛି ବୋଲି ଏନ୍‌ଜିଓ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ କହିଛନ୍ତି। ନିରପେକ୍ଷ ଯାଞ୍ଚ ହେବା ନେଇ ହେଉଥିବା ଦାବି ଠିକ୍। କିନ୍ତୁ ସବୁ ନିଷ୍କର୍ଷକୁ ସାର୍ବଜନୀନ କରାଯିବା ଯାଞ୍ଚ ପ୍ରଭାବିତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୧୨ରେ ଏଏଆଇବି ଦୁର୍ଘଟଣାର ରିପୋର୍ଟ ଜାରି କରିଥିଲା। ଏଥିରେ ଦୁଇ ପାଇଲଟଙ୍କ ମଧ୍ୟରେ କଥାବାର୍ତ୍ତା ବିଷୟରେ ଉଲ୍ଲେଖ କରାଯାଇଥିଲା।

# ମହାକାଶରେ ଉପଗ୍ରହର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍'



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ମହାକାଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିପଦ ଓ ଶତ୍ରୁ ଦେଶଗୁଡିକର ଗିତିବିଧିକୁ ଲକ୍ଷ୍ୟ କରି ଭାରତ ସରକାର ନିଜର ଉପଗ୍ରହଗୁଡିକର ସୁରକ୍ଷା ପାଇଁ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ଏଥିପାଇଁ ଭାରତ ସରକାର ଏବେ ନିଜ ଉପଗ୍ରହଗୁଡିକର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍' ତିଆରି କରିବାକୁ ଯୋଜନା କରୁଛି। ଏହି ବଡିଗାର୍ଡ ସାଟେଲାଇଟ୍ ଭାରତୀୟ ଉପଗ୍ରହଗୁଡିକୁ ସୁରକ୍ଷା ଦେବା ସହ ସବୁପ୍ରକାର ସନ୍ଦିଗ୍ଧ ଗତିବିଧି ନେଇ ତୁରନ୍ତ ସୂଚନା ଦେବ। ୨୦୨୪ ମଧ୍ୟ ଭାଗରେ ଏକ ପଡୋଶୀ ଦେଶର ଉପଗ୍ରହ ଇସ୍ରୋ ଉପଗ୍ରହଠାରୁ ମାତ୍ର ୧ କିମି ଦୂରରେ ଚାଲିଯାଇଥିଲା। ଏହାକୁ ଲକ୍ଷ୍ୟ ରଖି ଭାରତ ଏବେ ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ସରକାର ଏବେ ଷ୍ଟାର୍ଟଅପ୍ ସହିତ ମିଶି ଏଲଆଇଡିଏଆର ସଟେଲାଇଟ୍ ଓ ଗ୍ରାଉଣ୍ଡ ବେସ୍‌ଡ ରାଡାର ଭଳି ସିଷ୍ଟମ ଉପରେ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ବହୁ ପୂର୍ବରୁ ବିପଦକୁ ଚିହ୍ନଟ କରି ଉପଗ୍ରହଗୁଡିକୁ ସୁରକ୍ଷିତ ସ୍ଥାନକୁ ପଠାଯାଇପାରିବ। ଉଲ୍ଲେଖଥାଉ କି ଭାରତ ପାଖରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଉପଗ୍ରହ ରହିଥିବା ବେଳେ ଚୀନ୍ ପାଖରେ ୯୩୦ରୁ ଉର୍ଦ୍ଧ୍ୱ ଓ ପାକିସ୍ତାନ ପାଖରେ ୮ଟି ଉପଗ୍ରହ ରହିଛି। ପୂର୍ବରୁ ଗତ ଜୁନ୍‌ରେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ୍ ଅନ୍ତରୀକ୍ଷ ସୁରକ୍ଷା ନେଇ ଚେତାବନୀ ଦେଇଥିଲେ। ଅନ୍ତରୀକ୍ଷ ହେଉଛି ସବୁଠାର ଉଚ୍ଚ ଓ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ଆମକୁ ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ନହେଲେ ଆମକୁ ଭବିଷ୍ୟତରେ କୌଣସି ସୂଚନା ମିଳିବା କଷ୍ଟକର ହେବ ବୋଲି ସେ ସତର୍କ କରାଇଥିଲେ। ସରକାର ୨୦୨୯ ସୁଦ୍ଧା ଅର୍ଥାତ ଆଗାମୀ ୪ ବର୍ଷରେ ୫୨ଟି ସ୍ୱତନ୍ତ୍ର ପ୍ରତିରକ୍ଷା ସାଟେଲାଇଟ୍ ମହାକାଶକୁ ପଠାଇବ। ଏହି ସାଟେଲାଇଟ୍‌ଗୁଡିକ ଅନ୍ତ ରୀକ୍ଷରେ ଭାରତର ଆଖି ଭଳି କର୍ଯ୍ୟକରିବ ଓ ଜଗି ରହିବ ଓ ପାକିସ୍ତାନ- ଚୀନ୍ ସୀମା ଉପରେ କ୍ରମାଗତ ନଜର ରଖିବ।

# ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ବୃଦ୍ଧି କରିବାକୁ ପୁଟିନ ରାଜି

ମସ୍କୋ, ୨୨।୯(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନ୍ୟୁ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକସନ ଟ୍ରିଟି (ନ୍ୟୁ ଷ୍ଟାର୍ଟ)କୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଇଚ୍ଛା ଜାହିର କରିଛନ୍ତି ଓ ଏଥିପାଇଁ ରୁଷ୍ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ସେ ଗୋଟିଏ ସର୍ତ୍ତ ରଖିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହେବା ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୦ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଦୁଇ ମହାଶକ୍ତିଙ୍କ ମଧ୍ୟରେ ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶ ପାଖରେ ଥିବା ପରାମାଣୁ ଅସ୍ତ୍ର, ମିସାଇଲ ଓ ବମ୍ବରଗୁଡିକର ସଂଖ୍ୟା ଉପରେ କଟକଣା ଲାଗୁ ହୋଇଥିଲା। ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ବିଶ୍ୱ ପାଇଁ ହିତକର ବୋଲି ପୁଟିନ କହିଛନ୍ତି। ତେବେ ଏ ନେଇ ଆମେରିକା ତା'ର ପ୍ରତିକ୍ରିୟା ଦେଇ ନାହିଁ। ସେତେବେଳେର ରାଷ୍ଟ୍ରପତି ବାରାକ ଓବାମା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

# ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି କଂଗ୍ରେସ: ପ୍ରଧାନମନ୍ତ୍ରୀ



ଇଟାନଗର, ୨୨।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ସୋମବାର ତ୍ରିପୁରା ପହଞ୍ଚିଛନ୍ତି। ଗୋମତି ଜିଲ୍ଲାରେ ସେ ପୁନଃନିର୍ମିତ ତ୍ରିପୁର ସୁନ୍ଦରୀ ମନ୍ଦିରର ଉଦ୍‌ଘାଟନ କରିଛନ୍ତି। ଏହି ମନ୍ଦିର ଦେଶରେ ଥିବା ୫୧ଟି ଶକ୍ତିପୀଠରୁ ଅନ୍ୟତମ। କେନ୍ଦ୍ର ସରକାରଙ୍କ ପିଲଗ୍ରିମେଜ ରେଜୁଭେନସନ ଆଣ୍ଡ ସ୍ପିରିଚୁଆଲିଟି ଅଗୁମେଣ୍ଟେସନ ଡ୍ରାଇଭ (ପ୍ରସାଦ) ଯୋଜାନ ଅନୁସାରେ ଏହି ମନ୍ଦିରର ପୁନଃନିର୍ମାଣ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଅରୁଣାଚଳ ଓ ତ୍ରିପୁରା ଗସ୍ତରେ ଅଛନ୍ତି। ଏହାପୂର୍ବରୁ ଇଟାନଗରରେ ପହଞ୍ଚି ସେ ୫, ୧୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ କଂଗ୍ରେସର ସମାଲୋଚନା କରି କହିଛନ୍ତି ଯେ ଏହି ଦଳର ସରକାର ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି। ଏବେ ମୋତେ ସେବା କରିବାର ସୁଯୋଗ ମିଳିଛି। କଂଗ୍ରେସର ଏହି ଚିନ୍ତାଧାରାରୁ ଦେଶକୁ ମୁକ୍ତି ମିଳିଛି। ଯେଉଁ ଉତ୍ତରପୂର୍ବାଞ୍ଚଳକୁ କଂଗ୍ରେସ ଭୁଲି ଯାଇଥିଲା, ସେଠାରେ ୨୦୧୪ରେ ପରେ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଉତ୍ତରପୂର୍ବାଞ୍ଚଳର ୮ଟି ରାଜ୍ୟକୁ ଆମେ ଅଷ୍ଟଲକ୍ଷ୍ମୀ ବୋଲି ବିବେଚନା କରୁଛୁ। ଏହି ୮ଟି ରାଜ୍ୟ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା। ଏହି ୮ଟି ରାଜ୍ୟ ବିକାଶର ଶୀର୍ଷକୁ ଛୁଇଁବ ବୋଲି ସେ କହିଛନ୍ତି।

# କାନାଡାରେ ଆତଙ୍କବାଦୀ ପନ୍ନୁର ସହଯୋଗୀ ଗିରଫ

ଓଟ୍ଟାୱା, ୨୨।୯ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ ଫର ଜଷ୍ଟିସ (ଏସ୍‌ଏଫ୍‌ଜେ) ମୁଖ୍ୟ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ଇନ୍ଦରଜିତ୍ ସିଂହ ଗୋସାଲ କାନାଡାରେ ଗିରଫ ହୋଇଛି। ଇନ୍ଦରଜିତ କାନାଡାରେ ଏସ୍‌ଏଫ୍‌ଜେର ଜଣ ବଡ଼ ସମର୍ଥକ ତଥା ପ୍ରଚାରକ। ୨୦୨୩ ଜୁନ୍‌ରେ ହରଦୀପ ସିଂ ନିଜ୍ଜର ମୃତ୍ୟୁବରଣ କରିବା ପରେ ସେ ଦାୟିତ୍ୱରେ ରହିଛି। ରାଜଧାନୀ ଓଟାୱାରେ ବିଭିନ୍ନ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ରହିଛି। ସେ ପନ୍ନୁର ଡାହାଣ ହାତ ଥିଲା। ସେ ମଧ୍ୟ ଏକଦା ପନ୍ନୁର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭାବେ କାର୍ଯ୍ୟ କରୁଥିଲା। ଇନ୍ଦରଜିତର ଗିରଫ୍ ହେବା ପଛରେ ଭାରତର ହାତ ଅଛି ବୋଲି କୁହାଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତରଫରୁ ଲାଗାତର କୂଟନୈତିକ ଚାପ ଫଳରେ ତାକୁ ଗିରଫ କରାଯାଇଛି। ୩୯ ବର୍ଷୀୟ ଇନ୍ଦରଜିତକୁ ଗତବର୍ଷ ନଭେମ୍ବରରେ ଗ୍ରେଟର ଟରୋଣ୍ଟରେ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ମାମଲାରେ ଗିରଫ କରାଯାଇଥିଲା। ପରେ ତାକୁ କେତୋଟି ସର୍ତ୍ତରେ ଛାଡି ଦିଆଯାଇଥିଲା।

# ରାଜ୍ୟରେ ୨ ଲକ୍ଷରୁ ଅଧିକ ପଦ ଖାଲି

ଭୁବନେଶ୍ୱର, ୨୨।୯ (ସମିସ): ବିଭିନ୍ନ କାର୍ଯ୍ୟାଳୟରେ ମାଳମାଳ ପଦ ଖାଲି ପଡ଼ିଛି। ସରକାରୀ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବାପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ପଦ ଖାଲି ପଡ଼ିଛି। ରାଜ୍ୟର ସମସ୍ତ ବିଭାଗରେ ଏମିତି ଦୁଇ ଲକ୍ଷରୁ ଅଧିକ ପଦ ଫାଙ୍କା ପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩ ହଜାରରୁ ଅଧିକ ପଦ ଖାଲି ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଦ୍ୱିତୀୟ ସର୍ବାଧିକ ୩୯ ହଜାର ପଦ ଖାଲି ପଡ଼ିଛି।

ବିଦ୍ୟାଳୟରେ ପଢ଼ାଇବାକୁ ଆବଶ୍ୟକ ଶିକ୍ଷକ ନାହାନ୍ତି। କର୍ମଚାରୀଙ୍କ ଅଭାବ ମଧ୍ୟ ସରକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇ ପାରୁନାହିଁ। କେବଳ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩ ହଜାର ୪୮୫ଟି ପଦ ଖାଲି ରହିଛି। ଗ୍ରୁପ୍ ସିରେ ୩୭ ହଜାର ୫୮୦ ପଦ ଖାଲି ପଡ଼ିଥିବା ବେଳେ ୧୮ ହଜାର ୯୭୪ଟି ଗ୍ରୁପ୍-ବି ପଦରେ କେହି ନାହାନ୍ତି। ଏହା ପଛକୁ ସ୍ୱାସ୍ଥ୍ୟ ବିଭାଗରେ ୩୯ ହଜାର ୧୨୭ ପଦ ଖାଲି ପଡ଼ିଛି। ଗୃହ ବିଭାଗରେ ୧୯ ହଜାର ୮୮୯ ପଦ ଖାଲି ଥିବାବେଳେ ରାଜସ୍ୱ ବିଭାଗରେ ପ୍ରାୟ ୧୧ହଜାର, ପଞ୍ଚାୟତିରାଜ, ଜଳ ସମ୍ପଦ ଏବଂ କୃଷି ବିଭାଗରେ ୭ହଜାର ଲେଖାଏଁ ପଦରେ କେହି ନାହାନ୍ତି। ମତ୍ସ୍ୟ ସମ୍ପଦ ବିଭାଗରେ ମଧ୍ୟ ୬ ହଜାରରୁ ଅଧିକ ପଦ ଖାଲି ପଡ଼ିଛି। ଅନ୍ୟ ସମସ୍ତ ବିଭାଗରେ ମଧ୍ୟ ବହୁ ପଦ ଖାଲି ପଡ଼ିଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି।

ଲକ୍ଷାଧିକ ପଦ ଖାଲି ଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଚଳିତ ବର୍ଷ ସ୍ନାତକ ପଢ଼ୁଆ ପିଲାଙ୍କ ପାଇଁ ରାଜ୍ୟରେ ନୂତନ ନିଯୁକ୍ତି ମଧ୍ୟ ବାହାର କରାଯାଇ ନାହିଁ। ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ନିଯୁକ୍ତି ପାଇଁ ୨୯ ଟି ପଦ ବ୍ୟତୀତ ଅନ୍ୟ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଗୋଟିଏ ପଟେ ଦୁଇବର୍ଷ ମଧ୍ୟରେ ୬୫ ହଜାର ଓ ୫ବର୍ଷରେ ଅଢ଼େଇ ଲକ୍ଷ ନିଯୁକ୍ତି ଦେବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନ୍ୟପଟେ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶ ନ କରିବା ଆଶାୟୀଙ୍କ ମଧ୍ୟରେ ସନ୍ଦେହ ବଢ଼ାଉଛି। ଗତ ଅଗଷ୍ଟ ଶେଷ ସୁଦ୍ଧା ୨୨ହଜାର ଗ୍ରୁପ୍-ସି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଅଗଷ୍ଟ ଯାଇ ସେପ୍ଟେମ୍ବର ସରିବାକୁ ବସିଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇପାରିଲା ନାହିଁ।

ଅନୁରୂପ ଭାବେ ଏକାଧିକ ନିଯୁକ୍ତି ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟରେ ମାମଲା ଗଡ଼ୁଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ୨୦୨୪ରେ ପ୍ରକାଶ ପାଇଥିବା ଓଡ଼ିଶା ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି), ଆଇଆର୍‌ବି ଓ ଏସ୍‌ଏସ୍‌ବି ବାଟାଲିଅନ୍, ପୁଲିସ୍ ଏସ୍‌ଆଇ ସମେତ କନିଷ୍ଠ ଯନ୍ତ୍ରୀ (ଜେଇ) ପରୀକ୍ଷାକୁ ନେଇ କୋର୍ଟରେ ମାମଲା ହୋଇଛି। ଫଳରେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ଏଣୁ ନିୟମିତ ଭାବେ ଖାଲି ଥିବା ପଦରେ ନିଯୁକ୍ତି ପାଇଁ ତ୍ରୁଟିଶୂନ୍ୟ ବିଜ୍ଞପ୍ତି ବାହାର କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

- ■ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩,୪୮୫ଟି ପଦ ଫାଙ୍କା
- ■ ଚଳିତ ବର୍ଷ ସ୍ନାତକ ପଢ଼ୁଆଙ୍କ ପାଇଁ ବାହାରିନି ଚାକିରି
- ■ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଆଶାୟୀଙ୍କ ଦାବି

## ନିଯୁକ୍ତି ଦେଉଥିବା ସଂସ୍ଥାରେ ଅର୍ଦ୍ଧାଧିକ ପଦ ଫାଙ୍କା

ଭୁବନେଶ୍ୱର, ୨୨।୯(ସମିସ): ରାଜ୍ୟରେ ଚାଲୁଥିବା ନିଯୁକ୍ତି ପ୍ରକ୍ରିୟା ସମୟ ଅବଧି ମଧ୍ୟରେ ସରିପାରୁ ନାହିଁ। ବର୍ଷ ବର୍ଷ ଧରି ଆଶାୟୀମାନେ ଅପେକ୍ଷା କରୁଛନ୍ତି। ଅପରପକ୍ଷରେ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ବାରମ୍ବାର ଘୁଞ୍ଚିବା କାରଣରୁ ଆଶାୟୀଙ୍କ ଧୈର୍ଯ୍ୟର ବାଡ଼ ଭାଙ୍ଗୁଛି। ଏପରି ସ୍ଥିତିରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକରେ ମାନବ ସମ୍ବଳର ଘୋର ଅଭାବ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ପ୍ରମୁଖ ପ୍ରତିବନ୍ଧକ ସାଜୁଥିବା ଅଭିଯୋଗ ହୋଇଛି। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ରାଜ୍ୟରେ ପ୍ରମୁଖ ନିଯୁକ୍ତି ପରୀକ୍ଷାର ପରିଚାଳନା ଦାୟିତ୍ୱରେ ରହିଛି। ହେଲେ ପରୀକ୍ଷା ପରିଚାଳନା କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ କର୍ମଚାରୀ ନାହାନ୍ତି। ଅର୍ଦ୍ଧାଧିକ ପଦ ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ସମୁଦାୟ ୧୭୮ଟି ପଦ ମଧ୍ୟରୁ ମାତ୍ର ୮୦ଜଣ କାର୍ଯ୍ୟରତ ଅଛନ୍ତି। ଆଉ ୯୮ଟି ଅର୍ଥାତ୍ ୫୫ ପ୍ରତିଶତ ପଦରେ କେହି ନାହାନ୍ତି। ଓପିଏସ୍‌ସି ପରି ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ରେ କର୍ମଚାରୀ ମରୁଡ଼ି। ଫଳରେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପ୍ରଥମେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାରେ ପର୍ଯ୍ୟାପ୍ତ ମାନବସମ୍ବଳ ନିଯୁକ୍ତ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

**ଓପିଏସ୍‌ସିରେ ନାହାନ୍ତି ୫୫ ପ୍ରତିଶତ କର୍ମଚାରୀ**

## ମହିଳାଙ୍କ ହତ୍ୟା କରି ଅଳଙ୍କାର ଲୁଟିଲେ



ପୋଲସରା,୨୨।୯(ସମିସ): ଗାଧୋଇ ସାରି ଫେରିବା ବେଳେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରିବା ସହ ତାଙ୍କ ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପୋଲସରା ଥାନା ଚିରିକିପଡ଼ା ଶାସନ ଗ୍ରାମରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ, ସେହି ଗ୍ରାମର ନୀଳାମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ ସେଠୀ (୫୫)। ଶୈଳ ଆଜି ଭୋର୍‌ରେ ଘର କାମ ସାରି ଗାଧୋଇବା ପାଇଁ ବାଘୁଆ କେନାଲ ଗୁଡ଼ିମାଳକୁ ଯାଇଥିଲେ। ସେଠାରେ ନିତ୍ୟକର୍ମ ସାରି ଫେରିବା ବେଳେ ରାସ୍ତାରେ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟିଦେଇଥିଲା। ଶୈଳ ତଳେ ପଡ଼ି ଛଟପଟ ହେଉଥିବା ବେଳେ ସେ ତାଙ୍କ କାନଫୁଲ ଓ ନାକଫୁଲ ଝିମ୍ପିନେଇ ଚମ୍ପଟ ମାରିଥିଲା। ତେବେ ପାଖରେ କେହି ନଥିବାରୁ, ଘଟଣାସ୍ଥଳରେ ହିଁ ଶୈଳଙ୍କ ମୃତ୍ୟୁ ହୋଇଯାଇଥିଲା।

ଖବର ପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ସହ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ୍ କୁମାର ନାୟକ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବା ବୋଲି ଏସ୍‌ଡିପିଓ ଶ୍ରୀ ନାୟକ କହିଛନ୍ତି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଏତଲା ହୋଇନଥିବା ଜଣାଯାଇଛି।

# ହନିଟ୍ରାପ୍ କରି ଠକେଇ; ୩ ଗିରଫ

ନିଶ୍ଚିନ୍ତକୋଇଲି, ୨୨।୯ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ କିଛି ବର୍ଷ ହେବ ଚାଲିଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ସୋମବାର ପୁଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସାମ୍ବାଦିକ ଶୁଭାଶିଷ ବସନ୍ତରାୟ, ମାହାଙ୍ଗା ଶୁକ୍ଳେଶ୍ୱର ଅଞ୍ଚଳର ଇତିଶ୍ରୀ ମହାନ୍ତି ଏବଂ ହିମାଂଶୁ ଶେଖର ଲେଙ୍କା। ହିମାଂଶୁଙ୍କ ନିଶ୍ଚିନ୍ତକୋଇଲି ବଜାରରେ ଏକ ଚା' ଦୋକାନ ରହିଛି। ଏନେଇ ପୁଲିସ ନମ୍ବର ୧୭୦/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ୩ ଜଣଙ୍କଠାରୁ ପୁଲିସ ୫ଟି ମୋବାଇଲ ଜବତ କରିଛି। ଏହାସହ ପୁଲିସ ଶୁଭାଶିଷର ଘରେ ଚଢ଼ଉ କରିଥିବା ଜଣାଯାଇଛି। ସେହିପରି, ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଆସାମୀ ସାମ୍ବାଦିକ ଅସିତ ସାମଲ ଫେରାର୍ ଥିବା ବେଳେ ତାକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି।

**ଜଣେ ଫେରାର, ୫ ମୋବାଇଲ ଜବତ**



ସୂଚନାନୁଯାୟୀ, ଶୁଭାଶିଷ ଓ ଅସିତ ସାଟେଲାଇଟ୍ ଟିଭି ଚ୍ୟାନେଲର ସାମ୍ବାଦିକ। ସେମାନଙ୍କ ସହ ଜଣେ ମହିଳା ମିଶି ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ କଟକ ସଦର ଅଞ୍ଚଳର ବହୁ ଶିକ୍ଷକ, ଡାକ୍ତର, ନର୍ସିଂହୋମ୍ ମାଲିକ ଓ ଅନ୍ୟାନ୍ୟ ଧନୀଶ୍ରେଣୀୟ ବ୍ୟକ୍ତିମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲେ। କିଛି ଦିନ ତଳେ ସେମାନେ କଟିକଟା ବଜାରର ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ଜାଲରେ ଫସାଇ ତାଙ୍କଠାରୁ ୨.୫ଲକ୍ଷ ଟଙ୍କା ଲୁଟିଥିଲେ। ଏହି ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ୩ଦିନ ରଖାଯାଇ ନିର୍ଯାତନା ମଧ୍ୟ ଦିଆଯାଇଥିଲା। ଘଟଣାର କିଛି ଦିନ ପରେ ଔଷଧ ଦୋକାନୀଙ୍କର ପୁଅ ପ୍ରଦୀପ୍ତ ସାହୁ ନିଶ୍ଚିନ୍ତକୋଇଲି ଥାନା ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି ଯେ ଅଭିଯୁକ୍ତମାନେ ହନିଟ୍ରାପ୍ ମାଧ୍ୟମରେ ବହୁ ସରକାରୀ ଅଧିକାରୀ ଓ ବ୍ୟବସାୟୀମାନଙ୍କୁ ଫସାଇ କୋଟିକୋଟି ଟଙ୍କାର ବେଆଇନ ଅର୍ଥ କାରବାର କରିଛନ୍ତି। ସେହିପରି, ଘଟଣାରେ ଆହୁରି ଅନେକ ମହିଳା ଓ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ୧୫ ମାସରେ ୨୨ ଛାତ୍ରୀଙ୍କ ଆତ୍ମହତ୍ୟା ସରକାରଙ୍କ ଲଜ୍ଜାଜନକ ଉପଲବ୍ଧି: ଛାତ୍ର ବିଜେଡି

ଭୁବନେଶ୍ୱର,୨୨।୯(ସମିସ): ବିଜେପି ସରକାରକୁ ଆସିବାର ୧୫ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଅନୁରୂପ ଭାବରେ ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ମଧ୍ୟରେ ଥିବା ଅନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ଅଭିଯୋଗ କରିଛି ବିଜୁ ଛାତ୍ର ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ, ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଠୁ ଆରମ୍ଭ କରି ବଲଙ୍ଗା, ପଟ୍ଟାମୁଣ୍ଡାଇ, ମାହାଙ୍ଗା, ଗୋପାଳପୁର ଓ ବାଲିହରଚଣ୍ଡୀ ଘଟଣା ଦର୍ଶାଉଛି ଯେ ଏହି ସରକାରରେ ଛାତ୍ରୀମାନେ କିଭଳି ଅସୁରକ୍ଷିତ। ଗତ ୧୫ ମାସରେ ୨୨ ଜଣ ଛାତ୍ରୀ ଆତ୍ମହତ୍ୟା କରିବା ବିଜେପି ସରକାରର ଲଜ୍ଜାଜନକ ଉପଲବ୍ଧି। ଗୋଟିଏ ପଟେ ସରକାର ମଦମୁକ୍ତ ଓଡ଼ିଶା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ମାରାଥନ ଆୟୋଜନ କରୁଥିବା ବେଳେ, ଅନ୍ୟ ପଟେ



୭୦ଟି ବନ୍ଦ କରାଯାଇଥିବା ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି। କଲେଜ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ଭୁଶୁଡ଼ି ପଡ଼ିଛି। କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝିବା ପାଇଁ କେହି ନାହିଁ। ଉଚ୍ଚଶିକ୍ଷା ବିଭାଗ ଆଜି ମୁରବୀ ଶୂନ୍ୟ ହୋଇପଡ଼ିଛି।

ଶ୍ରୀମତୀ ସାହୁ ଆହୁରି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନୂଆ-ଓ ସ୍କଲାରସିପ୍ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନର ସରକାର ନାମ ଓ ରଙ୍ଗ ପରିବର୍ତ୍ତନ କରି ଅନେକ ଯୋଜନା କରୁଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ସ୍କଲାରସିପ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର କହୁଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସରକାରଙ୍କ ସାହସ ଅଛି, ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍ସିତା ସାହୁ ଆହ୍ୱାନ ଦେଇଛନ୍ତି। ନ ହେଲେ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏଫଏମ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋ ପକାଇ ପ୍ରତ୍ୟେକ କ୍ୟାମ୍ପସରେ ଲଢ଼େଇ ଆରମ୍ଭ କରିବ ବୋଲି ସେ କହିଛନ୍ତି।

- ■ ରାଜ୍ୟ ସରକାରଙ୍କୁ ଭୟଭୀତ କରିଛି ଛାତ୍ରଛାତ୍ରୀଙ୍କ ଆକ୍ରୋଶ
- ■ ଛାତ୍ର ସଂସଦ ନିର୍ବାଚନ ନେଇ ସରକାରଙ୍କ ଆଭିମୁଖ୍ୟ ନିନ୍ଦନୀୟ
- ■ ଏବିଭିପି-ଯୁବମୋର୍ଚ୍ଚା ଅନ୍ତଃକନ୍ଦଳରେ ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଅଶାନ୍ତ
- ■ ସତ୍‌ସାହସ ଥିଲେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ

# ନିଜ ଦେହରେ ନିଆଁ ଲଗାଇଥିଲେ ବଲଙ୍ଗା ପୀଡ଼ିତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୯ (ସମିସ): ବହୁଚର୍ଚ୍ଚିତ ବଲଙ୍ଗା ଛାତ୍ରୀ ମୃତ୍ୟୁ ଘଟଣାର ସାଙ୍ଘାତିକ କଥା ପଦାକୁ ଆସିଛି। ପୀଡ଼ିତା ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇଥିବା ନେଇ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରେ ଉତ୍ତର ରଖିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଜୁଲାଇ ୧୯ ତାରିଖ ଦିନ କିଛି ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଜୋରଜବରଦସ୍ତି ନଦୀ କୂଳକୁ ନେଇ କିରାସିନି ଓ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଗ୍ରାମବାସୀମାନେ ପୀଡ଼ିତାଙ୍କୁ ପ୍ରଥମେ ପିପିଲି ଡାକ୍ତରଖାନା ଓ ପରେ ଏମ୍ସକୁ ପାଇଁ ସ୍ଥାନାନ୍ତର କରିଥିଲେ। ଏହାର ପରଦିନ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ସରକାର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରିଥିଲେ। ପ୍ରାୟ ୧୪ଦିନ ଚିକିତ୍ସିତ ହେବା ପରେ ଅଗଷ୍ଟ ୨ ତାରିଖ ଦିନ ପୀଡ଼ିତା ମୃତ୍ୟୁବରଣ କରିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ବଲଙ୍ଗା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁଯାୟୀ ମୃତ୍ୟୁ ପୂର୍ବରୁ ଭୁବନେଶ୍ୱର ଏମ୍‌ସରେ ଓ ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଯାଇଥିଲା। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ ଯେ ସେ ନିଜ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତଥ୍ୟ ପ୍ରମାଣ ଆଧାରରେ ତଦନ୍ତ ପରିସମାପ୍ତି ପରେ ଏହି ମାମଲାକୁ ଫାଇନାଲ ରିପୋର୍ଟ ମିଷ୍ଟେକ୍ ଅଫ୍ ଫ୍ୟାକ୍ଟ କୋର୍ଟରେ ଦାଖଲ କରାଯାଇଛି।

## ସତର୍କ କଲା ଗୁଇନ୍ଦା ବିଭାଗ | ଓଡ଼ିଶାରେ ଛତିଶଗଡ଼ୀ ମାଓବାଦୀ

- ◆ ସଂଗଠନ ମଜଭୁତ କରୁଛନ୍ତି ୧୦ ମାଓନେତା
- ◆ ମାଓବାଦୀ ପ୍ରତିଷ୍ଠା ସପ୍ତାହରେ ହିଂସା ଆଶଙ୍କା
- ◆ ରାତିଟ୍ରେନରେ ସୁରକ୍ଷା ବଢ଼ାଇବାକୁ ପରାମର୍ଶ



ଭୁବନେଶ୍ୱର, ୨୨।୯ (ସମିସ): ଛତିଶଗଡ଼ରେ ଯବାନଙ୍କ ଘନଘନ ସର୍ଚ୍ଚ ଅପରେସନ୍‌ରେ ମାଓବାଦୀମାନେ ଧରାଶାୟୀ। ସଂଗଠନ ବଞ୍ଚାଇବା ପାଇଁ ସେମାନେ ଓଡ଼ିଶାରେ ପ୍ରବେଶ କରିଛନ୍ତି। ବିଶେଷ କରି କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମାଓବାଦୀମାନେ ନିଜର ଆଡ୍ଡା ଜମାଉଛନ୍ତି ଓ ୧୦ ମାଓନେତା ସଙ୍ଗଠନକୁ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ମାଓ ପ୍ରତିଷ୍ଠା ସପ୍ତାହରେ ହିଂସାକାଣ୍ଡ ବୃଦ୍ଧି ଆଶଙ୍କା ରହିଛି ବୋଲି ସତର୍କ କରିଛି ଗୁଇନ୍ଦା ବିଭାଗ। ମାଓପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଓ ରାତ୍ରିକାଳୀନ ଟ୍ରେନ୍‌ରେ ଆର୍‌ପିଏଫ୍‌ଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଗୁଇନ୍ଦା ବିଭାଗ ପରାମର୍ଶ ଦେଇଛି।

ଏକ ସପ୍ତାହ ଧରି ମାଓବାଦୀ ପ୍ରତିଷ୍ଠା ଦିବସ ସପ୍ତାହ ପାଳନ କରାଯାଉଛି। ଏହା ସେପ୍ଟେମ୍ବର ୨୧ ତାରିଖରୁ ସେପ୍ଟେମ୍ବର ଶେଷ ଯାଏ ଚାଲିବ। ଏହି ସମୟରେ ମାଓବାଦୀମାନେ ସେମାନଙ୍କର ଉପସ୍ଥିତି ଜାହିର ପାଇଁ ହିଂସାକାଣ୍ଡ ଘଟାଇବାର ଆଶଙ୍କା ରହିଛି। ଛତିଶଗଡ଼ରେ ନିଜର ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଓଡ଼ିଶାରେ ନିଜର ସଂଗଠନକୁ ବଢାଇବା ପାଇଁ ସେମାନେ ଉଦ୍ୟମ ଚଳାଇଛନ୍ତି। ତେଣୁ ଚକ୍ରଧରପୁର ଡିଭିଜନର ସୋନୁଆ, ଟୁନିଆ, ଜରେଇକେଲା, ଭାଲୁଲତା ଓ ବିଶ୍ରା ଭଳି ନକ୍ସଲ ପ୍ରଭାବିତ ଷ୍ଟେସନରେ ରେଳ ପ୍ରଶାସନ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବଢାଇବାକୁ କୁହାଯାଇଛି। ବିଶେଷ କରି ରାତ୍ରିକାଳୀନ ଟ୍ରେନଗୁଡ଼ିକରେ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ମାଓ ପ୍ରଭାବିତ ଅଞ୍ଚଳରେ ରାତିରେ ଧୀରେ ଯାତ୍ରା କରିବାକୁ ଟ୍ରେନ୍ ଚାଳକମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲ ସଂଗଠନରେ ପୂର୍ବରୁ ରାଜ୍ୟ ରାଜ୍ୟ ମଧ୍ୟରେ ଥିବା କମିଟିଗୁଡ଼ିକରେ ତାଳମେଳ ରହୁ ନଥିଲା। ଏବେ ସେମାନେ ନିୟମିତ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେଉଛନ୍ତି ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଫୋକସରେ ଥିବା ସୂଚନା ମିଳିଛି। କେନ୍ଦ୍ରୀୟ କମିଟିର ସଦସ୍ୟ ବାସବରାଜୁ, ଉଦୟ, ବାଲକ୍ରୀଷ୍ଣା, ଭାସ୍କରଙ୍କର ମୃତ୍ୟୁ ସଂଗଠନ ପାଇଁ ବଡ ଝଟକା ଦେଇଛି। ତେଣୁ ସେମାନଙ୍କ ଭଳି ସଦସ୍ୟଙ୍କୁ ଖୋଜିବାରେ ମାଓନେତା ଲାଗିପଡ଼ିଛନ୍ତି। ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଏବେ ପୁଣି କନ୍ଧମାଳ-ଗଞ୍ଜାମଜିଲ୍ଲା ସୀମାରେ ସକ୍ରିୟ ହୋଇଛନ୍ତି ମାଓବାଦୀ। ତେଣୁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସର୍ଚ୍ଚ ଅପରେସନ୍‌କୁ ବଢାଇ ଦିଆଯାଇଛି। ଏହି ସମୟରେ ଗତକାଲି କନ୍ଧମାଳ ଜିଲ୍ଲା ରାଇକିଆ-ଦାରିଙ୍ଗିବାଡ଼ି ଏବଂ ଗଞ୍ଜାମ ସୀମାନ୍ତବର୍ତ୍ତୀ ରଣବା ମାଣିକେଶ୍ୱର ପଞ୍ଚାୟତର ଗେବିଙ୍ଗିଆ ଜଙ୍ଗଲରେ ମାଓବାଦୀମାନେ ସକ୍ରିୟ ଥିବା ଘଟଣା ପୁଲିସ ପାଇଁ ଶିରପୀଡ଼ା ହୋଇଛି।

## ■ ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ୍
## ଖାଲି ପଡ଼ିଛି ୧୩୩୨ ଅନୁମୋଦିତ ଅଧ୍ୟାପକ ପଦ

କଟକ, ୨୨।୯ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୨୨ଟି ଅନୁମୋଦିତ ଅଧ୍ୟାପକ ପଦ ଦୀର୍ଘ ଦିନ ଧରି ଖାଲିପଡ଼ିଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସମସ୍ତ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନୋଟିସ୍ ଜାରି ସହ ଜବାବ ତଲବ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ଅନୁସାରେ ରାଜ୍ୟ ସରକାର ଏହି ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟକୁ ନିୟନ୍ତ୍ରଣ କରିଥା'ନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗତ ୨୦୨୨ ମସିହାରୁ କୌଣସି ଅଧ୍ୟାପକ ନିଯୁକ୍ତି ଦିଆଯାଇନାହିଁ। ବହୁ ପଦବୀ ଖାଲି ପଡ଼ିବାରୁ ଶିକ୍ଷାଦାନ ଏବଂ ଗବେଷଣା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏହି କ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଥିବା ବେଳେ ରେଭେନ୍ସାରେ ୧୬୧, ଏମଏସ୍‌ସିବିରେ ୫୮ଟି, ବ୍ରହ୍ମପୁରରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁରରେ ୭୬ଟି, ଫକିରମୋହନ ବିଶ୍ୱବିଦ୍ୟାଳୟରେ ୪୯ଟି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ଏସ୍‌ଏଜେଏସଭିରେ ୨୦ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ଟି, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ୫୦ଟି ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ଟି ମଞ୍ଜୁରୀପ୍ରାପ୍ତ ପଦ ଖାଲି ପଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୦କୁ ଧାର୍ଯ୍ୟ ହୋଇଛି।

## ■ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ
# ୧୫ ମାସରେ ୨୦୨ କୋଟିର ସମ୍ପତ୍ତି ଠାବ

ଭୁବନେଶ୍ୱର,୨୨।୯(ସମିସ): ଗତ ୧୫ ମାସରେ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ ପଡ଼ିଥିବା ବେଳେ ୨୦୨ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୭୭ଟି ଆୟ ବହିର୍ଭୂତ ଓ ୧୨୨ଟି ଲାଞ୍ଚ ନେବା ମାମଲା ରହିଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଲିଖିତ ଉତ୍ତରରେ ଉଲ୍ଲେଖ ରହିଛି ଯେ ଗତ ୫ ବର୍ଷରେ ୩୬୬୧ଟି ଦୁର୍ନୀତି ନିବାରଣ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ୭୨୨ଟି ମାମଲା ତଦନ୍ତାଧୀନ ରହିଛି। ୨୦୨୪ ଜୁଲାଇ ୧ରୁ ୨୦୨୫ ସେପ୍ଟେମ୍ବର ୧୫ ମଧ୍ୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ୭୭ଜଣ ସରକାରୀ ଅଧିକାରୀଙ୍କ ଘରେ ଚଢ଼ଉ କରିଛି। ସେମାନଙ୍କ ପାଖରୁ ମୋଟ ୨୦୨.୫୮କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୮.୩୮ କୋଟି ନଗଦ ରାଶି ଥିବା ବେଳେ ୨୧୮ ଗୋଟି ଫ୍ଲାଟ୍, ୭୭୫ ଗୋଟି ପ୍ଲଟ୍, ୧୬ଟି ସୁନା ବିସ୍କୁଟ ସହ ମୋଟ ୨୫ କେଜି ୫୫୩ ଗ୍ରାମର ସୁନା ଅଳଙ୍କାର, ୧୩ଟି ଫାର୍ମ ହାଉସ, ୪୪.୨୧ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ୪୩.୦୨ କୋଟି ଟଙ୍କାର ବୀମାରାଶି ରହିଛି। ଏହି ସମୟ ମଧ୍ୟରେ ମୋଟ ୭୮୫ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଛି। ସେହିପରି ୧୭୦ ଲୋକଙ୍କୁ ଦଣ୍ଡିତ କରାଯାଇଛି।

## ସରକାରଙ୍କୁ ବିଜେଡିର 'ଦାଦନ' ବାଣ
# 'ଦାଦନମୁକ୍ତ ଓଡ଼ିଶା' ପ୍ରତିଶ୍ରୁତି ପାଣିର ଗାର

ଭୁବନେଶ୍ୱର,୨୨।୯(ସମିସ): ନିଜର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ଦାଦନ ମୁକ୍ତ କରିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ବିଜେପିର ଦାଦନମୁକ୍ତ ଓଡ଼ିଶା ପ୍ରତିଶ୍ରୁତି ପାଣିର ଗାର ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ରାଜ୍ୟ ବିଜେପି ସରକାର ଦାଦନ ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଦାଦନ ସମସ୍ୟାକୁ ନେଇ ବିଜେପି ପକ୍ଷରୁ ପୂର୍ବ ସରକାରଙ୍କୁ ସମାଲୋଚନା କରୁଥିଲା ଓ କ୍ଷମତାକୁ ଆସିଲେ ଏହି ସମସ୍ୟାର ସମାଧାନ କରିବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ଦାଦନ ସମସ୍ୟା ସମାଧାନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଏକ ଟାସ୍କଫୋର୍ସ ଗଠନରେ ସୀମିତ।



ଗ୍ରାମାଞ୍ଚଳରେ ମନରେଗା ଯୋଜନା ମାଧ୍ୟମରେ କର୍ମ ଦିବସ ଯୋଗାଇଦେବା କମୁଥିବାରୁ ସମସ୍ୟା ରାଜ୍ୟରେ ଉତ୍କଟ ରୂପ ନେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ସମୁଦାୟ ୧୭ କୋଟି ୬୧ ଲକ୍ଷ କର୍ମ ଦିବସ ଯୋଗାଇଦିଆ ଯାଇଥିବା ବେଳେ ବିଜେପି ସରକାର ସମୟରେ ଏହି ସଂଖ୍ୟା ୧୦ କୋଟି ତଳକୁ ଖସି ଆସିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୩.୩୯ ଲକ୍ଷ ପରିବାରଙ୍କୁ ୧୦୦ ଦିନର କର୍ମ ଦିବସ ଯୋଗାଯାଇଥିବା ବେଳେ ଏହା ବିଜେପି ସରକାରଙ୍କ ସମୟରେ ୧.୪୯ ଲକ୍ଷକୁ କମିଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରକୁଦା ଓ ସାନପାଟଣା ଗ୍ରାମରୁ ପ୍ରାୟ ଏକ ହଜାର ଲୋକ ଗତ ମାସରେ ଦାଦନ ଖଟିବାକୁ ଗୋଆ, ମାଙ୍ଗାଲୋର ଓ ତାମିଲନାଡୁ ଯାଇଛନ୍ତି। ଏହି ଦୁଇ ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇ ପଡିଛନ୍ତି। ଏମାନଙ୍କ ଭିତରୁ ଜଣଙ୍କର ସେଠାରେ ମୃତ୍ୟୁ ଘଟିଛି, ଯାହାର ମରଶରୀର ଆଜି ଗ୍ରାମକୁ ଅଣାଯାଉଛି। ରାଜ୍ୟ ବିଜେପି ସରକାର କେବଳ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଓ ବିକଶିତ ଓଡ଼ିଶା ଗଠନର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ସମସ୍ୟା ସମାଧାନ ଦିଗରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ସେହିପରି ଧ୍ରୁବ ଚରଣ ସାହୁ କହିଥିଲେ ଯେ ବିଜେପିର ଓଡ଼ିଶାକୁ ଦାଦନମୁକ୍ତ କରିବା ଓ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପ୍ରତିଶ୍ରୁତି ଆଜି ପାଣିର ଗାର ପାଲଟିଛି। ପ୍ରତିଦିନ ରାଜ୍ୟ ବାହାରେ କେଉଁଠି ନା କେଉଁଠି ଓଡ଼ିଶାର ଶ୍ରମିକଙ୍କ ଦୁର୍ଦ୍ଦଶାର ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। କେବଳ ପୁରୀ ଜିଲ୍ଲାରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି । କେନ୍ଦ୍ରାପଡା ଜିଲ୍ଲାରେ ନବୀନ ସରକାରଙ୍କ ସମୟରେ ଏକ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଥିଲା ଯାହା ଏବେ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

- ■ ଅରକୁଦା, ସାନପାଟଣାରୁ ଦାଦନ ଯାଇଛନ୍ତି ହଜାରେ
- ■ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଗଠନରେ ସୀମିତ
- ■ ରାଜ୍ୟରେ କମିବା ପରିବର୍ତ୍ତେ ଉତ୍କଟ ହେଉଛି ସମସ୍ୟା

# ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

## ଦକ୍ଷିଣ ଆଫ୍ରିକା ଟି-୨୦ ଓ ଦିନିକିଆ ଦଳରେ ସାମିଲ



ଜୋହାନ୍ସବର୍ଗ, ୨୨।୯ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ କ୍ୱିଣ୍ଟନ ଡି କକ୍ ଦିନିକିଆ ଅବସରରୁ ୟୁ-ଟର୍ନ ନେଇଛନ୍ତି। ୫୦ ଓଭର ଫର୍ମାଟ୍‌ରୁ ଅବସର ନେବାର ଦୀର୍ଘ ୨ ବର୍ଷ ପରେ ଡି କକ୍‌ଙ୍କୁ ପୁଣିଥରେ ଜାତୀୟ ଦଳରେ ସ୍ଥାନ ମିଳିଛି। ଆଗାମୀ ପାକିସ୍ତାନ ବିପକ୍ଷ ଟୁର୍ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ଉଭୟ ଦିନିକିଆ ଓ ଟି-୨୦ ଦଳରେ ୩୨ ବର୍ଷୀୟ ଡି କକ୍‌ଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଗସ୍ତରେ ଯାଇ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ପ୍ରଥମେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡି କକ୍ ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ଭାରତରେ ୨୦୨୩ରେ ଅନୁଷ୍ଠିତ ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌କୁ ଅଲ୍‌ବିଦା କହିଥିଲେ। କିନ୍ତୁ ସେ ଟି-୨୦ କ୍ରିକେଟ୍‌ରେ ସକ୍ରିୟ ଥିଲେ। ୨୦୨୪ ଜୁନରେ ସେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ଖେଳିଥିଲେ। ଏବେ ପାଖାପାଖି ଦେଢ଼ବର୍ଷ ପରେ ସେ ଟି-୨୦ ଦଳକୁ ଫେରିଛନ୍ତି। ବାମହାତୀ ବ୍ୟାଟର୍ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ୧୫୫ ଦିନିକିଆ ଓ ୯୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୭୭୦ ରନ ଓ ୨୫୮୪ ରନ ସଂଗ୍ରହ କରିଛନ୍ତି।

# ଶ୍ରୀଲଙ୍କା-ପାକିସ୍ତାନ ପାଇଁ କର ବା ମର ସ୍ଥିତି

ଆବୁଧାବି, ୨୨।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସୁପର୍-୪ ମୁକାବିଲା ଖେଳାଯିବ। ଉଭୟ ଦଳ ଏଥିପୂର୍ବରୁ ସୁପର୍-୪ ପର୍ଯ୍ୟାୟରେ ନିଜ ନିଜର ପ୍ରଥମ ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଥିଲେ। ଶ୍ରୀଲଙ୍କା ୪ ୱିକେଟ୍‌ରେ ବାଂଲାଦେଶ ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ପାକିସ୍ତାନ ୬ ୱିକେଟ୍‌ରେ ଭାରତ ନିକଟରୁ ହାରି ସୁପର୍-୪ ଅଭିଯାନ ଆରମ୍ଭ କରିଥିଲା। ତେଣୁ ଆସନ୍ତାକାଲିର ଏହି ମ୍ୟାଚ ଶ୍ରୀଲଙ୍କା ଓ ପାକିସ୍ତାନ ପାଇଁ କର-ବା-ମର ସ୍ଥିତି ସୃଷ୍ଟି କରିଛି। ଯେଉଁ ଦଳ ମଙ୍ଗଳବାର ମ୍ୟାଚରେ ବାଜିମାତ୍ କରିବ ସେହି ଦଳ ଫାଇନାଲ ଦୌଡ଼ରେ ତିଷ୍ଠି ରହିବ। ତେଣୁ ଉଭୟ ଦଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ଶ୍ରୀଲଙ୍କା ପାଇଁ ବ୍ୟାଟିଂରେ ଓପନର୍ ପାଥୁମ ନିଶାଙ୍କ ଭଲ ଫର୍ମରେ ରହିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ୧୪୬ ରନ ସଂଗ୍ରହ କରିସାରିଛନ୍ତି। ସେହିଭଳି ପାକିସ୍ତାନ ଓପନର ଶାହିବଜାଦା ଫରହାନ ୧୩୨ ରନ ସହ ଦଳ ପାଇଁ ଟପ୍ ସ୍କୋରର ରହିଛନ୍ତି। ଆବୁଧାବି ପିଚ୍ ଦ୍ରୁତ ବୋଲରଙ୍କୁ ସହାୟତା କରିବ। ତେଣୁ ଉଭୟ ଦଳ ଦୁଇ ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ଓ ଜଣେ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବେ ବୋଲି ଅନୁମାନ କରାଯାଉଛି।

# ରୌଫ୍-ଫରହାନଙ୍କୁ ନେଇ ଅଡୁଆରେ ପାକିସ୍ତାନ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦୁଇଥର ଭାରତ ନିକଟରୁ ପରାଜୟର ସମ୍ମୁଖୀନ ହୋଇଛି ପାକିସ୍ତାନ କ୍ରିକେଟ୍ ଦଳ। ତେବେ ଗତକାଲି ଭାରତ ବିପକ୍ଷ ସୁପର୍-୪ ମ୍ୟାଚରେ ପାକିସ୍ତାନ ଖେଳାଳିଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସେମାନଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଓପନର୍ ଶାହିବଜାଦା ଫରହାନଙ୍କ ଏକେ-୪୭ ବନ୍ଧୁକରୁ ଗୁଳି ଚାଳନା କରିବା ଶୈଳୀରେ ସେଲିବ୍ରେସନ ଏବଂ ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ବିମାନ ଖସାଇଦେବା ଇଙ୍ଗିତକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଉଭୟ ଟ୍ରୋଲର ସମ୍ମୁଖୀନ ହୋଇଛନ୍ତି। ଏହା ସେମାନଙ୍କର ପରାଜୟର ହତାଶାକୁ ପ୍ରଦର୍ଶନ କରୁଥିଲା ବୋଲି ଅନେକ କହିଛନ୍ତି। ସେହିଭଳି ଆଉ କେତେକ ଫରହାନ ଓ ରୌଫ୍‌ଙ୍କ ପ୍ରତିକ୍ରିୟା ପାକିସ୍ତାନର ଦଳର 'ମୁଜାହିଦ' ମାନସିକତାକୁ ସାମ୍ନାକୁ ଆଣିଛି ବୋଲି କହିଛନ୍ତି। ଏପରିକି ଏହି ଦୁଇ ଖେଳାଳିଙ୍କ ଏଭଳି ବ୍ୟବହାରକୁ ନେଇ ପାକିସ୍ତାନ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଛି। ପୂର୍ବରୁ ଯେବେବି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି, ସବୁବେଳେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ପ୍ରଥମଥର ପାଇଁ ପାକିସ୍ତାନ ଖେଳାଳିମାନେ କ୍ରିକେଟ୍ ପଡ଼ିଆରେ ଆତଙ୍କବାଦୀ ମାନସିକତାର ପ୍ରଦର୍ଶନୀ କରିଛନ୍ତି। 'ଭଦ୍ର ଲୋକଙ୍କ ଖେଳ' ଭାବେ ପରିଚିତ କ୍ରିକେଟରେ ଫରହାନ ଓ ରୌଫ୍ ଆତଙ୍କବାଦୀ ପ୍ରତୀକକୁ ଆଣି ପୁରାଇଛନ୍ତି ବୋଲି ଅନେକ ପୂର୍ବତନ କ୍ରିକେଟର୍ କହିଛନ୍ତି।

## ପଡ଼ିଆରେ 'ଆତଙ୍କବାଦୀ ମାନସିକତା'କୁ ପୂର୍ବତନ କ୍ରିକେଟରଙ୍କ ନିନ୍ଦା



### ଶେଷ ୭ଟି ଲଢ଼େଇରେ ଭାରତଠୁ ହାରିଛି ପାକିସ୍ତାନ

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇ ଦୁଇଟି ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ରବିବାର ରାତିରେ ଦୁବାଇର ଷ୍ଟାଡିୟମରେ ଖେଳାଯାଇଥିବା ସୁପର୍-୪ ଲଢ଼େଇରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟ୍‌ରେ ୧୭୧ ରନ କରିଥିଲା। ଜବାବରେ ଓପନର୍ ଅଭିଷେକ ଶର୍ମା (୭୪ ରନ, ୩୯ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ୪ ୱିକେଟ୍ ହରାଇ ୭ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୭ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା। ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ବିଜୟଧାରାକୁ ଗଲା ୩ ବର୍ଷ ହେଲା ବଜାୟ ରଖିଛି। ସେ ଦିନିକିଆ ବିଶ୍ୱକପ୍ ହେଉକି ଟି-୨୦ ବିଶ୍ୱକପ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ହେଉ ଅବା ଏସିଆ କପ୍। ୨୦୨୨ରୁ ଅଦ୍ୟାବଧି ବଡ଼ ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଖେଳି ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି।

**ଭାରତ-ପାକିସ୍ତାନ ଶେଷ ୭ ମ୍ୟାଚ୍**

| ଟୁର୍ଣ୍ଣାମେଣ୍ଟ | ବର୍ଷ | ଫଳାଫଳ |
|---|---|---|
| ଏସିଆ କପ୍ | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୫ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଚାମ୍ପିଅନ୍ସ ଟ୍ରଫି | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୪ | ଭାରତ ୬ ରନରେ ବିଜୟୀ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୩ | ଭାରତ ୨୨୮ ରନରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୨ | ଭାରତ ୪ ୱିକେଟ୍‌ରେ ବିଜୟୀ |

### ବ୍ରହ୍ମାସ୍ତ୍ର ଲଞ୍ଚ କଲେ ଅଭିଷେକ-ଗିଲ୍: କାନେରିଆ

ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲାକୁ ୬ ୱିକେଟ୍‌ରେ ଜିତିବା ପରେ ଭାରତର ଦୁଇ ଓପନର୍ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ବ୍ୟାଟିଂକୁ ଚାରିଆଡ଼ୁ ପ୍ରଶଂସା କରାଯାଇଛି। ୧୭୨ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଅଭିଷେକ ଓ ଗିଲ୍ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୧୦୫ ରନ ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ଏହି ଶତକୀୟ ଭାଗୀଦାରିକୁ ପୂର୍ବତନ ପାକିସ୍ତାନ କ୍ରିକେଟର୍ ଦାନିସ କାନେରିଆ ବେଶ୍ ପ୍ରଶଂସା କରିଛନ୍ତି। ଖବର ସରବରାହ ସଂସ୍ଥା ଆଇଏଏନ୍‌ଏସ୍ ସହ ଏକ ସାକ୍ଷାତ୍‌କାର ଅବସରରେ କାନେରିଆ କହିଛନ୍ତି, 'ଶାହିବଜାଦା ଫରହାନ ଅର୍ଦ୍ଧଶତକ ପରେ ଏକେ-୪୭ ବନ୍ଧୁକରୁ ଗୁଳି ଚଳାଇବା ଶୈଳୀରେ ସେଲିବ୍ରେସନ କରିଥିଲେ। କିନ୍ତୁ ଏହାପରେ ଅଭିଷେକ ଓ ଗିଲ୍ ବିସ୍ଫୋରକ ବ୍ୟାଟିଂ ଜରିଆରେ ସେମାନଙ୍କ ବ୍ୟାଟରୁ ପାକିସ୍ତାନ ଉପରେ ବ୍ରହ୍ମାସ୍ତ୍ର ଲଞ୍ଚ କରିଥିଲେ। ଭାରତୀୟ ଓପନର୍‌ଙ୍କ ପ୍ରତି ଆକ୍ରମଣ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ଧରାଶାୟୀ ହୋଇପଡ଼ିଥିଲେ। ପାକିସ୍ତାନ ବୋଲରଙ୍କୁ ଗିଲ୍ ଓ ଅଭିଷେକ ପ୍ରଥମେ 'ଧୁଲାଇ' ଓ ପରେ 'ମହାଧୁଲାଇ' କରିଥିଲେ' ବୋଲି କହି କାନେରିଆ ନିଜ ଦେଶର ଖେଳାଳିଙ୍କୁ ଭର୍ତ୍ସନା କରିଛନ୍ତି।

### ପାକିସ୍ତାନ ୨୦୦ କରିଥିଲେ ମଧ୍ୟ ହାରିଥାନ୍ତା: ଅଖତର

ଭାରତ ନିକଟରୁ କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ପୂର୍ବତନ ପାକିସ୍ତାନ କ୍ରିକେଟର୍ ନିଜ ଦଳର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ବେଶ୍ ସମାଲୋଚନା କରିଛନ୍ତି। ରାୱଲପିଣ୍ଡି ଏକ୍ସପ୍ରେସ ଭାବେ ପରିଚିତ ସୋଏବ ଅଖତର ନିଜ ଦଳକୁ ସମାଲୋଚନା କରି କହିଛନ୍ତି, ଯଦି ପାକିସ୍ତାନ ୨୦୦ ରନ କରିଥାନ୍ତା ତେବେ ତଥାପି ମ୍ୟାଚ୍ ହାରିଥାନ୍ତା। ପାକିସ୍ତାନ ବୋଲିଂ ଲାଇନଅପ୍ ୨୦୦ ରନକୁ ମଧ୍ୟ ଡିଫେଣ୍ଡ କରିପାରି ନ ଥାନ୍ତା। ଦଳର ବୋଲିଂ ରଣନୀତି ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଅବରାର ଅହମ୍ମଦଙ୍କ ଭଳି ପ୍ରମୁଖ ବୋଲରଙ୍କୁ ପଛରେ ରଖି ସଇମ ଆୟୁବଙ୍କୁ ପାୱାର ପ୍ଲେ'ରେ ବୋଲିଂ ଦେବା ବୋକାମୀ ଥିଲା' ବୋଲି ଏକ ଟିଭି ଶୋ'ରେ ଅଖତର କହିଛନ୍ତି। ଏହି ପୂର୍ବତନ ଦ୍ରୁତ ବୋଲର ଆହୁରି ମଧ୍ୟ ହାରିସ ରୌଫ୍‌ଙ୍କୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଅଖତର କହିଥିଲେ, ରୌଫ୍‌ଙ୍କୁ ଯେଉଁ ୱିକେଟ୍ ମିଳିଛି ତାହା ଭାରତୀୟ ବ୍ୟାଟର୍‌ଙ୍କ ଭୁଲ୍ ଯୋଗୁଁ ପାଇଛନ୍ତି। ସେ ନିଜ ଦକ୍ଷତା ବଳରେ ଜଣେ ବି ଭାରତୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିନାହାନ୍ତି। ସେହିଭଳି ଅଭିଷେକଙ୍କ ବ୍ୟାଟିଂ ବେଶ୍ ପ୍ରଶଂସନୀୟ ଥିଲା। ଯଦି ଅଭିଷେକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥାନ୍ତେ ତେବେ ଭାରତ ୧୫ ଓଭରରେ ମ୍ୟାଚ୍ ଜିତିଯାଇଥାନ୍ତା। ସଞ୍ଜୁ ସାମସନଙ୍କ ସ୍ଥାନରେ ଲୋକେଶ ରାହୁଲ ଭାରତୀୟ ଦଳରେ ରହିଥିଲେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହୋଇଥାନ୍ତା' ବୋଲି ସୋଏବ କହିଛନ୍ତି। ନିଜ ଦେଶର ଖେଳାଳିଙ୍କୁ ଅଖତରଙ୍କ ଏହି ସମାଲୋଚନା ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଗଭୀର ସମସ୍ୟାରେ ପକାଇଛି।

**DP WORLD ASIA CUP — ଆଜିର ମ୍ୟାଚ୍**

ଶ୍ରୀଲଙ୍କା-ପାକିସ୍ତାନ
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

**ସୁଲତାନ ଜୋହର କପ୍ ଜୁନିଅର ହକି**

# ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଗାମୀ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତୀୟ ଜୁନିଅର ପୁରୁଷ ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତ୍‌ଙ୍କୁ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ରୋସନ କୁଜୁର ଓ ଆଦ୍ରୋହିତ୍ ଏକ୍କା। ସେହିଭଳି ୫ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏ ଭାବେ ଦଳରେ ରଖାଯାଇଛି। ଏଥିରେ ମଧ୍ୟ ଓଡ଼ିଶାର ବିବେକ ଲାକ୍ରା ଓ ରୋହିତ୍ କୁଲ୍ଲୁଙ୍କୁ ସାମିଲ କରାଯାଇଛି। ୨୧ ବର୍ଷରୁ କମ୍ ଏହି ସମ୍ମାନଜନକ ହକି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଖେଳାଯିବ।





ଆୟୋଜକ ମାଲେସିଆ ସମେତ ଭାରତ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲା।

# ନାଇଟ୍ ରାଇଡର୍ସଙ୍କୁ ୫ମ ସିପିଏଲ୍ ଟ୍ରଫି




ଗୁୟାନା, ୨୨।୯ (ଏଜେନ୍ସି): କାରିବୀଆନ ପ୍ରିମିୟର ଲିଗ୍ (ସିପିଏଲ୍)ର ୧୩ତମ ସଂସ୍କରଣରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ନାଇଟ୍ ରାଇଡର୍ସ ୩ ୱିକେଟ୍‌ରେ ଗୁୟାନା ଆମାଜନ ୱାରିୟର୍ସଙ୍କୁ ପରାସ୍ତ କରି ରେକର୍ଡ ୫ମଥର ଲାଗି ସିପିଏଲ୍ ଟ୍ରଫି ଜିତିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁୟାନା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଇଫତିକାର ଅହମ୍ମଦ ସର୍ବାଧିକ ୩୦, ବେନ୍ ମ୍ୟାକଡର୍ମଟ୍ଟ ୨୮ ରନ କରିଥିଲେ। ଜବାବରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ୨ ଓଭର ବଳକା ଥାଇ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଲେକ୍ସ ହେଲ୍ସ ୨୬, କଲିନ ମୁନରୋ ୨୩, ସୁନିଲ ନାରାୟଣ ୨୨ ରନ କରିଥିଲେ। ଅଧିନାୟକ ନିକୋଲସ ପୁରନ ୧ ରନ କରି ନିରାଶ କରିଥିଲେ।

# ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



କଟକ,୨୨।୯ (ସମିସ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅଧ୍ୟକ୍ଷ ଜୟ ଶାହଙ୍କୁ ଅହମ୍ମଦାବାଦ୍‌ରେ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଶ୍ରୀ ଶାହଙ୍କ ଜନ୍ମଦିନ ଉପଲକ୍ଷେ ସଞ୍ଜୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟ କ୍ରିକେଟ ବାବଦରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଞ୍ଜୟ ଶ୍ରୀ ଶାହଙ୍କୁ ନିମନ୍ତ୍ରଣ ଦେଇଥିଲେ।

# ୧୧ ବର୍ଷ ପରେ ଭାରତ ଆସିବେ ବୋଲ୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଠଥରର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମହାନ ଧାବକ ଉସେନ ବୋଲ୍ଟ ଭାରତରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧ରେ ମୁମ୍ବାଇରେ ଏହି ଫୁଟ୍‌ବଲ ମ୍ୟାଚ୍ ଖେଳାଯିବ। ଏକ ସ୍ପୋର୍ଟ୍ସ ବ୍ରାଣ୍ଡର ଦୁଇ ଦିନିଆ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଆୟୋଜିତ ହେବ। ଏହି ଫୁଟବଲ୍ ମ୍ୟାଚ୍ ଇଣ୍ଡିଆନ ସୁପର୍ ଲିଗ୍‌ର ଦୁଇ ଦଳ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଥିରେ ବୋଲ୍ଟ ମୁମ୍ବାଇ ପାଇଁ ଗୋଟିଏ ହାଫ୍ ଓ ବେଙ୍ଗାଲୁରୁ ପାଇଁ ଅନ୍ୟ ହାଫ୍‌ଟି ଖେଳିବେ ବୋଲି ଜଣାପଡ଼ିଛି। ବଲିଉଡ୍‌ର କିଛି ଚର୍ଚ୍ଚିତ ଚେହେରାଙ୍କୁ ମଧ୍ୟ ଏହି ପ୍ରଦର୍ଶନୀ ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଜାମାଇକା ତାରକା ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ମଧ୍ୟରେ ଦିଲ୍ଲୀ ଓ ମୁମ୍ବାଇରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଉଲ୍ଲେଖଯୋଗ୍ୟ, ୩୯ ବର୍ଷୀୟ ବୋଲ୍ଟ ଦ୍ୱିତୀୟଥର ଲାଗି ଭାରତ ଗସ୍ତରେ ଆସିବେ। ଏଥିପୂର୍ବରୁ ସେ ୨୦୧୪ରେ ପ୍ରଥମଥର ଭାରତ ଗସ୍ତରେ ଆସି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ରିକେଟର୍ ଯୁବରାଜ ସିଂହଙ୍କ ସହ ଏକ ୧୦୦ ମିଟର ରେସରେ ଭାଗନେଇଥିଲେ।

**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

# ପୁରୀ ଟାଇଟନ୍ସର ଦ୍ୱିତୀୟ ବିଜୟ



କଟକ,୨୨।୯ (ସମିସ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସୋମବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୪୫ ରନରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ଟାଇଟନ୍ସର ଏହା ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ପୁରୀ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଷ୍ଟିଲର୍ସ ଏଯାବତ୍ ବିଜୟ ଖାତା ଖୋଲିପାରିନି। ଏକ ମ୍ୟାଚ୍ ବାତିଲ ଯୋଗୁଁ ୨ ପଏଣ୍ଟ ହାସଲ କରି ଷ୍ଟିଲର୍ସ ଦଳ ଟେବଲର ଅନ୍ତିମ ସ୍ଥାନରେ ରହିଛି।

ଟାଇଟନ୍ସ ଏବଂ ଷ୍ଟିଲର୍ସ ମଧ୍ୟରେ ହୋଇଥିବା ମୁକାବିଲାରେ ବର୍ଷା ବାଧକ ସାଜିଥିଲା। ଖେଳ ୧୮ ଓଭର ବିଶିଷ୍ଟ କରାଯିବାକୁ ମ୍ୟାଚ୍ ରେଫରୀ ଘୋଷଣା କରିଥିଲେ। ରାଉରକେଲା ଷ୍ଟିଲର୍ସ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିଫଳତା ସତ୍ତ୍ୱେ ଟାଇଟନ୍ସ ୬ ୱିକେଟ ବିନିମୟରେ ୧୬୧ ରନ ସଂଗ୍ରହ କରି ପାରିଥିଲା। କାର୍ତ୍ତିକ ବିଶ୍ୱାଳ ୨୯ ବଲରୁ ୪୨ ରନ ଓ ମିଡିୟମ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତି ୪୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ରାଉରକେଲାର ପ୍ରଦୀପ ପ୍ରଧାନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପୁର୍ନବାର ବର୍ଷା ଯୋଗୁଁ ଡିଏଲଏସ୍ ପଦ୍ଧତିର ସହାୟତା ନିଆଯାଇଥିଲା।




ଏଥିରେ ୧୦.୪ ଓଭରରେ ରାଉରକେଲା ସମ୍ମୁଖରେ ୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଷ୍ଟିଲର୍ସ ୫ ୱିକେଟ ହରାଇ ମାତ୍ର ୫୧ରନ ସଂଗ୍ରହ କରିଥିଲା। ଅମିନ ଖାନ ସର୍ବାଧିକ ୧୫ ରନ କରିଥିଲେ। ବିଜୟୀ ଟାଇଟନ୍ସ ପକ୍ଷରୁ ମହମ୍ମଦ ଡାନିସ୍ ୨ଟି ୱିକେଟ ଦଖଲ କରିଥିଲେ। କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

**● ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍**

# ସାଗରଙ୍କୁ ସ୍ୱର୍ଣ୍ଣ, ସୂରଜ ଜିତିଲେ ରୌପ୍ୟ




ଭୁବନେଶ୍ୱର, ୨୨।୯ (ସମିସ): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ସୋମବାରଠାରୁ ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୩୬ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ୨ଟି ପଦକ ସଫଳତା ମିଳିଛି। ପୁରୁଷ ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସାଗର ୧.୯୦ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଡିସକସ୍ ଥ୍ରୋରେ ଓଡ଼ିଶାର ସୂରଜ ଗୋପେ ରୌପ୍ୟ ପଦକ ହାସଲ କରିଛନ୍ତି। ସୂରଜ ୪୩.୪୪ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନିଦିନିଆ ଏହି ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS